RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -116 | ସଂଖ୍ୟା-୧୧୬
ଭୁବନେଶ୍ୱର, ମଙ୍ଗଳବାର ୧୫, ଜୁଲାଇ ୨୦୨୫
Bhubaneswar, Tuesday, 15 July, 2025
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com | RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଛାତ୍ରୀଙ୍କୁ ଭେଟିଲେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୪।୭(ନି.ପ୍ର):** ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏମ୍ସରେ ମରଣସହ ସଂଘର୍ଷ କରୁଥିବା ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀଙ୍କୁ ଭେଟିଛନ୍ତି। ସମାବର୍ତ୍ତନ ଉତ୍ସବ ଶେଷ ହେବା ପରେ ଏମ୍ସ ବର୍ଣ୍ଣ ଓ୍ୱାର୍ଡରେ ବାଲେଶ୍ୱର ପୀଡିତାଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭେଟିଛନ୍ତି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଦେଖିବା ସହିତ ରାଷ୍ଟ୍ରପତି ସ୍ଥିତି ଅନୁଧ୍ୟାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ରହିଥିଲେ।ଏହା ସହିତ ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଶାନ୍ତ୍ୱନା ଦେଇଛନ୍ତି। ରାଷ୍ଟ୍ରପତି ଡାକ୍ତରଙ୍କ ସହ ଚିକିତ୍ସା ସମ୍ବନ୍ଧରେ ଆଲୋଚନା କରି ଭାବପ୍ରବଣ ହୋଇ ଯାଇଥିଲେ। ରାଷ୍ଟ୍ରପତି କହିଥିଲେ ଠାକୁରଙ୍କ ପାଖରେ ପ୍ରାର୍ଥନା କରନ୍ତୁ ସେ ସୁସ୍ଥ ହୋଇ ଫେରି ଆସନ୍ତୁ। ଏହା ସହ ତ୍ୱରିତ ପଦକ୍ଷେପ ପାଇଁ ରାଷ୍ଟ୍ରପତି ନିର୍ଦ୍ଦେଶ ଦେଇଛନ୍ତି । ରାଷ୍ଟ୍ରପତି କହିଥିଲେ ମୁଁ, ସମସ୍ତଙ୍କ ସହ କଥା ହୋଇଛି ଏବଂ ଆଗକୁ ଆହୁରି ଶୀଘ୍ର କେମିତି ଛାତ୍ରୀ ଜଣଙ୍କ ସୁସ୍ଥ ହେବେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ଆଶ୍ୱାସନା ଦେଇଛନ୍ତି ।ଯଦି ଆବଶ୍ୟକ ହୁଏ କୋଉଠିକୁ ସ୍ଥାନାନ୍ତର କରାଯାଇ ପାରିବ ତାହା ବନ୍ଦୋବସ୍ତ କରିବାକୁ ରାଷ୍ଟ୍ରପତି ଭରସା ଦେଇଥିବା ନେଇ ପୀଡିତା ଛାତ୍ରୀଙ୍କ ଭାଇ ସୌମ୍ୟରଞ୍ଜନ ବିଶି କହିଛନ୍ତି। ଏସମ୍ପର୍କରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ବିଶ୍ୱାସ କହିଛନ୍ତି, ରାଷ୍ଟ୍ରପତି ପୀଡ଼ିତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ବର୍ତ୍ତମାନର ସ୍ଥିତି ସହ କଣ ଚିକିତ୍ସା ଯୋଗାଇ ଦିଆଯାଉଛି ପଚାରି ବୁଝିଥିଲେ।

# ଏମ୍ସର ୫ମ ଦୀକ୍ଷାନ୍ତ ସମାରୋହରେ ରାଷ୍ଟ୍ରପତି

**ଭୁବନେଶ୍ୱର,୧୪।୭(ନି.ପ୍ର):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଓଡିଶାର ଭୁବନେଶ୍ୱର ଅବସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ ର ପଞ୍ଚମ ଦିକ୍ଷାନ୍ତ ସମାରୋହରେ ଯୋଗ ଦେଇଥିଲେ। ଏହି ସୁଯୋଗରେ ସେ ବିଦ୍ୟାଳୟର ଉପଲବ୍ଧିଗୁଡ଼ିକୁ ସ୍ୱୀକାର କରି ବିଦ୍ୟାର୍ଥୀ, ଶିକ୍ଷକମାନେ ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ତାଙ୍କର ଉଦବୋଧନରେ ରାଷ୍ଟ୍ରପତି କହିଥିଲେ ଯେ, ଗତ ୧୨ ବର୍ଷରେ ଏମ୍ସ୍ ଭୁବନେଶ୍ୱର ରୋଗୀ ସେବା, ଚିକିତ୍ସା ଗବେଷଣା ଓ ସାମାଜିକ କାର୍ଯ୍ୟରେ ଉଲ୍ଲେଖନୀୟ ଉନ୍ନତି କରିଛି। ଏମ୍ସ ଓଡିଶା ସହିତ ଏହାର ପାଖପାଖି ରାଜ୍ୟଗୁଡିକ ଯଥା ପଶ୍ଚିମ ବଙ୍ଗ, ଛତିଶଗଡ଼ ଓ ଝାଡ଼ଖଣ୍ଡ ପାଇଁ ଏକ ଭରସାଯୋଗ୍ୟ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବେ ପରିଣତ ହୋଇଛି। ଓ୍ୱାର୍ଲ୍ଡ ହେଲଥ୍ ଅର୍ଗାନାଇଜେସନ୍ ଦ୍ୱାରା ଏମ୍ସ୍ ଭୁବନେଶ୍ୱରକୁ 'ଏସିଆ ସେଫ୍ ସର୍ଜିକାଲ୍ ଇମ୍ପ୍ଲାଣ୍ଟକନସୋର୍ଟିୟମ୍ କ୍ୱିଆଇପି ପୁରସ୍କାର' ପ୍ରଦାନ କରାଯାଇଥିବା ଜାଣି ରାଷ୍ଟ୍ରପତି ପ୍ରସନ୍ନତା ବ୍ୟକ୍ତ କରିଥିଲେ। ସେ କହିଥିଲେ ଯେ, ଦେଶର ବିଭିନ୍ନ ସ୍ଥାନରେ ସ୍ଥାପିତ ଏମ୍ସ୍ ପରି ସଂସ୍ଥାନଗୁଡିକ ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଅନୁଭବୀ ଡାକ୍ତରମାନଙ୍କ ମାଧ୍ୟମରେ ଗୁଣବତ୍ତାପୂର୍ଣ୍ଣ ସ୍ୱାସ୍ଥ୍ୟ ସେବା ଅତ୍ୟନ୍ତ ସୁଲଭ ମୂଲ୍ୟରେ ପ୍ରଦାନ କରୁଛନ୍ତି। ନିକଟ ଭବିଷ୍ୟତରେ ଭାରତ ବିଶ୍ୱରେ ଗୋଟିଏ



ଅଗ୍ରଣୀ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଭାବରେ ପରିଚିତ ହେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଚିକିତ୍ସା ଗବେଷଣାର ଭୂମିକା ଉପରେ ଜୋର ଦେଇ ରାଷ୍ଟ୍ରପତି କହିଥିଲେ ଯେ, ଆଜି ଚିକିତ୍ସା ପ୍ରକ୍ରିୟା ଅଧିକ ସହଜ ହୋଇଯାଇଛି ଓ କୁଷ୍ଠରୋଗ, ପୋଲିଓ, ଟିବି ପରି ରୋଗମାନଙ୍କର ଭାର ପୂର୍ବପେକ୍ଷା ବହୁତ ହ୍ରାସ (ପାଇଛି। ଏହା ପାଇଁ ଡାକ୍ତରମାନେ, ଗବେଷକମାନେ, ସ୍ୱାସ୍ଥ୍ୟ କର୍ମଚାରୀମାନେ ଓ ସରକାରମାନେ ପ୍ରଶଂସାର ଯୋଗ୍ୟ।

ରାଷ୍ଟ୍ରପତି ସମାଜରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅବସାଦ (ଡିପ୍ରେସନ୍) ପ୍ରତି ଉଦବେଗ ପ୍ରକାଶ କରି ସେ କହିଥିଲେ ଯେ, ଏହାର ଚିକିତ୍ସା ପାଇଁ ଔଷଧ ସହିତସହିତ ସଚେତନତା ଓ ଜୀବନଶୈଳୀରେ ପରିବର୍ତ୍ତନ ଆବଶ୍ୟକ। ଯୋଗ ଓ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇପାରେ ଏବଂ ଡାକ୍ତରମାନେ ଏହି ଦିଗରେ ସମାଜକୁ ସଚେତନ କରିବା ଉଚିତ। ସେ ମୋଟାପା ପରି ଜୀବନଶୈଳୀ ସଂପୃକ୍ତ ରୋଗମାନେ ଉପରେ ମଧ୍ୟ ଗୁରୁତ୍ୱ ଦେଇ କହିଥିଲେ ଯେ, ନିୟମିତ ଅଭ୍ୟାସ, ସନ୍ତୁଳିତ ଖାଦ୍ୟ ଓ ଶିସ୍ଟ ଦିନଚର୍ଯ୍ୟା ମାଧ୍ୟମରେ ଏହାକୁ ନିୟନ୍ତ୍ରଣ କରାଯାଇପାରିବ।

ଏହି ଅବସରରେ, ରାଷ୍ଟ୍ରପତିଙ୍କ ସହିତ ଓଡ଼ିଶାର ରାଜ୍ୟପାଳ ହରି ବାବୁ କମ୍ଭମପତି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଲୋକସଭା ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ, ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଆପଣମାନଙ୍କୁ ସମ୍ବୋଧିତ କରିବା ମୋର ସୌଭାଗ୍ୟ। ସରକାର ଏବଂ ଓଡ଼ିଶାର ଜନସାଧାରଣଙ୍କ ପକ୍ଷରୁ, ମୁଁ ସମସ୍ତ ସ୍ନାତକ, ସେମାନଙ୍କ ପରିବାର ଏବଂ ଏମ୍ସ କମ୍ୟୁନିଟିକୁ ଅଭିନନ୍ଦନ ଜଣାଉଛି। ଏହି ଅବସରରେ ଉପସ୍ଥିତି ପାଇଁ ରାଷ୍ଟ୍ରପତିଙ୍କୁ ମୋର ଗଭୀର କୃତଜ୍ଞତା ଜଣାଉଛି। ଆପଣଙ୍କ ଉପସ୍ଥିତି ଆମ ସମସ୍ତଙ୍କୁ ପ୍ରେରଣା ଦିଏ ଏବଂ ଏହି ସମାବର୍ତ୍ତନର ଗୁରୁତ୍ୱକୁ ବୃଦ୍ଧି କରେ। ଆମେ ଜାଣୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଏବଂ ଗତିଶୀଳ ନେତୃତ୍ୱରେ ଭୁବନେଶ୍ୱର ଏମ୍ସ ବହୁଗୁଣିତ ହୋଇଛି। ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟସେବା ସେବାର ଡିଜିଟାଲ ପରିବର୍ତ୍ତନ ଏବଂ ଆଧୁନିକୀକରଣ ଉପରେ ଗୁରୁତ୍ୱ ଦେଇଛନ୍ତି। ଏମସ୍ ଭୁବନେଶ୍ୱରରେ ଇ-ପେମେଣ୍ଟ ସୁବିଧା ଆରମ୍ଭ କରିବା ଭଳି ପଦକ୍ଷେପଗୁଡ଼ିକ ଡିଜିଟାଲ ଇଣ୍ଡିଆ ପାଇଁ ମୋଦୀ ଜୀଙ୍କ ଦୃଷ୍ଟିକୋଣ ସହିତ ସମାନ, ଯାହା ସ୍ୱାସ୍ଥ୍ୟସେବାକୁ ଜନସାଧାରଣଙ୍କ ପାଇଁ ଅଧିକ ସୁଲଭ ଏବଂ ଦକ୍ଷ କରିଛି। ସ୍ଥାନୀୟ ଭାଷାରେ ଡାକ୍ତରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଛନ୍ତି, ଯାହାର ଲକ୍ଷ୍ୟ ହେଉଛି ସାରା ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ଡାକ୍ତରୀ ଜ୍ଞାନକୁ ଅଧିକ ସୁଗମ ଏବଂ ଅନ୍ତର୍ଭୁକ୍ତ କରିବା। ଆମ ସରକାର ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ସହିତ ସମନ୍ୱୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା କାର୍ଯ୍ୟକାରୀ କରିଛନ୍ତି ଯାହା ବ୍ୟାପକ, ନଗଦହୀନ ଏବଂ ପୋର୍ଟେବେଲ୍ ସ୍ୱାସ୍ଥ୍ୟ କଭରେଜ୍ ବ୍ୟବସ୍ଥା ପ୍ରଦାନ କରେ। ଏହି ଯୋଜନାରେ ରାଜ୍ୟର ୩.୫୨ କୋଟିରୁ ଅଧିକ ଲୋକ ଉପକୃତ ହେଉଛନ୍ତି। ଏଥିରେ ମହିଳା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଡାକ୍ତରମାନେ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଦରକାର । ଆକାଂକ୍ଷୀ ସମାଜର ଯତ୍ନ ନେବା ସହ ଓଡ଼ିଶାରେ ସେବା କରିବା ଦରକାର । ସୋମବାର ଏମ୍ସ, ଭୁବନେଶ୍ୱରର ପଞ୍ଚମ ସମାବର୍ତନ ସମାରୋହ ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତିରେ ସ୍ନାତକୋତ୍ତର ଡାକ୍ତର ଏବଂ ଶିକ୍ଷା ସମୁଦାୟଙ୍କୁ ସମ୍ବୋଧିତ କରି ଏହି ପରାମର୍ଶ ଦେଇଛନ୍ତି। ଏମ୍ସ ଭୁବନେଶ୍ୱରରେ ଡାକ୍ତରମାନଙ୍କୁ ମାର୍ଗଦର୍ଶନ ଏବଂ ପ୍ରେରଣା ଦେବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଧନ୍ୟବାଦ ଜଣାଇଛନ୍ତି ଶ୍ରୀ ପ୍ରଧାନ । ସେ କହିଛନ୍ତି ଦୁଇ ଦଶନ୍ଧି ପୂର୍ବରୁ ଭାରତରତ୍ନ ସ୍ୱର୍ଗତ ଶ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଶିକ୍ଷା ଓ ଗବେଷଣା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷତାର ଏକ 'ବଟବୃକ୍ଷ'ରେ ପରିଣତ ହୋଇଛି ।

## ଅଲଗା ହେଲେ କଶ୍ୟପ-ସାଇନା

ହାଇଦ୍ରାବାଦ,୧୪।୭(ନି.ପ୍ର.); ଭାରତ ପାଇଁ ବ୍ୟାଡମିଂଟନରେ ଅଲିମ୍ପିକ୍ସ ପଦକ ଜିତିଥିବା ସାଇନା ନେହୱାଲ ବଡ ଘୋଷଣା କରିଛନ୍ତି। ଅଲିମ୍ପିକ୍ସ ବ୍ରୋଞ୍ଜ ମେଡାଲିଷ୍ଟ ସାଇନା ସ୍ୱାମୀ ପାରୁପଲ୍ଲି କଶ୍ୟପଙ୍କ ଠାରୁ ଅଲଗା ହୋଇଯାଇଥିବା ସମଗ୍ର ବିଶ୍ୱକୁ ସୂଚନା ଦେଇଛନ୍ତି। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଐତିହାସିକ ବ୍ରୋଞ୍ଜ ପଦକ ଜିତିଥିବା ସାଇନା ରବିବାର ବିଳମ୍ବିତ ରାତିରେ ସୋଶାଲ ମିଡିଆରେ ନିଜର ବିଚ୍ଛେଦ ସମ୍ପର୍କରେ ଅବଗତ



କରାଇଛନ୍ତି।
ସେ କହିଛନ୍ତି, "ବେଳେବେଳେ ଜୀବନ ଆମକୁ ଭିନ୍ନ ଏକ ଦିଗରେ ନେଇଯାଏ। ଅନେକ ବିଚାର ବିମର୍ଶ ପରେ କଶ୍ୟପ ପାରୁପଲ୍ଲି ଓ ମୁଁ ଅଲଗା ହୋଇ ଯିବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଜ ପାଇଁ ଓ ପରସ୍ପର ପାଇଁ ଶାନ୍ତି, ଉନ୍ନତିକୁ ବାଛିଛୁ। ସମସ୍ତ ସ୍ମୃତି ପାଇଁ ମୁଁ କୃତଜ୍ଞ। ମୁଁ କିଛି ଚାହୁଁନାହୁଁ, କିନ୍ତୁ ଆଗକୁ ବ[illegible]ବାକୁ ଚାହୁଁଛି। ଏହି ସମୟରେ ଆମର ଗୋପନୀୟତାକୁ ବୁଝିବା ଓ ସମ୍ମାନ ଜଣାଉଥିବାରୁ ଧନ୍ୟବାଦ।"
ସାଇନା ଓ କଶ୍ୟପ ଦୀର୍ଘ ଦିନର ପ୍ରେମ ସମ୍ପର୍କକୁ ୨୦୧୮ରେ ବାହାଘରର ରୂପ ଦେଇଥିଲେ। ଉଭୟ ହାଇଦ୍ରାବାଦରେ ଥିବା ପୁଲ୍ଲେଲା ଗୋପିଚାନ୍ଦ ଏକେଡେମୀରେ ଟ୍ରେନିଂ ନେଉଥିଲେ। ସାଇନା ଦେଶ ପାଇଁ ଅନ୍ତର୍ଜାତୀୟ ମଞ୍ଚରେ ଅନେକ ସଫଳତା ସାଉଁଟି ଥିବା ବେଳେ କଶ୍ୟପ ୨୦୧୪ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଦେଶ ପାଇଁ ସ୍ୱର୍ଣ୍ଣ ପଦକ ଜିତି ଚର୍ଚ୍ଚାକୁ ଆସିଥିଲେ।

## ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ | ନିଲମ୍ବିତ ପ୍ରିନ୍ସିପାଲ ଗିରଫ

**ବାଲେଶ୍ୱର,୧୪।୭(ନି.ପ୍ର.):** ବାଲେଶ୍ୱର ଜିଲାର ଫକୀର ମୋହନ (ଏଫଏମ) ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାକୁ ନେଇ ଚାଞ୍ଚଲ୍ୟ ଜାରି ରହିଥିବା ବେଳେ ନିଲମ୍ବିତ ପ୍ରିନ୍ସିପାଲ ଦିଲୀପ ଘୋଷଙ୍କୁ ସହଦେବଖୁଣ୍ଟା ପୋଲିସ ଗିରଫ କରିଛି। ଏହା ପୂର୍ବରୁ ଶିକ୍ଷା ବିଭାଗର ମୁଖ୍ୟ (ଏଚ୍‌ଓଡି) ସମୀର କୁମାର ସାହୁଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା। ଏହି ଘଟଣାରେ ଛାତ୍ରୀଙ୍କ ପରିବାର ଓ ଛାତ୍ରସଙ୍ଘ ପକ୍ଷରୁ ଦିଲୀପ ଘୋଷଙ୍କ ଗିରଫ ଦାବି ଉଠିଥିଲା।

ଜଣେ ୨୦ ବର୍ଷୀୟ ବି.ଏଡ ଛାତ୍ରୀ ଶନିବାର କଲେଜ ପରିସରରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଆତ୍ମହତ୍ୟା ଚେଷ୍ଟା କରିଥିଲେ। ଏହି ଘଟଣାରେ ତାଙ୍କ ଶରୀରର ୯୫% ଜଳିଯାଇଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ଏବଂ ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ସ୍ଥାନାନ୍ତରିତ କରାଯାଇଥିଲା। ଏମ୍ସ ଭୁବନେଶ୍ୱରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଦିଲୀପ



ପରିଡାଙ୍କ ଅନୁଯାୟୀ, ଛାତ୍ରୀଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଛି ଏବଂ ଆଗାମୀ ୭୨ ଘଣ୍ଟା ତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

ଛାତ୍ରୀଙ୍କ ପିତାଙ୍କ ଅଭିଯୋଗ ଅନୁଯାୟୀ, ସମୀର କୁମାର ସାହୁ ତାଙ୍କ ଝିଅକୁ ଯୌନ ଉତ୍ପୀଡ଼ନ କରିଥିଲେ ଏବଂ ପ୍ରିନ୍ସିପାଲ ଦିଲୀପ ଘୋଷ ଏହି ଅଭିଯୋଗର ସମାଧାନ ନ କରି ତାଙ୍କ ଝିଅକୁ ଅଭିଯୋଗ ପ୍ରତ୍ୟାହାର କରିବାକୁ ଚାପ ଦେଇଥିଲେ। ଛାତ୍ରୀ ଜୁନ ୩୦ରେ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ରେ ଅଭିଯୋଗ ଦାଖଲ କରିଥିଲେ, କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ସେ ଚରମ ପଦକ୍ଷେପ ନେଇଥିଲେ। ଏକ୍ସରେ ସେ ନିଜର ଅଭିଯୋଗ ସେୟାର କରି ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବେ ବୋଲି ଲେଖିଥିଲେ।

ଘଟଣା ପରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଦିଲୀପ ଘୋଷ ଓ ସମୀର ସାହୁଙ୍କୁ ନିଲମ୍ବିତ କରିଥିଲା। ସମୀର ସାହୁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୧୦୮ (ଆତ୍ମହତ୍ୟା ପାଇଁ ପ୍ରରୋଚନା) ସମେତ ଅନ୍ୟାନ୍ୟ ଧାରାରେ ଗିରଫ କରାଯାଇଥିଲା। ଏବେ ଦିଲୀପ ଘୋଷଙ୍କୁ ମଧ୍ୟ ଗିରଫ କରାଯାଇଛି, ଯାହା ଛାତ୍ରୀଙ୍କ ପରିବାର ଓ ଛାତ୍ରସଙ୍ଘର ଦାବିକୁ ପୂରଣ କରିଛି।

ଓଡ଼ିଶା ସରକାର ଏହି ଘଟଣାର ତଦନ୍ତ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି, ଯାହାକୁ ଉଚ୍ଚଶିକ୍ଷା ନିର୍ଦ୍ଦେଶକ କାଳିପ୍ରସନ୍ନ ମହାପାତ୍ର ନେତୃତ୍ୱ ଦେଉଛନ୍ତି। ଏହି କମିଟି ଘଟଣାର ପରିସ୍ଥିତି, ଅଭିଯୁକ୍ତ ଅଧ୍ୟାପକଙ୍କ ସଂପୃକ୍ତି ଏବଂ କଲେଜ ପ୍ରଶାସନର ଭୂମିକା ତଦନ୍ତ କରୁଛି। ଏହା ସହିତ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଏମ୍ସ ଭୁବନେଶ୍ୱର ଗସ୍ତ କରି ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଖୋଜଖବର ନେଇଥିଲେ ଏବଂ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଇଥିଲେ।

## ୧୧୫୮ ନିଯୁକ୍ତିକୁ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୪।୭(ଏଜେନ୍ସି): ପଞ୍ଜାବର ବିଭିନ୍ନ କଲେଜରେ ନିଯୁକ୍ତି ପାଇଥିବା ୧୧୫୮ ଜଣ ସହକାରୀ ପ୍ରଫେସର ଓ ଲାଇବ୍ରେରିଆନଙ୍କ ନିଯୁକ୍ତିକୁ ରଦ୍ଦ କରି ଦେଇଛନ୍ତି ସୁପ୍ରିମକୋର୍ଟ। ନିଯୁକ୍ତିପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା କଥା କହି ସର୍ବୋଚ୍ଚ ଅଦାଲତ ଏପରି ପଦକ୍ଷେପ ଗ୍ରହଣ କରିଛନ୍ତି।

୨୦୨୪ ସେପ୍ଟେମ୍ବର ମାସରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ନିଯୁକ୍ତି ପ୍ରକ୍ରିୟାକୁ କାଏମ ରଖିଥିଲେ। ହେଲେ ଆଜି ଉକ୍ତ ରାୟକୁ ସୁପ୍ରିମକୋର୍ଟ ରଦ୍ଦ କରିଦେଇଛନ୍ତି। ନିଜର ରାୟରେ ସୁପ୍ରିମକୋର୍ଟ କହିଛନ୍ତି, ଚୟନ ପ୍ରକ୍ରିୟା ସଂପୂର୍ଣ୍ଣ ଭାବେ ଏକତରଫା ଭାବେ କରାଯାଇଥିଲା। ଚୟନ ପ୍ରକ୍ରିୟାରେ କୌଣସି ପ୍ରକାରର ପ୍ରଚଳିତ ନିୟମ ଓ ଗାଇଡଲାଇନକୁ ପାଳନ କରାଯାଇ ନଥିଲା। ପଞ୍ଜାବ ସରକାର ଏପରି ନିଯୁକ୍ତିର ଆବଶ୍ୟକତାକୁ ନେଇ କୌଣସି ପ୍ରକାରର ବୈଧ ଯୁକ୍ତି ଉପସ୍ଥାପନ ମଧ୍ୟ କରିପାରି ନାହାନ୍ତି ବୋଲି କୋର୍ଟ ମତ ରଖିଛନ୍ତି।

## ମୁଁ ନିଜକୁ ମଧ୍ୟ ପକ୍ଷଭୁକ୍ତ କରୁଛି: ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୪।୭(ନି.ପ୍ର.): ବାଲେଶ୍ୱର ଛାତ୍ରୀଙ୍କ ଘଟଣା ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିକ୍ରିୟା ଦେଇଛନ୍ତି। ସେ କହିଛନ୍ତି ପୀଡିତା ଏବେ କ୍ରିଟିକାଲ କେୟାର ସେଣ୍ଟରରେ ଅଛନ୍ତି। ମୁଁ ତାଙ୍କ ପରିବାରଙ୍କୁ ଭେଟିଲି।



ଏହା ଅତି ଦୁର୍ଭାଗ୍ୟ ଜନକ ଘଟଣା। ପୀଡ଼ିତା ପରିବାରଙ୍କୁ ସମବେଦନା ଦେଲି। ଏବେ ସମସ୍ୟା ହେଉଛି ଝିଅଟି ଜଟିଳ ଅବସ୍ଥାରେ ଅଛି। ଡାକ୍ତରଙ୍କ ସହିତ ଆଲୋଚନା କଲି। ସେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ। ଏହା ହିଁ ଆମ କାମନା।

ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଘଟିଥିବା ଅଘଟଣରେ ଛାତ୍ରୀଜଣକ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ତାଙ୍କର ବାପା ମାଆଙ୍କୁ ଭେଟି ସମବେଦନା ଜଣାଇବା ସହ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କଲି । ସେ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା। ଏହା ସହିତ ୨-୩ ଘଟଣା ଯୋଡି ହୋଇ ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ପ୍ରଶାସନିକ ପକ୍ଷ, ଆଇନ ପକ୍ଷ ଏବଂ ମୁଁ ଯେହେତୁ କେନ୍ଦ୍ର ଶିକ୍ଷା ବିଭାଗ ଦାୟିତ୍ୱରେ ଅଛି, ମୁଁ ମଧ୍ୟ ନିଜକୁ ଗୋଟେ ପକ୍ଷଭୁକ୍ତ କରୁଛି। ଆମ ସମାଜର ଅବସ୍ଥା ଏବେ କଣ ହେଲାଣି। ଶିକ୍ଷା ବ୍ୟବସ୍ଥାରେ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ କେଉଁଠି ପହଞ୍ଚିଲାଣି ତାହା ଚିନ୍ତାର ବିଷୟ। ଏହା ମୋତେ ଓଡ଼ିଆ ଅଭିଭାବକ ଭାବେ ଚିନ୍ତିତ କରିଛି। ରାଜ୍ୟ ସରକାର ଏହା ଉପରେ ଅତ୍ୟନ୍ତ ତ୍ୱରିତ, ସ୍ପଷ୍ଟ ଏବଂ କଡା ଆଭିମୁଖ୍ୟ ଦେଖାଇଛନ୍ତି।

### କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଉଦ୍ୟମରେ

# ରାହୁଲ ଗାନ୍ଧିଙ୍କୁ ଭେଟିଲେ କଳିଙ୍ଗ ନଗର ବିସ୍ଥାପିତ ଓ ପୋଲିସ ଗୁଳିରେ ମୃତ୍ୟୁବରଣ କରିଥିବା ପରିବାରବର୍ଗ

ଭୁବନେଶ୍ୱର: କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଶରତ ରାଉତଙ୍କ ଉଦ୍ୟମରେ ଭୁବନେଶ୍ୱରଠାରେ ରାହୁଲ ଗାନ୍ଧିଙ୍କ ସହ ସାକ୍ଷାତଲୋଚନା କରିଛନ୍ତି କଳିଙ୍ଗ ନଗର ବିସ୍ଥାପିତ ଓ ଜାନୁଆରୀ ୨, ୨୦୦୬ ମସିହାରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ପରିବାରବର୍ଗ। ଗତ ଶୁକ୍ରବାର ଦିନ ରାହୁଲ ଗାନ୍ଧିଙ୍କ ଓଡିଶା ଗସ୍ତ ଅବସରରେ

### ୧୮ ବର୍ଷ ପରେ ବି କଳିଙ୍ଗ ନଗର ହତ୍ୟାକାଣ୍ଡ ଘଟଣାକୁ ମନେ ପକାଇଲେ ରାହୁଲ

ପୂର୍ବତନ ମନ୍ତ୍ରୀ ଶ୍ରୀ ରାଉତଙ୍କ ଦ୍ୱାରା ବିସ୍ଥାପିତ ପରିବାରର ସଦସ୍ୟମାନେ ରାହୁଲ ଗାନ୍ଧିଙ୍କୁ ଭେଟି ବିସ୍ଥାପିତ ମାନେ କିପରି ଜୀବନଯାପନ କରୁଛନ୍ତି ସେ ସଂପର୍କରେ ଆଲୋଚନା କରିଥିଲେ। କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ତଥା ରାହୁଲଙ୍କ ମା'ଜାନୁଆରୀ ୨, ୨୦୦୬ ମସିହାରେ ପୋଲିସ ଗୁଳିରେ ପ୍ରାଣ ହରାଇଥିବା ୧୩ ଆଦିବାସୀଙ୍କ ପରିବାର ସଦସ୍ୟଙ୍କୁ କଳିଙ୍ଗ ନଗରରେ ଭେଟି ଗଭୀର







ଦୁଃଖ ପ୍ରକାଶ କରିଥିଲେ। କଳିଙ୍ଗ ନଗର ଗୁଳିକାଣ୍ଡ ଘଟଣାକୁ ଏକ 'ମହାନ ଦୁଃଖଦ' ବୋଲି ବର୍ଣ୍ଣନା କରି ସୋନିଆ କହିଥିଲେ- 'ମୋର ସମବେଦନା ଶୋକସନ୍ତପ୍ତ ପରିବାର ସହିତ। ଇନ୍ଦିରା ଗାନ୍ଧୀ ଏବଂ ରାଜୀବ ଗାନ୍ଧୀଙ୍କ ସମୟରୁ କଂଗ୍ରେସ ଦଳ ସର୍ବଦା ଆଦିବାସୀଙ୍କ ସହିତ ରହିଛି। ପୀଡିତଙ୍କ ପରିବାର ସଦସ୍ୟଙ୍କୁ ନ୍ୟାୟ ଦିଆଯିବା ଉଚିତ। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଟାଣୁଆ ନେତା ଶରତ ରାଉତ ସେ ସମୟରେ ସୋନିଆ ଗାନ୍ଧିଙ୍କ ସହିତ ମୃତ ଆଦିବାସୀ ପରିବାରଙ୍କୁ ସମବେଦନା ଜଣାଇବା ସହ ଆଦିବାସୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ରାଜ୍ୟ ସରକାରଙ୍କ ନିକଟରେ ଜୋରଦାର ଅପିଲ କରିଥିଲେ।

ଏହି ଗୁଳିକାଣ୍ଡ ଘଟଣାରେ ମୃତ୍ୟୁବରଣ କରିଥିବା ଆଦିବାସୀମାନଙ୍କୁ ମୋଟା ଅଙ୍କ ଦେବା ପାଇଁ ରାଜ୍ୟ ସରକାରଙ୍କ ଉପରେ ଚାପ ପକାଇଥିଲେ। ସେହି ଘଟଣାକୁ ନେଇ ରାଜ୍ୟ କଂଗ୍ରେସ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆନ୍ଦୋଳନ ମଧ୍ୟ କରିଥିଲା। କଳିଙ୍ଗ ନଗର ଗୁଳିକାଣ୍ଡକୁ ୧୮ ବର୍ଷ ପୁରିଯାଇଛି। ସେ ସମୟରେ ଏହି ଘଟଣା ସମଗ୍ର ଦେଶରେ ଚହଳ ସୃଷ୍ଟି କରିଥିଲା। ସେହି ହୃଦୟ ବିଦରକ ଘଟଣାକୁ ୧୮ ବର୍ଷ ପରେ ବି ରାହୁଲ ଗାନ୍ଧି ମନେ ରଖିଛନ୍ତି ଏବଂ ୧୧ ତାରିଖରେ ତାଙ୍କ ଓଡିଶା ଗସ୍ତ ସମୟରେ ସେ ଆଦିବାସୀ ପରିବାରଙ୍କୁ ଭେଟି ସେମାନଙ୍କ ସୁଖ-ଦୁଃଖ ଜୀବନ ଯାପନ ଶୈଳୀର ସ୍ଥିତି କିପରି ରହିଛି, ସେ ସଂପର୍କରେ ପଚାରି ବୁଝିଥିଲେ।

କଳିଙ୍ଗ ନଗରର ଆଦିବାସୀ ସମ୍ପ୍ରଦାୟ ଦ୍ୱାରା ପ୍ରକାଶିତ ଭୟ ଏବଂ ଚିନ୍ତା ଦୁଃଖଦ ଭାବରେ ଏକ କଠୋର ବାସ୍ତବତାରେ ପରିଣତ ହୋଇଛି, କାରଣ ବିସ୍ଥାପିତ ଲୋକଙ୍କ ଅବସ୍ଥା ଆହୁରି ଖରାପ ହେବାରେ ଲାଗିଛି। କଳିଙ୍ଗ ନଗର ଇସ୍ପାତ କାରଖାନା ପାଇଁ ଜମି ଅଧିଗ୍ରହଣ, ଯାହା ୨୦୦୬ ମସିହାରେ ପୋଲିସ ଗୁଳିରେ ୧୩ ଜଣ ଆଦିବାସୀଙ୍କ ଜୀବନ ନେଇଥିଲା। ଏହି ଅଞ୍ଚଳରେ ବିକାଶ ଏବଂ ସମୃଦ୍ଧି ଆଣିବା କଥା ଥିଲା। ତଥାପି, ପ୍ରାୟ ଦୁଇ ଦଶନ୍ଧି ପରେ, ବିସ୍ଥାପିତ ଲୋକମାନେ ଦାରିଦ୍ର୍ୟ ଏବଂ ଅଭାବର ଚକ୍ରରେ ଫସି ରହିଛନ୍ତି। ସରକାର ଏବଂ କର୍ପୋରେଟ୍ ସଂସ୍ଥାଗୁଡ଼ିକ ଦ୍ୱାରା ଦିଆଯାଇଥିବା ପ୍ରତିଶ୍ରୁତିକୁ ପୂରଣ କରିବା ପାଇଁ କିଛି ନାହିଁ। ଯଦିଓ ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର, ଭାରତର ପ୍ରାୟ ୩୦% ଲୁହାପଥର ଏବଂ ଏହାର କୋଇଲା ଗଚ୍ଛିତର ୨୪% ସମେତ, ଏହି ସମ୍ପଦରୁ ପ୍ରାପ୍ତ ସମ୍ପତ୍ତି ରାଜ୍ୟର ଗରିବ ଆଦିବାସୀ ସମ୍ପ୍ରଦାୟକୁ ଲାଭ ଦେଇନାହିଁ।

ଆଦିବାସୀ ପ୍ରତିବାଦକାରୀଙ୍କ ଉପରେ ପୋଲିସର ନିଷ୍ଠୁର ଗୁଳିଚାଳନା ପରେ ନ୍ୟାୟ ପାଇଁ ୧୯ ବର୍ଷର ସଂଘର୍ଷର ଏକ ଦୁଃଖଦ ସ୍ମରଣ। ଭାରତର ସାମ୍ପ୍ରତିକ ଇତିହାସରେ ଆଦିବାସୀଙ୍କ ସବୁଠାରୁ ଦୁଃଖଦ ଏବଂ ଅନ୍ୟାୟ ହତ୍ୟାକାଣ୍ଡର ୧୯ତମ ବାର୍ଷିକୀ। ୧୩ଟି ମୂଲ୍ୟବାନ ଜୀବନ ଏବଂ ସେମାନଙ୍କ ମୃତ୍ୟୁକୁ ଦଣ୍ଡିତ ନକରି ଛାଡ଼ି ଦେଇଥିବା ବ୍ୟବସ୍ଥାଗତ ବିଫଳତା ଉପରେ ଆମେ ବିରତି ନେବା ଉଚିତ। ବ୍ୟାପକ ପ୍ରତିବାଦ ଏବଂ ସରକାରୀ ତଦନ୍ତ ସତ୍ତ୍ୱେ ହତ୍ୟାକାଣ୍ଡ ପାଇଁ କାହାକୁ ଦାୟୀ କରାଯାଇ ନଥିଲା। ଜାନୁଆରୀ ୨, ୨୦୦୬ରେ, ଟାଟା ଷ୍ଟିଲ୍ ଦ୍ୱାରା ଏକ ଇସ୍ପାତ କାରଖାନା ନିର୍ମାଣ ପାଇଁ ସେମାନଙ୍କ ଜମି ବଳପୂର୍ବକ ଅଧିଗ୍ରହଣକୁ ବିରୋଧ କରିବା ସମୟରେ ଓଡ଼ିଶାର ଯାଜପୁର ଜିଲ୍ଲାର କଳିଙ୍ଗ ନଗରରେ ପୋଲିସ ଗୁଳିରେ ୧୩ ଜଣ ଆଦିବାସୀ ପ୍ରାଣ ହରାଇଥିଲେ। ଏହି ଭୟଙ୍କର ଘଟଣା ଦେଶର ଗଭୀର ବୈଷମ୍ୟ ଏବଂ ସୀମାନ୍ତ ଲୋକଙ୍କ ସ୍ୱରକୁ ଦମନ କରିବା ପାଇଁ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅବଲମ୍ବନ କରାଯାଇଥିବା ନିଷ୍ଠୁର ପଦ୍ଧତିର ଏକ ଭୟଙ୍କର ସ୍ମରଣକାରୀ ହୋଇ ରହିଛି।

ଜାନୁଆରୀ ୨, ୨୦୦୬ ର ଏକ ଦୁର୍ଭାଗ୍ୟଜନକ ଦିନରେ, କଳିଙ୍ଗ ନଗର ଅଞ୍ଚଳର ଆଦିବାସୀ ଗ୍ରାମବାସୀମାନେ ଟାଟା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଏକ ସୀମା ପ୍ରାଚୀର ନିର୍ମାଣର ପ୍ରତିବାଦ କରିବାକୁ ଏକତ୍ରିତ ହୋଇଥିଲେ। ପିଢ଼ି ପିଢ଼ି ଧରି ଏହି ଜମିରେ ବାସ କରୁଥିବା ସ୍ଥାନୀୟ ଲୋକମାନେ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇସାରିଥିଲେ, କିନ୍ତୁ ସେମାନଙ୍କୁ ଉପଯୁକ୍ତ ପୁନର୍ବାସ କିମ୍ବା କ୍ଷତିପୂରଣ ମିଳିନଥିଲା। ଗ୍ରାମବାସୀମାନେ ନ୍ୟାୟ ଏବଂ ସେମାନଙ୍କ ପୈତୃକ ଜମିରେ ନିର୍ମାଣ ବନ୍ଦ ଦାବି କରି ପ୍ରତିବାଦରେ ଏକତ୍ରିତ ହେବା ସମୟରେ, ବିଜୁ ଜନତା ଦଳ (ବିଜେଡି) ଏବଂ ଭାରତୀୟ ଜନତା ପାର୍ଟି (ବିଜେପି) ର ମିଳିତ ନେତୃତ୍ୱରେ ସ୍ଥାନୀୟ ସରକାର ଶହ ଶହ ପୋଲିସ ଅଧିକାରୀଙ୍କୁ ସ୍ଥାନ ସୁରକ୍ଷିତ କରିବା ପାଇଁ ପଠାଇଥିଲେ। ଯେତେବେଳେ ଲେଭଲିଂ ମେସିନ୍ ଏହାର କାମ (ପୃ-୮)



# ଦୁଇଟି ଘରୁ ଚାବି ଭାଙ୍ଗି କଳା କନା ବୁଲେଇଲେ ଲୁଟେରା

## ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କା ସହ ନଗଦ ଟଙ୍କା ଚୋରି



କୁକୁଡାଖଣ୍ଡି ୧୪/୭ (ନି.ପ୍ର) : ସଦର ଥାନା ଅନ୍ତର୍ଗତ କୁକୁଡାଖଣ୍ଡି ଅଞ୍ଚଳରେ ମାତିଛନ୍ତି ଲୁଟେରା । କାହାର ବାଇକରୁ ପେଟ୍ରୋଲ ଚୋରାଉଛନ୍ତି ତ କେବେ ତାଲା ବନ୍ଦ ଘରେ ପଶି ଚୋରି କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ସଦର ଥାନା ଅଧୀନସ୍ଥ କୁକୁଡ଼ାଖଣ୍ଡି ଶାନ୍ତି ନଗରରେ ସ ରବିବାର ଦିନ ବିଳମ୍ବିତ ରାତ୍ରରେ ରେ ଇପିଲି ତ୍ରିନାଥ ଓ ଏନ୍. ଲକ୍ଷ୍ମୀନାରାୟଣ ଦୋରାଙ୍କ ଘରେ ପଶିଛନ୍ତି ଚୋର। ଉକ୍ତ ଟି ଘରେ କେହି ନଥିବା ସୁଯୋଗ ନେଇ ଚୋରି କରିଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ତ୍ରିନାଥ ନିଜ ଘର ଚାବି ପକାଇ ମୁମ୍ବାଇ ଯାଇଥିବା ବେଳେ ଲକ୍ଷ୍ମୀନାରାୟଣ ମଧ ଘର ଚାବି ପକାଇ ଦିଗପହଣ୍ଡି ଠାରେ ରହୁଥିବା ଶୁଣିବାକୁ ମିଳିଛି।ଚୋରି ହୋଇଥିବା ଦୁଇ ଟି ଘର ତାଲା ପଡିଥିବା ବେଳେ ଦୁର୍ବୃତ୍ତ ମାନେ ତାଲା ଭାଙ୍ଗି ଘରେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି କରିଥିବା ସୂଚନା ମିଳିଛି । ସୋମବାର ସକାଳ ସ୍ଥାନୀୟ ଲୋକେ ତାଲା ଭାଙ୍ଗିବା ଘଟଣା ଦେଖି ସଙ୍ଗେ ସଙ୍ଗେ ତ୍ରିନାଥ ଓ ଲକ୍ଷ୍ମୀନାରାୟଣ ଙ୍କୁ ଫୋନ କରି ସୂଚନା ଦେଇଥିଲେ। ପରେ ନିକଟସ୍ଥ ଥାନା କୁ ଖବର ଦେଇଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ସାଇଣ୍ଟିଫିକ ଟିମ ସହ ସନ୍ଧାନି କୁକୁର ସାହାଯ୍ୟ ରେ ଘଟଣା ର ତଦନ୍ତ ଚଳାଇଛି । ଚୋରି ଘଟଣା ନେଇ ଲକ୍ଷ୍ମୀନାରାୟଣ ଥାନା ଲିଖିତ ଅଭିଯୋଗ କର୍ଡ଼ି ପରେ ଏନେଇ ଥାନା କେଶ ନଂ ୩୦୮/୨୫ ରେ ମାମଲା ରୁଜୁ କରି ଘଟଣା ର ତଦନ୍ତ ଚାଲିଥିବା ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ସୂଚନା ଦେଇଛନ୍ତି । ରାତ୍ର ସମୟରେ ପୋଲିସ ପେଟ୍ରୋଲିଂ କରିବା ପାଇଁ ଗ୍ରାମବାସୀ ମାନେ ଥାନା ଅଧିକାରୀ ଙ୍କ ଅନୁରୋଧ କରିଛନ୍ତି। ଖୁବ ଶୀଘ୍ର ଲୁଟରା ମାନଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଦେଶୀ ମଦ ପାଉଚର ଆସର

## ପଚ୍ଛାଙ୍ଗିର ମାଲ ସେମିଳିଗୁଡା ସହରର ବ୍ୟବସାୟୀ ମାଲାମାଲ

କୋରାପୁଟ,୧୪।୭ (ନି.ପ୍ର) : ଦେଶିମଦ ହେଉ କି ବିଦେଶିମଦ ମଦ ଚୋରା ଚାଲାଣ, ବେଆଇନ ବିକ୍ରି କୁନେଇ ଅବକାରି ବିଭାଗର ଧରପଗଡ ଚାଲୁ ରହିଛି। ଭିତିରିଆ ସଲାସୁତୁରା ରେ ବାହାରୁ ସେମିଳିଗୁଡା ସହରରେ ବିହାରି ଦେଶି ପାଉଚ ମଦ ପଶି ବିକ୍ରି ହେବା ଓ ସହରର କିଛି ବ୍ୟବସାୟି ମାଲାମାଲ ହେଉଥିବା ମଧ୍ୟ ଜଣାପଡିଛି। ଏହିପରିପେକ୍ଷିରେ ଅବକାରି ବିଭାଗର କଡା ପଦକ୍ଷେପ ରହିଥିବା ବିଭାଗ ତରଫରୁ ସୂଚନା ମିଳିଛି।

କୋରାପୁଟ ଜିଲ୍ଲାରେ ଅବକାରିବିଭାଗର କିଛି ସଚୋଟ ଅଧିକାରିଙ୍କ ଉପସ୍ଥିତି ଓ କାର୍ଯ୍ୟାନୁଷ୍ଠାନକୁ ନେଇ ଧିରେ ଧିରେ ଅବାଧ୍ୟରେ ମଦବିକ୍ରି ଓ ଅନ୍ୟତ୍ର ଚୋରା ଚାଲାଣ ସହିତ ସହର ଭିତରେ ବିହାରି ଦେଶିମଦ ବିକ୍ରି ବନ୍ଦ ରହିଥିବା ଜଣାଯାଇଛି। ଏଥିରେ ଲୋକଙ୍କୁ ସୁସ୍ଥ, ଆରୋଗ୍ୟ ଜୀବନ ଯାପନରେ ସଂପୂର୍ଣ୍ଣ ସହାୟକ ହେଉଥିବା ଚର୍ଚ୍ଚାର ବିଷୟ ପାଲଟିଛି। ସରକାରି ଲାଇସେନ୍ସ ମଦ ବିକ୍ରିକୁ ନେଇ ସରକାର ରାଜସ୍ୱରେ ବୃଦ୍ଧିରେ ବିଭାଗର ଭୂମିକା ଅହମ ଗ୍ରହଣ କରିଆସିଛି। ଜିଲ୍ଲାର କିଛି ସମ୍ବେଦନଶୀଳ ସହରରେ ଅବକାରି ବିଭାଗର ଧରପଗଡ ଜୋର ଧରିଥିବା ବେଳେ କଳା ଓ ନକଲି ମଦ ବ୍ୟବସାୟ ଲିନ ହେବାରେ ଲାଗିଛି। ହେଲେ ବି ସେମିଳିଗୁଡା ସହରରେ କିଛି ଭାଡି ବ୍ୟବାସୟିମାନେ ଦେଶି ପାଉଚ କୁ ଭିତିରିଆ ପ୍ରବେଶ କରି ବିକ୍ରି କରୁଛନ୍ତି ଏବଂ ଅନ୍ୟ ବ୍ୟବସାୟିମାନଙ୍କ ସହ ଗଣ୍ଡଗୋଳ କରି ଦାଦାଗିରି କରିବା ଭଳି ଖବର ଜଣାପଡିଛି। ଯାହାକି ସରକାରି ବିଦେଶି ମଦ ବିକ୍ରିର ହ୍ରାସ ଦେବା ଓ ରାଜସ୍ୱ କମିବାରେ ଲାଗିଛି। ଅବାଧ୍ୟରେ ପଚ୍ଛାଙ୍ଗି ବିହାରି ଦେଶି ଭାଟି ମଦ ପାଉଚ ଆସି ସହରରେ ରାସ୍ତା କଡରେ ବିକ୍ରି ହେଉଥିବା ଖବର ଚାଂଚଲ୍ୟ କରିଛି। ବକ୍ରି କରୁଥିବା ବ୍ୟବସାୟି ଜଣଙ୍କ କାହାକୁ ଖାତିରି କରୁଥିବା ଓ ଏହାର ପଛଦ ପଟରେ ବିହାରି ଦେଶି ଭାଟି ମାଲିକ ହାତ ଥିବା ନେଇ ମଧ୍ୟ ନଜିରକୁ ଆସିଛି। ଛାତିକୁ ଫୁଲାଇ କାହାକୁ ଖାତିରି ନ କରି ବ୍ୟବସାୟି ଖୁଲ ଖୋଲା ବିକ୍ରି କରିବାରେ ଲାଗିଛି। ଏହାକୁ ନେଇ ଅବକାରି ନୀରିକ୍ଷକ ସୁଧିର ସାହୁଙ୍କୁ ପଚାରିବାରେ ସେ କହିଥିଲେ ଯେ, କିଛି ଦିନ ପୂର୍ବରୁ ଏହିପରି ଜଣେ ବ୍ୟକ୍ତି ବଲଇଗୁଡା ଛକରେ କରୁଥିବା ଖବର ପାଇ ଖବର ନେଇ ଚଢାଉ କରି କୋର୍ଟ ଚାଲାଣ କରିଥିବା ସୂଚନା ଦେବା ସହ ଅଗାମି ଦିନରେ ବ୍ଲକ କଲୋଣିନିକଟରେ ଥିବା ବ୍ୟବସାୟିଙ୍କୁ ମଧ୍ୟ ଅତର୍କିତ ଚଢାଉ କରାଯିବା ନେଇ କହିଥିଲେ।

# ଡେଲାଙ୍ଗରେ ବାର୍ଡ ଫ୍ଲୁ ; ରାସ୍ତା କଡରେ କୁଢକୁଢ ମଲା କୁକୁଡା



ଡେଲାଙ୍ଗ,୧୪।୭ (ନି.ପ୍ର) : ଡେଲାଙ୍ଗ ବ୍ଲକରେ କୁକୁଡା ମଡକ ପରେ ବାର୍ଡ ଫ୍ଲୁ ରୋଗ ଚିହ୍ନଟ ହୋଇଛି । ଅନ୍ୟପଟେ ରାସ୍ତା କଡରେ କୁଢକୁଢ ମଲା କୁକୁଡା ପଡିବା ଘଟଣା ସ୍ଥାନୀୟ ଜନସାଧାରଣଙ୍କ ମନରେ କୋକୁଆ ଭୟ ଦେଖା ଦେଇଛି । ବାର୍ଡ ଫ୍ଲୁ ଚିହ୍ନଟ ପରେ ୧ କିମି ଦୁରତା ଭିତରେ ଥିବା କୁକୁଡା ଫାର୍ମରୁ କୁକୁଡା ମରାଯାଇ ତାକୁ ଗାତ ଖୋଳି ପୋତାଯିବା ସହ ସେହି ସ୍ଥାନକୁ ବିଶୋଧନ କରାଯାଉଛି । କିନ୍ତୁ ପରତାପର ବିଷୟ ଡେଲାଙ୍ଗ ର ରତାପଡା ଠାରୁ ସୁନାମୁହିଁ ରାସ୍ତାକଡ ,କୁଆପଦା ପିତାନାଳ ଛକ ଠାରୁ କୁମୁକା ଜଙ୍ଗଲ ରାସ୍ତା କଡ ଜଗଦଳପୁର ଲେବୁଲ କ୍ରସିଂ ଗେଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ହଜାର ହଜାର ମଲା କୁକୁଡା କୁଢକୁଢ ଗଦା ହୋଇ ପଡି ରହିଛି । ଯାହା ଫଳରେ ଦୁର୍ଗନ୍ଧମୟ ପରିବେଶରେ ଯାତାୟତ ବାଧା ସୃଷ୍ଟି ହେବା ସହ ବାର୍ଡ ଫ୍ଲୁ ସଂକ୍ରମଣ ବ୍ୟାପିବା ନେଇ ଜନସାଧାରଣମାନଙ୍କୁ ଭୟ ଘାରିଛି । ତୁରନ୍ତ ଏହି ସବୁ ଖୋଲା ସ୍ଥାନରୁ ମଲା କୁକୁଡା ହଟାଇବା ସହ ସେଗୁଡିକୁ ଗାତ ଖୋଳି ପୋତିବାକୁ ସାଧାରଣରେ ଦାବୀ ହୋଇଛି । ପୂର୍ବରୁ ମଲା କୁକୁଡା କୁ ଅଖାରେ ବାନ୍ଧି କେନାଲ ପାଣି ଓ ନଦୀରେ ଭସାଇ ଥିବା ବାରମ୍ବାର ନଜୀର ଆସିଛି । ଏନେଇ ଡେଲାଙ୍ଗ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରତିତୋଷ ମହାପାତ୍ରଙ୍କୁ ପଚାରିବା ରେ ଆଜି ୩ଟି ଫାର୍ମ ବିଶୋଧନ କରାଯାଇଛି । ଖବର ପାଇ ଖୋଲା ସ୍ଥାନରେ ପଡିଥିବା ମଲା କୁକୁଡାକୁ ଗାତ ଖୋଳି ଜେସିବ ମେସିନ ସାହାର୍ଯ୍ୟରେ ପୋତାଯାଇଛି । ମଲା କୁକୁଡା ଗୁଡିକୁ ବାହାରେ ନଫୋପାଡିବା ପାଇଁ ସବୁ ଫାର୍ମ ର ଚାଷୀ ମାନଙ୍କୁ ଅବଗତ କରାଯାଇଥିବା କହିଥିଲେ ।

# ପ୍ରଦେଶ କିଷାନ କଂଗ୍ରେସର ଘୋଷଣା

## ଚାଷ, ଚାଷୀ ଓ ଚାଷୀ ପରିବାରକୁ ସୁରକ୍ଷା, ସମ୍ମାନ ଓ ପ୍ରୋତ୍ସାହନ ଦାବିରେ ଫସଲ ଅମଳ ପୂର୍ବରୁ ରାଜ୍ୟ କିଷାନ ସମାବେଶ ରାଜଧାନୀରେ ହେବ

ଭୁବନେଶ୍ୱର,୧୪।୭ (ନି.ପ୍ର) : ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। କୃଷି ଓ କୃଷକର ବିକାଶ ହିଁ ରାଜ୍ୟ ଓ ରାଜ୍ୟବାସୀଙ୍କର ବିକାଶ। ଗତ ଦୁଇଟି ଯାକ ସରକାର ଉଭୟ ବିଜେଡ଼ି ଓ ବର୍ତ୍ତମାନର ବିଜେପି କୃଷିର ବିକାଶ ପରିବର୍ତ୍ତେ ବିନାଶ କରି ଚାଲିଛନ୍ତି। ସବୁଠାରୁ ଦୁର୍ଦ୍ଦିନରେ ଚାଷୀ ବାପୁଡ଼ା ସମୟ କାଟୁଛି। ଚାଷ ଆରମ୍ଭରୁ ଅମଳ ପର୍ଯ୍ୟନ୍ତ ପ୍ରାକୃତିକ ବପିର୍ଯୟ ଠାରୁ ଆରମ୍ଭ କରି ସରକାର ଉଦାସୀନତାର ଶିକାର ହେଉଛି। ଧାନଚାଷୀ ଠାରୁ ଆରମ୍ଭ କରି ଆଖୁ, ଗହମ, ମକା, ପକା, ପାନ, ମୀନ, କାଜୁ, ନଡ଼ିଆ, ଗୁଆ, ଦୁଗ୍ଧ, କୁକୁଡ଼ା ଓ ସବୁପ୍ରକାରର ଚାଷୀ ଭାଇ ଋଣ ଯନ୍ତାରେ ଶିକାର ହେଉଛି ଓ ଅବହେଳାର ଶିକାର ହେଉଛି। ଏବେ ଚାଷର ଆରମ୍ଭ ମାତ୍ର। ଏବେଠୁ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ସରକାରଙ୍କୁ ସର୍ତକ କରିଦେବାକୁ ଚାହେଁ। ଚାଷ, ଚାଷୀ ଓ ଚାଷୀ ପରିବାରକୁ ଫସଲର ଅମଳ ପର୍ଯ୍ୟନ୍ତ ସବୁପ୍ରକାରର ସୁରକ୍ଷା ଓ ପ୍ରୋତ୍ସାହନ ଯୋଗାଇ ଦେବାକୁ ହେବ। ସରକାର ଏବେଠୁ ହୁସିଆର ରୁହନ୍ତୁ। ନହେଲେ ଚାଷୀ ଦୁର୍ଦ୍ଦିନରେ ପଡ଼ିବ ଓ ଚାଷୀ ହନ୍ତସନ୍ତ ହେବ। ଭଲ ଅମଳ ସହ ସମସ୍ତ ଫସଲକୁ ବିନା ବ୍ୟତକି୍ରମରେ ମଣ୍ଡିରେ ବିକ୍ରିକରିବାର ସୁବିଧା ଯୋଗାଇବାକୁ ହେବ। ନହେହେଲ ଘମାଘୋଟ ଲଢ଼େଇର ମୈଦାନକୁ କିଷାନ କଂଗ୍ରେସ ଓହ୍ଲାଇବ। ଅମଳ ପୂର୍ବରୁ ପ୍ରଦେଶ କିଷାନ କଂଗ୍ରେସ ରାଜ୍ୟ ରାଜଧାନୀରେ ଏକ ବିରାଟ ସମାବେଶ କରି ଆନ୍ଦୋଳନକୁ ଆରମ୍ଭ କରିବ। ସେହି ଆନ୍ଦୋଳନ ଗାଁଗଣ୍ଡା ଅର୍ଥାତ ଯେଉଁଠି ଚାଷ ଓ ଚାଷୀ ଅଛି ସେଠିକି ବ୍ୟାପିବ। ସେ ଦୃଷ୍ଟିର ପ୍ରଦେଶ କିଷାନ କଂଗ୍ରେସର ଏକ ନେତୃତ୍ୱକାରୀ ଦଳ ଅଧକ୍ଷ ଅଭୟ ସାହୁ, ପୂର୍ବତନ ମନ୍ତ୍ରୀ ଦେବାଶଷି ନାୟକ ଓ ଚାଷୀନେତା ଅରୁଣ ଜେନାଙ୍କ ସହିତ ଉପକୂଳର ଚାଷୀ ନେତା ଶିତିକଣ୍ଠ ମହାନ୍ତି ଓ ପଶ୍ଚିମ ଓଡ଼ିଶାର ଚାଷୀ ନେତା ରତ୍ନାକର ନାୟକ ପ୍ରଥମ ଦଫାରେ ଉପକୂଳ ସହିତ ପଶ୍ଚିମ ଓଡ଼ିଶା ଚଳିତ ମାତ ୧୬ ତାରିଖରୁ ଗସ୍ତକରି ସାଂଗଠନିକ ଓ ରାଜନୈତି ପ୍ରସ୍ତୁତି ଆରମ୍ଭ କରିବେ। ଦ୍ୱିତୀୟ ଶେଷ ଦଫାରେ ଅଗଷ୍ଟ ପ୍ରଥମ ସପ୍ତାହରେ ଦ୍ୱିତୀୟ ଦଫା ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ ହେବ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ଖଣ୍ଡପଡ଼ା, ୧୪/୭ (ନିପ୍ର): ଖଣ୍ଡପଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନଶୁଣାଣିଶିବିର ଅନୁଷ୍ଠିତ ହୋଇଯାଇଛି।




ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଅନୁପସ୍ଥିତଥିବାବେଳେ ଜିଲ୍ଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲଗ୍ନଜିତ ରାଉତ ଜନସାଧାରଣଙ୍କ ବିଭିନ୍ନସମସ୍ୟା ଶୁଣିଥିଲେ। ସମୁଦାୟ ଶହେଟି ଅଭିଯୋଗରୁ ୨୮ ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିବାନେଇ ଜିଲ୍ଲା ପ୍ରଶାସନ ଠାରୁ ସୂଚନା ମିଳିଛି। ସେହିପରି ମୋଟ ୯୨ଟି ବ୍ୟକ୍ତିଗତ ସମସ୍ୟା ଥିବାବେଳେ,୪ଟି ଗ୍ରାମ୍ୟ ସମସ୍ୟା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ପାଇଁ ୪ ଜଣ ଆବେଦନ କରିଥିବା ସୂଚନାରହିଛି। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଏସପି ଏସ ସୁଶ୍ରୀ, ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଲାଷ,ତହସିଲଦାର ବିଶ୍ୱବିସ୍ତୃତ ତ୍ରିପାଠୀଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତଥିଲେ। ପ୍ରାୟ ୩ ମାସ ପରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିବା ବେଳେ ପ୍ରତିକୂଳ ପାଗ ଯୋଗୁଁଶିବିରରେ ଲୋକଙ୍କ ସଂଖ୍ୟା କମ ରହିଥିବା ନେଇ ସୂଚନା ମିଳିଛି। ଶିବିରରେ ବ୍ଲକ ପ୍ରଶାସନରକର୍ମଚାରୀ ସହଯୋଗ କରିଥିଲେ।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଠୁନି ଅଳିଆ ଆବର୍ଜନା

ଖଣ୍ଡପଡ଼ା, ୧୪/୭ (ନିପ୍ର): ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେଅଳିଆ ଆବର୍ଜନା ସଫା ହେଉନଥିବା ନେଇ ଅଭିଯୋଗ ହୋଇଛି। ଫଳରେ ସ୍ୱାସ୍ଥ୍ୟକେନ୍ଦ୍ରରେଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିବା ନେଇ ଦେଖିବାକୁ ମିଳିଛି।



ମିଳିଥିବା ସୂଚନାଅନୁଯାୟୀ ଗତ ପ୍ରାୟ ୪ ଦିନ ହେବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ଏକାଧିକ ଡଷ୍ଟବିନରୁଅଳିଆ ଖାଲି କରାଯାଉନାହିଁ। ଫଳରେ ଡଷ୍ଟବିନ ଥିବା ଏକାଧିକ ସ୍ଥାନରେ ପୁତିଗନ୍ଧମୟପରିବେଶ ସୃଷ୍ଟି ହୋଇଛି। ଅଳିଆ ଉଠାଇବା ନିମନ୍ତେ ଏନଏସି ପକ୍ଷରୁ ସ୍ୱତନ୍ତ୍ର ଗାଡିଆସୁଥିବା ବେଳେ ୪ ଦିନ ହେବ କିନ୍ତୁ ଏହା ବନ୍ଦ ରହିଛି। ଏଭଳି ସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁଆସୁଥିବା ଲୋକେ ନାକ ଟେକୁଥିବା ବେଳେ ରୋଗ ବ୍ୟାପିବା ସମ୍ଭାବନା ସୃଷ୍ଟି ହୋଇଛି।ସେହିପରି ବର୍ଷାଦିନ ଥିବାରୁ ମଶା, ମାଛି ଆଦିଙ୍କ ଦ୍ୱାରା ରୋଗସଂକ୍ରମଣ ଭଳି ସ୍ଥିତି ଉପୁଜିବା ଭଳି ଆଶଙ୍କା ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ଯୋଡ଼ାରେ ଅପମିଶ୍ରିତ ନିଶା କାରବାର ଆଡ଼ାରେ ଚଢ଼ାଉ



ଯୋଡ଼ା,୧୪।୭ (ନି.ପ୍ର) : କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ବନେଇକଳା ର ଏକ ଚାରିଚକିଆ ଯାନ ଗ୍ୟାରେଜ୍ ରେ ଯୋଡ଼ା ପୋଲିସ ର ଅଚାନକ ଚଢ଼ାଉ। ସେହି ଗ୍ୟାରେଜ ରେ ଗାଡ଼ି କାମ କରିବା ବାହାନାରେ ନିଶା କାରବାର ଚାଲି ଆସୁଥିଲା, ତେବେ ଆଜି ଅଚାନକ ପୋଲିସ ଦଳ ପହଞ୍ଚି କାରବାର ରେ ସଂପୃକ୍ତ ଯୁବକ ମାନଙ୍କୁ କାବୁ କରି ଥାନାକୁ ନେଇ ନେଇଛନ୍ତି। ନିଶା କାରବାରରେ ସଂପୃକ୍ତ ଥିବା ଆଉ କେତେଜଣ ଙ୍କୁ ପୋଲିସ ଖୋଜାଖୋଜି କରୁଥିବା ଜଣା ପଡ଼ିଛି,ତତ୍ ସହିତ ଯେଉଁ ଗାଡ଼ିରେ ପଡ଼ୋଶୀ ଝାଡଖଣ୍ଡ ରାଜ୍ୟରୁ ନିଶା ବେପାରି ମାନେ ନିଷିଦ୍ଧ ସିରପ କୋରେକ୍ସ ଆଣି ବେପାର କରିଆସୁଛନ୍ତି, ତେବେ କୋରେକ୍ସ ଶିରପ ବହୁ ପରିମାଣରେ ଲୋଡ ହୋଇଥିବା ଗାଡ଼ି ଗୁଡ଼ିକ ଓଆର ୦୫ ଏ ଏସ୍ ୦୦୫୩, ଓଡ଼ି ୦୯ ପି ୭୮୪୯ ସ୍କର୍ପିଓ ଏବଂ ଓଡ଼ି ୦୯ କେ ୩୭୦୪ ବୋଲେରୋ ଗାଡ଼ିକୁ ପୋଲିସ ଜବତ୍ କରିବା ସହିତ କେତୋଟି ବାଇକ୍ ମଧ ଜବତ୍ କରିଛି। ଏହି ନିଶା କବଳରେ ପଡ଼ି ଯୁବସମାଜ ବିପଥଗାମୀ ହେଉଥିବାରୁ ବୁଦ୍ଧିଜୀବୀ ମହଲରେ ତିବ୍ର ଅସନ୍ତୋଷ ଦେଖା ଦେଉଛି।

# ଛାତ୍ରୀ ଆତ୍ମାହୁତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି : ବିରଂଚି ନାରାୟଣ ତ୍ରିପାଠୀ

ଭୁବନେଶ୍ୱର, ୧୪।୭: ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଯେଉଁ ଘଟଣା ଘଟିଲା ତାହା ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟବିଦାରକ। ଏହି ଘଟଣା ସମସ୍ତ ଓଡ଼ିଶାବାସୀଙ୍କୁ ଦୁଃଖ ଦେଇଛି। ରାଜନୈତିକ ଦଳ ହିସାବରେ ବିଜେପି ପାର୍ଟି ହେଉ କିମ୍ବା ଓଡ଼ିଶା ସରକାର ହେଉ ସମସ୍ତେ ଏହି ଘଟଣାରେ ବ୍ୟଥିତ ଅଛନ୍ତି। ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ହୀନ ରାଜନୀତି କରୁଛି କଂଗ୍ରେସ। ନାରୀ ନିର୍ଯାତନା ଉପରେ କଂଗ୍ରେସର କହିବାର ଅଧିକାର କେଉଁଠୁ ଆସିଲା ? କଂଗ୍ରେସ ସରକାର ସମୟରେ ଛବିରାଣୀ ହତ୍ୟାକାଣ୍ଡଠରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ, ଦିଲ୍ଲୀର ନୈନା ସାହାଣୀ ଭଳି ଘଟଣା ଘଟିଥିଲା। ଏସବୁଥିରେ କଂଗ୍ରେସ କର୍ମୀ ଓ ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ଥିଲା। ଏହାହିଁ କଂଗ୍ରେସ ଶାସନର କଳଙ୍କିତ ଇତିହାସ। କିନ୍ତୁ ପୂର୍ବରୁ କଂଗ୍ରେସ ଏସବୁ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ନ ଥିଲା। ମାତ୍ର ବିଜେପି ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଓଡ଼ିଶା ସରକାର ଏହି ଘଟଣାକୁ ଗମ୍ଭୀରତା ସହ ନେଇଛନ୍ତି। ଘଟଣା ଘଟିବାର ୬ ଘଂଟା ମଧ୍ୟରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଅଧ୍ୟାପକ ଓ କଲେଜ ଅଧକ୍ଷଙ୍କୁ ନିଲମ୍ବିତ କରାଯିବା ସହ ଗିରଫ କରାଯାଇଛି। ଖୋଦ୍ ମୁଖ୍ୟମନ୍ତ୍ରୀ ଦିଲ୍ଲୀରୁ ପ୍ରତ୍ୟାବର୍ତନ କରିବା ପରେ ତୁରନ୍ତ ବିମାନବନ୍ଦରରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏମ୍ସ ହସ୍ପିଟାଲ ଯାଇ ଡାକ୍ତରଖାନା କର୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ପୀଡ଼ିତାଙ୍କ ପରିବାର ସହ ଭେଟ କରିଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ଏହି ସମ୍ବେଦନଶୀଳ ଘଟଣା ପରେ ତୁରନ୍ତ ଘଟଣାସ୍ଥଳରେ ପହଂଚି ପୀଡ଼ିତାଙ୍କୁ ଏମ୍ସ ହସ୍ପିଟାଲ ପଠାଇବାକୁ ଆରମ୍ଭ କରି କିପରି ନିରେପକ୍ଷ ତଦନ୍ତ ହେବ ସେନେଇ ସମସ୍ତ ଉଦ୍ୟମ କରିଛନ୍ତି।




ତେବେ ଛାତ୍ରୀ ଆତ୍ମାହୁତି ଘଟଣା ପଛରେ ଛାତ୍ର କଂଗ୍ରେସର ନେତାମାନେ ଉସ୍କାଇଥିବା ପ୍ରମାଣ ସାମାଜିକ ଗଣମାଧ୍ୟମରେ ରହିଛି। ଜୁଲାଇ ୧ ତାରିଖରେ ପୀଡ଼ିତା ଛାତ୍ରୀ ଯେତେବେଳେ ଏସମ୍ପର୍କରେ ଅଭିଯୋଗ କରିଥିଲେ, ସେତେବେଳେ ଛାତ୍ର କଂଗ୍ରେସର ବାଲେଶ୍ୱର ଜିଲା ସମ୍ପାଦକ ସାମାଜିକ ଗଣାମଧ୍ୟମରେ ଏହି ଅଭିଯୋଗ ମିଥ୍ୟା ବୋଲି ଲେଖିଥିଲେ। ଉପସ୍ଥାନ କମ୍ ଯୋଗୁ ରାଜନୀତି କରିହେବ ନାହିଁ ସେଥିପାଇଁ ଏଭଳି ମିଛ ଅଭିଯୋଗ ଆଣିଥିବା ସେ ଉଲ୍ଲେଖ କରିଥିଲେ। ସେପରି ଛାତ୍ର କଂଗ୍ରେସର ଅନ୍ୟ ଜଣେ କର୍ମୀ ମଧ ଆତ୍ମହତ୍ୟା କରିଦିଅ ବୋଲି ଲେଖିଥିଲେ। ମାତ୍ର ଏବେ ପକ୍ଷ ପରିବର୍ତନ କରି ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ପୀଡ଼ିତାଙ୍କ ପରିବାର ସହ ଠିଆ ହେବା ବଦଳରେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରି ହୀନ ରାଜନୀତି କରୁଛି କଂଗ୍ରେସ। ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ନେଇଛି ତାହା ପ୍ରଥମେ ସ୍ପଷ୍ଟ କରୁ କଂଗ୍ରେସ।

ଭବିଷ୍ୟତରେ ଯେପରି ଏପରି ଘଟଣାର ପୁନରାବୃତି ନ ଘଟେ ସେଉପରେ ବିଜେପି ସରକାର କାର୍ଯ୍ୟ କରୁଛି। ଏହି ଘଟଣାରେ ପୀଡ଼ିତାଙ୍କ ମା' ବାପାଙ୍କ ସହ ଭାରତୀୟ ଜନତା ପାର୍ଟି ସମ୍ପୂର୍ଣ୍ଣ ଠିଆ ହୋଇଛି। ପୀଡ଼ିତାଙ୍କୁ କିପରି ଉନ୍ନତମାନର ଚିକିତ୍ସା ପ୍ରଦାନ କରାଯାଇପାରିବ ସେସମସ୍ତ ବ୍ୟବସ୍ଥା ଓଡ଼ିଶା ସରକାର କରିଛନ୍ତି। ଏଥିସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବିଜେପି ସରକାର ମହିଳାମାନଙ୍କ ପାଇଁ ସମର୍ପିତ। ମହିଳା ହିଂସାରେ କେହି ସମ୍ପୃକ୍ତ ରହିଲେ ବିଜେପି ସରକାର ସେମାନଙ୍କୁ ସୁରକ୍ଷା ଦେବନାହିଁ। ବିଜେପି ସରକାର ଏହି ପ୍ରସଙ୍ଗରେ ସବୁବେଳେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଅନ୍ୟ କୌଣସି ସରକାର ସମୟରେ ଏହି ପ୍ରକାର ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ଡାକ୍ତରମାନେ ଭଗବାନ ସ୍ୱରୂପ ହୋଇ ଏବେ ଛାତ୍ରୀଙ୍କୁ ସୁସ୍ଥ କରିବା ପାଇଁ ସବୁପ୍ରକାର ଚେଷ୍ଟା କରୁଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ତାଙ୍କ ମାଧମରେ ଆହୁରି ଶକ୍ତି ପ୍ରଦାନ କରନ୍ତୁ। ପୀଡ଼ିତା ତୁରନ୍ତ ସୁସ୍ଥ ହୁଅନ୍ତୁ। ତାଙ୍କ ପରିବାର ମୁହଁରେ ପୁଣି ଥରେ ହସ ଫେରୁ। ଏଭଳି ସମ୍ବେଦନଶୀଳ ଘଟଣାରେ ରାଜନୀତି ନକରି ଓଡ଼ିଶା ସରକାର ଉପରେ ଭରସା ରଖିବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା ଉପସ୍ଥିତ ଥିଲେ।



# ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର କ୍ଷେତ୍ର ପରିଦର୍ଶନ

ଯାଜପୁର, (ମନ୍ଥନ ନ୍ୟୁଜ): ଯାଜପୁର ରେ ତିନି ଦିନ ବ୍ୟାପୀ ରାଷ୍ଟ୍ରୀୟ ଗୋକୁଳ ମିଶନ କାର୍ଯ୍ୟକ୍ରମ ଅଧିନରେ ଓଡିଶା ପ୍ରାଣୀ ସମ୍ପଦ ବିକାଶ ସମିତି, ଭୁବନେଶ୍ୱର ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଜିଲ୍ଲାର ବିଞ୍ଝାରପୁରରୀ ଗୋ-ପ୍ରଜାତିର ରାଷ୍ଟ୍ରୀୟ ଦୁଗ୍ଧ ଅଭିଲେଖନ କାର୍ଯ୍ୟକ୍ରମକୁ ଜାତୀୟ ଦୁଗ୍ଧ ଉନ୍ନୟନ ବୋର୍ଡର ବରିଷ୍ଠ ପରିଚାଳକ ଡା. ପରାଗ ପାଣ୍ଡେ (ପ୍ରାଣୀ ପ୍ରଜନନ) ଡା. ଅର୍ଚ୍ଚନ ଭଟ୍ଟ (ଓ.ଏସ୍.ଡି) ଅନୁଧ୍ୟାନ କରିବା ସହିତ କ୍ଷେତ୍ର ପରିଦର୍ଶନ କରିଥିଲେ । ଉକ୍ତ ଅଧିକାରୀ ଦ୍ୱୟ ଯାଜପୁର ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗର ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଳଧିକାରୀ ଡା. ସୁବ୍ରତ କୁମାର ମହାପାତ୍ରଙ୍କ ସହିତ ଆଲୋଚନା କରିଥିଲେ। ପ୍ରକଳ୍ପ ଅଧିକାରୀ ଡା. ନିମାଇଁ ଚରଣ ପଟ୍ଟନାୟକ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ରସୁଲପୁର ବିଞ୍ଝାରପୁରୀ ଗୋ-ପ୍ରଜାତି ପ୍ରୋତ୍ସାହକ ଓ ଉତ୍ପାଦକ ସମିତିର ବୈଷୟିକ ପରାମର୍ଶଦାତା ଡା. ଜ୍ୟୋତି ରଂଜନ ମହାନ୍ତି, ଏହି ସମିତିର ସଂପାଦକ ସୁକାନ୍ତ କୁମାର ବିଶ୍ୱାଳ, ସୁପର ଭାଇଜର ଦୁର୍ଯ୍ୟୋଧନ ମିଶ୍ର, ନରେନ୍ଦ୍ର କୁମାର ସାହୁ ଏବଂ ଦୁଗ୍ଧ ଅଭିଲେଖକ ମାନଙ୍କ ସହିତ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଜିଲ୍ଲା ର ବିଭିନ୍ନ ଅଞ୍ଚଳକୁ ଯାଇ ଚାଷୀମାନଙ୍କ ସହିତ ଆଲୋଚନା କରିବା ସହିତ ରେକର୍ଡିଂ କାର୍ଯ୍ୟକ୍ରମକୁ ଅନୁଧ୍ୟାନ କରି , ଏହାର ପରିଚାଳନାକୁ ଭୂୟସୀ ପ୍ରସଂଶା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପର ଅଧିକାରୀ , ସମିତିର ସଂପାଦକ ସହାୟକ ପ୍ରଦାନ କରିଥିଲେ ।ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମ ଓଡିଶା ପ୍ରାଣୀ ସମ୍ପଦ ବିକାଶ ସମିତିର ଉପ ନିର୍ଦ୍ଦେଶକ ଡାଃ ସୌମେନ୍ଦ୍ର କୁମାର ଧଳ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କରାଯାଇଥିଲା।




# ଜିଲ୍ଲାପାଳଙ୍କ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ଗୁମ୍ମା : (ମନ୍ଥନ ନ୍ୟୁଜ) ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ ମୁନିସିଂ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭା ଗୃହ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ସହ ଗ୍ରାମ୍ୟମୁଖୀ ପ୍ରଶାସନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ଶୁଣାଣି ରେ ,ମୁନିସିଂ, ତରଙ୍ଗଡା, ଜୀବା ଓ ଝାମି ପଞ୍ଚାୟତର ଅନେକ ଲୋକ ଅଭିଯୋଗ ପତ୍ର ନେଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ କ୍ଷଏଥିରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ଓ ଗଜପତି ଜିଲ୍ଲା ଆରକ୍ଷୀ ଅଧକ୍ଷ ଯତୀନ୍ଦ୍ର କୁମାର ପଣ୍ଡା,ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶଙ୍କର କେରକେଟା ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମୁବାରକ୍ ଅଲ୍ଲୀ ଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇ ଥିବା ବେଳେ ଗୁମ୍ମା ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତି ସୁନେମି ମଣ୍ଡଳ .ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାର ଶରତ ଶବର ସହ ବ୍ଲକର ଅନେକ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ କ୍ଷଏଥିରେ ମୋଟ ୨୭ ଗୋଟି ବ୍ୟକ୍ତି ଗତ ଓ ୪୨ ଗୋଟି ସାମୂହିକ ଅଭିଯୋଗକୁ ଗ୍ରହଣ କରିଥିଲେ କରିଥିଲେ। ଅଧିକାଂଶ ଆବାସ ଗୃହ ଓ ରାସ୍ତା ଘାଟ ବିଷୟରେ ଅଭିଯୋଗ ପାନୀୟ ଜଳ ସମ୍ପର୍କେ ଅଭିଯୋଗ ହୋଇଥିଲା। ଏହି ଜନ ଶୁଣାଣି କୁ ଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୁଲାରାମ ମାରାଣ୍ଡି ପରିଚାଳନା କରିଥିବାବେଳେ ବ୍ଲକ ର ସମସ୍ତ କର୍ମଚାରୀ ଓ ମୁନିସିଂ ଗ୍ରାମ ପଞ୍ଚାୟତ ର ସରପଞ୍ଚ, ସମିତି ସଭ୍ୟ ଓ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ପରିଚାଳନା କରିବା ପାଇଁ ସହଯୋଗ କରିଥିଲେ।




# ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ପାୟଲଙ୍କୁ ସ୍ୱର୍ଣ୍ଣ, କଳ୍ପଜିତ ରୌପ୍ୟ ପଦକ ବିଜେତା

ଗଞ୍ଜାମ, (ମନ୍ଥନ ନ୍ୟୁଜ): ଚଳିତ ବର୍ଷ ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଗଞ୍ଜାମର ଓଡ଼ିଆ ଝିଅ ପାୟଲ ନାହାକ (୯ବର୍ଷ )ସ୍ୱର୍ଣ୍ଣ ପଦକ ଏବଂ କଳ୍ପଜିତ ପାତ୍ର ରୌପ୍ୟ ପଦକ ହୋଇଥିବା ଜଣାପଡ଼ିଛି କ୍ଷ ଅନୁଗୁଳ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ଟାଇକୋଣ୍ଡ ପ୍ରତିଯୋଗିତାରେ ଦଶ ବର୍ଷରୁ କମ ବିଭାଗରେ ପାୟଲ ଗୋଲଡ଼ ମେଡଲ ପାଇଥିବା ବେଳେ କଳ୍ପଜିତ ବ୍ରୋଞ୍ଜ ପଦକ ପାଇବାକୁ ସକ୍ଷମ ହୋଇଛନ୍ତି କ୍ଷ ପାୟଲ ଓ କଳ୍ପଜିତ ଗଞ୍ଜାମ ଜିଲାରୁ ପ୍ରତିନିଧିତ୍ୱ କରି ଏହି ସଫଳତା ପାଇ ଗଞ୍ଜାମ ସହର ପାଇଁ ଗୌରବ ଆଣିଛନ୍ତି କ୍ଷ ପାୟଲ ହେଉଛନ୍ତି ପୁଇଁତୋଳା ଗ୍ରାମର ପ୍ରଶାନ୍ତ ନାହାକ ଓ ମମତା ନାହାକଙ୍କ କନ୍ୟା କ୍ଷ ସେହିପରି କଳ୍ପଜିତ ହେଉଛନ୍ତି ଗଞ୍ଜାମ ଥାନା ଅଧିକାରୀ ନମିତା ପାତ୍ର ଓ ଦୁଷ୍ମନ୍ତ ପାତ୍ରଙ୍କ ପୁତ୍ର କ୍ଷ ପାୟଲ ତୃତୀୟ ଶ୍ରେଣୀରେ ପଢୁଥିବା ବେଳେ କଳ୍ପଜିତ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି କ୍ଷ ଉଭୟ ଇଂଲିଶ ମିଡ଼ିଅମ ସ୍କୁଲରେ ଅଧୟନ କରୁଥିବା ଜଣା ପଡିଛି କ୍ଷ ଆସନ୍ତା ଅଗଷ୍ଟରେ ପାୟଲ ନେଶନାଲ ଖେଳିବାକୁ ଚେନାଇ ଯିବେ ବୋଲି ଜଣା ପଡିଛି।



# ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ସାଙ୍ଗଠନିକ ଆଲୋଚନା ଏବଂ ବୃକ୍ଷରୋପଣ





ଯାଜପୁର,( ମନ୍ଥନ ନ୍ୟୁଜ): ରାଜ୍ୟର ସର୍ବପୁରାତନ ସାମ୍ବାଦିକ ସଙ୍ଗଠନ ଉତ୍କଳ ସାମ୍ବାଦିକ ସଂଘର ଯାଜପୁର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ରବିବାର ସ୍ଥାନୀୟ ଯାଜପୁର ପୌରପରିଷଦ ଅନ୍ତର୍ଗତ କୋଦଣ୍ଡପୁର ଦେବେଶ୍ୱର କଲଚରାଲ ଏକାଡେମୀ ପରିସରରେ ସାଙ୍ଗଠନିକ ଆଲୋଚନା ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ। ଜିଲ୍ଲା ସଙ୍ଘ ସଭାପତି ହରିହର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ହିସାବ, ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ବିଷଦ ଆଲୋଚନା କରାଯାଇଥିଲା। ଏହି ଅବସରରେ ସର୍ବସମ୍ମତିକ୍ରମେ ଯାଜପୁର ବ୍ଲକ ସଂଯୋଜକ ଭାବେ ବିଦ୍ୟାଧର ବେହେରାଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ସଂଘ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ବିଭିନ୍ନ ପ୍ରକାରର ଫଳ ଏବଂ ଫୁଲ ବୃକ୍ଷ ରୋପଣ କରାଯାଇ ପରିବେଶ ସନ୍ତୁଳନତା ଦିଗରେ ସମାଜକୁ ଏକ ମହତ୍ତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସଭାପତି ହରିହର ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ,ଉପ ସଭାପତି ପବିତ୍ର ରଂଜନ ମହାନ୍ତି,ପ୍ରଦୀପ କୁମାର ଜେନା,ଜିଲ୍ଲା ସମ୍ପାଦକ ଶୁଭାଶିଷ ରାଉତ, ଜିଲ୍ଲା କୋଷାଧକ୍ଷ ସଞ୍ଜୟ କର,ଯାଜପୁର ମୁନିସିପାଲିଟି ସଂଯୋଜକ ଦିବ୍ୟକାନ୍ତ କର,ବ୍ୟାସନଗର ସଂଯୋଜକ ଯଜ୍ଞଦତ୍ତ ତ୍ରିପାଠୀ, ଅବିନାଶ ସ୍ୱାଇଁ, ଅଜୟ ବେହେରା,ଭରତ ନାୟକ,ସୁରେଶ କର, ପ୍ରକାଶ ସାହୁ, ଦର୍ଶନୀ ବେହେରା, ଅଶୋକ ଦାସ, ସତ୍ୟବ୍ରତ ନାୟକ,ଅଜୟ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଶେଷରେ ସଭ୍ୟ ସତ୍ୟବ୍ରତ ନାୟକ ଧନ୍ୟବାଦ ପ୍ରସ୍ତାବ ଦେବା ପରେ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

# ନାଗରିକ ସମ୍ବର୍ଦ୍ଧନା -ତିନି ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ




ବ୍ରହ୍ମପୁର, (ମନ୍ଥନ ନ୍ୟୁଜ): ନିଜ ମାଟିର ସ୍ନେହ ଓ ମମତା ପ୍ରତ୍ୟେକ ନାଗରିକଙ୍କ ପାଖରେ ରହିବା ଆବଶ୍ୟକ । ଏଣୁ ସମସ୍ତେ ନିଜର ମାଁ, ମାଟି ଓ ମମତା ପାଇଁ ଆଗଭର ହୁଅନ୍ତୁ। ବ୍ରହ୍ମପୁର ସହରର ତିନି ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏଭଳି କହିଛନ୍ତି ଲୋକ ସେବକ ମଣ୍ଡଳ ର ରାଷ୍ଟ୍ରୀୟ କୋଷାଧକ୍ଷ ରାଜେନ୍ଦ୍ର କୁମାର ଜେନା ।ସହରର ଇଞ୍ଜିନିୟରିଙ୍ଗ୍ ସ୍କୁଲ ଛକ ନିକଟସ୍ଥ ରାଜସ୍ୱ ଡ଼ାକବଙ୍ଗଳାର ସଭା ଗୃହ ପରିସରରେ ଆୟୋଜିତ ସହରର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ଏପରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ନାଗରିକ ମଞ୍ଚର ସଂଯୋଜକ ମିହିର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ପ୍ରେସ କ୍ଲବ ବ୍ରହ୍ମପୁରର ସଭାପତି ଅଶୋକ କୁମାର ବ୍ରହ୍ମା , ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ , ଓଡିଶା ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର , ୟୁନିଅନ୍ କ୍ଲବର ନବନିର୍ବାଚିତ ସଭାପତି ଭି.ସନ୍ତୋଷ କୁମାର , ମହାନ ସଂଘ-ବ୍ରହ୍ମପୁରର ସଭାପତି ସୁଶାନ୍ତ ସାବତ ପ୍ରମୁଖ ମଞ୍ଚାସୀନ ରହିଥିଲେ। ଏହି ଅବସରରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଲୋକ ସେବକ ମଣ୍ଡଳ ର ରାଷ୍ଟ୍ରୀୟ କୋଷାଧକ୍ଷ ତଥା ସମାଜ ର ପ୍ରକାଶକ ଓ ମୁଦ୍ରାକାର ରାଜେନ୍ଦ୍ର କୁମାର ଜେନା, ବରିଷ୍ଠ ସାମ୍ବାଦିକ ତଥା ଓଡିଶାବାର୍ତ୍ତାର ସଂପାଦକ ମନୋଜକାନ୍ତ ଦାଶ ଏବଂ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀ ତଥା ନାଟ୍ୟକାର ରବି ନାରାୟଣ ବେହେରାଙ୍କୁ ବ୍ରହ୍ମପୁର ନାଗରିକ ମଞ୍ଚ ସମେତ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ , ସେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ନାଟ୍ୟକାର, ସାମ୍ବାଦିକ , ସାହିତ୍ୟିକ ଓ ବରିଷ୍ଠ ନାଗରିକଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ସୁଦୀପ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଗୋପାଳ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ସାମ୍ବାଦିକ ରାଜୀବ ଲୋଚନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମୀର ଆଚାର୍ଯ୍ୟ, ଇତିଶ୍ରୀ ସମାପିକା ମହାନ୍ତି, ନାରାୟଣ ମହାକୁଡ,ଅସିତ୍ ପଣ୍ଡା, ଛତ୍ରପୁର ପ୍ରେସ କ୍ଲବ୍ ର ଉପସଭାପତି ସନ୍ତୋଷ କୁମାର ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

# ବସୁଧା ପ୍ରକଳ୍ପ ଅଚଳ ଯୋଗୁଁ ଝରଣା ର ଗୋଳିଆ ପାଣି ପିଇବାକୁ ବାଧ ହେଉଛନ୍ତି ପୁରୁଣାଗୁମା ଗ୍ରାମ ୫ଟି ପଡ଼ାର ଜନସାଧାରଣ

କଳାହାଣ୍ଡି, (ମନ୍ଥନ ନ୍ୟୁଜ): କଳାହାଣ୍ଡି ରେ ବସୁଧା ଯୋଜନା ଏକ ଲଲିପପ୍ ଯୋଜନା ବୋଲି ଗ୍ରାମାଞ୍ଚଳରେ ଚର୍ଚ୍ଚା ଚାଲିଛି। କଳାହାଣ୍ଡି ଜିଲ୍ଲାର ଥୁଆମୁଲ ରାମପୁର ର ଅଧିକାଂଶ ଗ୍ରାମରେ ବସୁଧା ପ୍ରକଳ୍ପ କାର୍ଯ୍ୟ ୪ ବର୍ଷ ରୁ ଉର୍ଦ୍ଧ ହେଲା ମନ୍ଥର ଗତି ରେ କାମ କରାଯାଉଛି । ତାହା ସତ୍ତ୍ୱେ ମଧ ଅଧିକାଂଶ ଗ୍ରାମରେ ଅସମ୍ପୂର୍ଣ୍ଣ ଅବସ୍ଥାରେ ପଡ଼ିଛି । ଯାହା ବି ଯେଉଁ ଗ୍ରାମ ମାନଙ୍କରେ ଓଭର ଟ୍ୟାଙ୍କ ବସୁଧା ଯୋଜନା ରେ କିଛି ଦିନ ପାଇଁ ପାଣି ର ସୁବିଧା ପାଇ ପାରିଥିଲେ ତାହା ଛୋଟ ଛୁଆଙ୍କୁ ଲଲିପପ୍ ଦେଖାଇଲା ଭଳି । ଠିକ୍ ସେହିପରି ଏକ ଗାଆଁ କଳାହାଣ୍ଡି ଜିଲ୍ଲା ଥୁଆମୂଲ ରାମପୁର ବ୍ଲକ ଅନ୍ତର୍ଗତ କର୍ଲାପାଟ ଗ୍ରାମପଞ୍ଚାୟତ ର ପୁରୁଣାଗୁମା ଗ୍ରାମବାସୀ। ଏହି ଗ୍ରାମର ଓଭର ଟ୍ୟାଙ୍କ ବସୁଧା ଯୋଜନା ପାଣି ସୁବିଧା ପାଇ ଜନ ସାଧାରଣ କିଛିଦିନ ପାଇଁ ଆନନ୍ଦିତ ଥିଲେ । ବର୍ତ୍ତମାନ ୧୫ ଦିନରୁ ଉର୍ଦ୍ଧ୍ ହେଲାଣି ଅଚଳ ଅବସ୍ଥାରେ ପଡ଼ିରହିଛି ସେହି ବସୁଧା ଟାଙ୍କି ଲୋକେ କାହାକୁ କହିବେ କହି କହି ଥକି ଗଲେଣି ସିନା କେହି ଶୁଣୁ ନାହାନ୍ତି। ବସୁଧା ଯୋଜନାର ଗଭୀର ନଳକୂପ ପାଣି ବାହାରୁଥିବାରୁ ଆଗରୁ ଥିବା ନଳକୂଅଁ ପାଣି ମଧ ବର୍ତ୍ତମାନ ବାହାରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ସେଥି ମଧ୍ୟରୁ ଯେଉଁ ଗୋଟିଏ ଦୁଇଟି ନଳକୂଅ ଅଛି ତାହା ଏତେ ବଡ଼ ଗାଁ କୁ ସମୁଦ୍ରକୁ ସଂଖେ ପରି । କର୍ଲାପାଟ ପଞ୍ଚାୟତ ର ପୁରୁଣାଗୁମା ଗାଁ ଅତି ପୁରାତନ ଗ୍ରାମ ତାହା ପୁଣି ଭବାନୀପାଟଣା ରୁ ଥୁଆମୂଲ ରାମପୁର ଯିବା ମୁଖ୍ୟ ରାସ୍ତା କଡ଼ରେ ଓ ସେହି ବ୍ଲକ ର ପ୍ରଥମ ରାସ୍ତାକଡ଼ ଗ୍ରାମ ହୋଇଥିବାରୁ ଏହି ଭଳି



ଅସୁବିଧାର ସମ୍ମୁଖିନ ନ ରହିବା କଥା । ଏହା ଏତେ ପାଖରେ ଓ ରାସ୍ତା କଡ଼ରେ ଥାଇ ମଧ ଏହିପରି ସମସ୍ୟା ରହୁଛି ହେଲେ ଅତି ଦୁର୍ଗମ ଅଞ୍ଚଳ ର ଗ୍ରାମ ମାନଙ୍କରେ କିଭଳି ସମସ୍ୟା ରେ ଗତିକରୁ ଥିବ ଲୋକେ ଅନୁଭବ କରୁଛନ୍ତି । ତେଣୁ ଏହି ଗ୍ରାମବାସୀ ମାନେ କେବେ ଏହି ମୌଳିକ ଅଧିକାର ଠିକ୍ ରେ ପାଇ ପାରିବେ। କେବେ ସଜଡା ହେବ ବସୁଧା ପାଣି ର କାର୍ଯ୍ୟଯୋଜନା ଦେଖିବାକୁ ବାକି ରହିଲା। ସ୍ୱଚ୍ଛ ପିଇବା ପାଣି ପାଇବା ତ ଦୂରର କଥା ରୋଷେଇ କରିବା ପାଇଁ ମଧ ଘୋର ଅସୁବିଧା। ଗ୍ରାମର ପିଲା ଛୁଆ ନାଳର ଗୋଳିଆ ପାଣି ପିଇ, ଗାଧୋଇ ନାନାଦି ଚର୍ମ ରୋଗରେ ଆକ୍ରାନ୍ତ ହେଉଥିବାର ପ୍ରକାଶ କରିଛନ୍ତି ଗ୍ରାମବାସୀ। ବିଶେଷ କରି ବର୍ତ୍ତମାନ ଶୀଘ୍ର ପାଣିର ସୁବ୍ୟବସ୍ଥା ପାଇଁ ସରକାର ପଦକ୍ଷେପ ନ ନିଅନ୍ତି ତାହାହେଲେ ବର୍ଷାଜନିତ ରୋଗରେ ପିଲା ଛୁଆ ଠୁ ଆରମ୍ଭ କରି ବୟସ୍କ ଲୋକ ମାନେ ମଧ ଅସୁବିଧା ଭୋଗିବେ। ସେଥିପାଇଁ ଶୀଘ୍ର ମରାମତି କରାଯାଉ ବୋଲି ଅଞ୍ଚଳବାସୀ ଦାବୀ ଜଣାଇଛନ୍ତି ।

# ଶ୍ରାବଣ ମାସରର ପ୍ରଥମ ସୋମବାର, ଶୈବପୀଠରେ ବୋଲବମ୍ ଭକ୍ତଙ୍କ ଭିଡ

ନୂଆଗାଁ/ଓଡ଼ଗାଁ,(ମନ୍ଥନ): ଶ୍ରାବଣ ମାସର ପ୍ରଥମ ସୋମବାର ନୟାଗଡ଼ ଜିଲ୍ଲାର ସମସ୍ତ ଶୈବପୀଠ ହୋଇଉଠିଥିଲା ଚଳ ଚଞ୍ଚଳ ।ଭୋଳନଥ ଶିବ ଙ୍କ ମସ୍ତକରେ ଜଳ ଲାଗି କରିବା ପାଇଁ ଶ୍ରଦ୍ଧାଳୁ ବୋଲବମ୍ ଭକ୍ତ ଙ୍କ ଭିଡ ଦେଖିବାକୁ ମିଳିଥିଲା। ଶ୍ରଦ୍ଧାଳୁ ବୋଲବମ ଭକ୍ତ ,କାଉଡ଼ିଆ ମାନେ ଜିଲ୍ଲାର କଣ୍ଟିଲୋ ନିକଟସ୍ତ ମହାନଦୀ ସମେତ ବିଭିନ୍ନ ନଦୀରୁ ପୂଜାର୍ଚ୍ଚନା ପୂର୍ବକ ଜଳ ଉତ୍ତୋଳନ କରି, ଜଳ ଭାର ଧରି ପାଦରେ ଚାଲି ଚାଲି ଆସି ଜିଲ୍ଲାର ବିଭିନ୍ନ ଶୈବପୀଠ ମାନଙ୍କରେ ଭୋଳନାଥ ଶିବ ଙ୍କ ମସ୍ତକରେ ଜଳାଭିଷେକ କରିଥିଲେ। ପାରମ୍ପରିକ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରି ନଦୀ ରୁ ଜଳ ଉତ୍ତୋଳନ କରି ମାନସିକ ଧାରି ବୋଲବମ୍ ଭକ୍ତ,କାଉଡ଼ିଆ ମାନେ ଜଳ ଭାର ଧରି ଆସୁଥିବା ବେଳେ, ବୋଲବମ୍,ହର ହର ବମ,ଭୋଳା ଶଙ୍କର ପାର କରେଗା, ଜଟିଆ ବାବା ପାର କାରେଗା,ପାର୍ବତୀ ପତି ପାର କରିଗା ପ୍ରଭୃତି ଧ୍ୱନୀ ରେ ଗଗନ ପବନ ପ୍ରକମ୍ପିତ ହୋଇଉଠୁଥିବା ବେଳ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏହି ଅବସରରେ ଜିଲ୍ଲାର ପ୍ରସିଦ୍ଧ ଶୈବ ପୀଠ ଶରଣଙ୍କୁଳ ସ୍ଥିତ ପ୍ରଭୁ ଶ୍ରୀ ଲଡୁବାବା ଙ୍କ ପୀଠ,ଓଡ଼ଗାଁ ବ୍ଲକ ର ଜାମୁପାଟଣା ବିଜେ ପ୍ରଭୁ ଶ୍ରୀ ଶ୍ରୀ ଦୂତିକେଶ୍ୱର ଙ୍କ ପୀଠ, ବାହାଡ଼ାଝୋଲା ସ୍ଥିତ ପ୍ରଭୁ ଶ୍ରୀ ଫୁଲେଶ୍ୱର ମହାଦେବ ଙ୍କ ପୀଠ ସମେତ ଜିଲ୍ଲାର ସମସ୍ତ ଶୈବ୍ୟପୀଠ ମାନଙ୍କରେ ହଜାର ହଜାର ସଂଖ୍ୟାରେ ମାନସିକଧାରି କାଉଡ଼ିଆ ମାନେ ଶିବଙ୍କ ମସ୍ତକରେ ଜଳାଭିଷେକ କରିଥିଲେ। ପାଣିଭାର ଧରି ଖାଲି ପାଦରେ ଚାଲି ଚାଲି ଆସୁଥିବା ବୋଲବମ୍ ଭକ୍ତ ବା କାଉଡ଼ିଆ



ଙ୍କ ପାଇଁ ବିଭିନ୍ନ ସେବା ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ସ୍ଥାନରେ ଖାଦ୍ୟ ପାନୀୟ ସହ ବିଶ୍ରାମ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ପଶ୍ଚିମାମୁଖି ଶିବ ପ୍ରଭୁ ଶ୍ରୀ ଶ୍ରୀ ଦୂତିକେଶ୍ୱର ଙ୍କ ପୀଠରେ ଜିଲ୍ଲା ସମେତ ଆଖ ପାଖ ଜିଲ୍ଲାରୁ ପ୍ରାୟ ପାଞ୍ଚ ହଜାର ରୁ ଉର୍ଦ୍ଧ କାଉଡ଼ିଆ, ବୋଲବମ ଭକ୍ତ ଜଳାଭିଷେକ କରିଥିବା ବେଳେ, ପୁରୁଷଙ୍କ ସମେତ ଛୋଟ ଛୋଟ ପିଲା ଏବଂ ବହୁସଂଖ୍ୟାରେ ମହିଳା ମାନସିକ ଧାରୀ କାଉଡ଼ିଆ ମାନେ ଜଳାଭିଷେକ କରିଥିଲେ। ବିଭିନ୍ନ ସ୍ଥାନରୁ ଜଳାଭିଷେକ ପାଇଁ ଆସିଥିବା ଶ୍ରଦ୍ଧାଳୁ କାଉଡ଼ିଆ ମାନେ ପାଣି ଭାର ରଖିବା ସହ ରାତ୍ର ଯାପନ ପାଇଁ ମନ୍ଦିର ପ୍ରଶାସନ ତରଫରୁ ଆବଶ୍ୟକ ବ୍ୟବସ୍ତା କରାଯାଇଥିବା ବେଳେ ବିଭିନ୍ନ ସ୍ବେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଅନ୍ନ ପ୍ରସାଦ ଓ ପାନୀୟ ଜଳ ର ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ବୋଲବମ୍ ଭକ୍ତ ମାନେ ଶୃଙ୍ଖଳାରେ ଜଳାଭିଷେକ କରିବା ପାଇଁ ବ୍ୟବସ୍ଥା କରାଯାଇଥିଲା। ଓଡ଼ଗାଁ ଆଦର୍ଶ ଥାନା ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

# ବାଲ୍ୟବିବାହ ଓ ଶିଶୁ ଚାଲାଣ ସଂବନ୍ଧୀୟ ସଚେତନ ସଭା

ଆଠମଲ୍ଲିକ, (ମନ୍ଥନ ନ୍ୟୁଜ) : ଅନୁଗୋଳ ଜିଲ୍ଲା ବଣୀନାଳୀ ବିଶ୍ୱ ଯୁବ କେନ୍ଦ୍ର,, ଅନୁଗୋଳ ଦ୍ୱାରା ପରିଚାଳିତ କାର୍ଯ୍ୟ କ୍ରମ 'ଆକ୍ସେସ ଟୁ ଜଷ୍ଟିସ 'ଦ୍ୱାରା ଅନୁଗୋଳ ଜିଲ୍ଲାର କିଶୋରନଗର ବ୍ଲକ୍ ଉରୁକୁଳା ଗ୍ରାମ ପଞ୍ଚାୟତ ର ସେରେଣ୍ଡା ଗ୍ରାମ ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯକ୍ରମ ରେ ୱାଡମେମ୍ବର, ଅଙ୍ଗନ୍ୱାଡ଼ି , ଆଶା, ସଭାପତି ସମ୍ପାଦକ ଓ ଗ୍ରାମବାସୀ ମାନଙ୍କ ଉପସ୍ଥିତ ରେ ଜିଲ୍ଲା ରେ ଶିଶୁ ମାନଙ୍କୁ ନିଜର ଅଧିକାର ରୁ ବଞ୍ଚିତ କରି ବଲ୍ୟବିବାହ, ଶିଶୁ ଚାଲାଣ,ଶିଶୁ ଯୌନ ନିର୍ଯାତନା,ଶିଶୁ ଶ୍ରମିକ ତଥା ଜୀବନ ପ୍ରତି ବିପଦ ସଙ୍କୁଳନ କାର୍ଯ୍ୟ ରେ ନିୟୋଜିତ ତଥା ଏହାର ଭୟାବହତା ଉପରେ ବିଶେଷ ଆଲୋଚନା କରାଯାଇଥିଲା। ବାଲ୍ୟ ବିବାହ ତଥା ଶିଶୁଙ୍କୁ ଶ୍ରମ ରେ ନିୟୋଜିତ କରୁଥିବା ଲୋକଙ୍କ ପାଇଁ ଭାରତୀୟ ଆଇନ ଅନୁଯାୟୀ ବାଲ୍ୟ ବିବାହ ର ଦଣ୍ଡ ବିଧାନ ଓ ନିୟମାବଳି ଏବଂ ପ୍ରତ୍ୟେକ ଶିଶୁର ଚାରୋଟି ପ୍ରାଥମିକ ଅଧିକାର ବିଷୟ ରେ ଆଲୋଚନା କରିଥିଲେ। ଏହି ସବୁ କାର୍ଯ୍ୟକ୍ରମ ର ଆୟୋଜନ ତଥା ପରିଚାଳନା ବିଶ୍ୱଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସଭାପତି ବସନ୍ତ କୁମାର ପ୍ରଧାନ ଓ ପୂଜା ସ୍ୱାଇଁ ଙ୍କ ତତ୍ତ୍ୱା ବଧାନରେ ପ୍ରକଳ୍ପ ସହଯୋଗୀ ପପି ଦେହୁରୀ ସଭା ପରିଚାଳନା କରିଥିଲେ।




# କଲେଜ୍ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାରେ କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ

କଳାହାଣ୍ଡି, (ମନ୍ଥନ ନ୍ୟୁଜ): ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ଅଧ୍ୟାପକଙ୍କ ଅସଦାଚରଣ ଯୋଗୁଁ ଆତ୍ମହତ୍ୟା ଉଦ୍ୟମ ଘଟଣାରେ କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କଳାହାଣ୍ଡି ଯୁବ ଓ ଛାତ୍ର କଂଗ୍ରେସ ସହ କଲେଜ ର ଛାତ୍ର ଛାତ୍ରୀ ସମସ୍ତେ ଏକତ୍ରିତ ହୋଇ ମାଁ ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଙ୍କ କୁଶ ପୁତ୍ତଳିକା ଦାହ କରିଛନ୍ତି। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ କଂଗ୍ରେସ ଯୁବ ସଭାପତି ମହମ୍ମଦ ସାହେବ , ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ବାରିକ , ଛାତ୍ର ନେତା ସ୍ୱଭିକ ମିଶ୍ର ସମେତ ସହ ସହ କଂଗ୍ରେସ କର୍ମୀ ଓ କଲେଜ ଛାତ୍ର ଛାତ୍ରୀ ଯୋଗଦେଇ କାର୍ଯ୍ୟକ୍ରମ ରେ ସାମିଲ ହୋଇଥିଲେ । ଅତି ଶୀଘ୍ର ଘଟଣାର ତ୍ୱରନ୍ତ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ସହ ମନ୍ତ୍ରୀ ତ୍ୱରନ୍ତ ଇସ୍ତାପା ଦିଅନ୍ତୁ ବୋଲି ସ୍ଲୋଗାନ ମାଧମରେ ଦାବୀ କରିଥିଲେ ।



# କାର୍ଯ୍ୟକ୍ଷମ ନହେବା ପୂର୍ବରୁ ଭାଙ୍ଗି ରୁଜି ଗଲାଣି ଅଙ୍ଗନବାଡ଼ି ଶୌଚାଳୟ

ଗଣିଆ, (ମନ୍ଥନ) କୋମଳମତି ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସରକାର ଗାଁ ଗୁଡିକରେ ଶିଶୁକଲ୍ୟାଣ ବିଭାଗ ଜରିଆରେ ଅଙ୍ଗନବାଡ଼ି ନିର୍ମାଣ କରିଛନ୍ତି । ଏଠାରେ ଛାତ୍ର ଛାତ୍ରୀ ମାନଙ୍କୁ ମାଗଣାରେ ଡ୍ରେସ୍,ଖାଇବା,ବ୍ୟାଗ ଆଦି ପ୍ରଦାନ କରାଯାଉଛି । ଏପରିକି କେନ୍ଦ୍ରକୁ ଆସୁଥିବା କୋମଳମତି ଶିଶୁ ମାନଙ୍କ ପାଇଁ ପରିଶ୍ରାଗାର ଏବଂ ଶୌଚାଳୟର ବ୍ୟବସ୍ଥା କରିଛନ୍ତି । କିନ୍ତୁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଉକ୍ତ ପରିଶ୍ରାଗାର କାର୍ଯ୍ୟକ୍ଷମ ପୂର୍ବରୁ ଭାଙ୍ଗିରୁଜି ଯାଇଥିବା ଜଣାପଡିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଗଣିଆ ବ୍ଲକ କରଡାପଡା ପଞ୍ଚାୟତ କଳାଶିମିଳି ଅଙ୍ଗନବାଡ଼ି କେନ୍ଦ୍ରରେ । ଏଠାରେ ପିଲାମାନେ ଝାଡ଼ା ପରିଶ୍ରା କରିବା ପାଇଁ ୩ଟି ପରିଶ୍ରାଗାର ଏବଂ ଶୌଚାଳୟ ନିର୍ମାଣ କରାଯାଇଛି । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଏହି ପରିଶ୍ରାଗାର ଏବେ ଭଗ୍ନ ଅବସ୍ଥାରେ । ପରିଶ୍ରାଗାରର ୩ଟି ଯାକ କବାଟ ଭାଙ୍ଗି ଯାଇଥିବା ବେଳେ ପାଇଖାନାରେ ଗୋଡ଼ି,ପଥର ଭର୍ତ୍ତି ହୋଇ ରହିଛି । ପାଇଖାନାରେ ଲାଗିଥିବା ଅନେକ ସାମଗ୍ରୀ ମଧ ନଷ୍ଟ ହୋଇଗଲାଣି । ଏହି ଅଙ୍ଗନବାଡ଼ି ଚାରିପାଖରେ ପାଚେରୀ ନଥିବାରୁ କେହି ଅସାମାଜିକ ବ୍ୟକ୍ତି ଏଭଳି ଘଟଣା ଘଟାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ରକ୍ଷଣାବେକ୍ଷଣ ଅଭାବରୁ କାର୍ଯ୍ୟକ୍ଷମ ନହେବା ପୂର୍ବରୁ ନଷ୍ଟ ହୋଇଗଲାଣି । ଉଚ୍ କର୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

ଜଗତସିଂହପୁର, (ନି.ପ୍ର): ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ନାଉଗାଁ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ବରିଷ୍ଠ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଆଜି ମୋଟ ୮୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୫ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୪ ଟି, ଆବାସ ଯୋଜନା ସମ୍ପର୍କୀୟ ୨୦ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୨୪ ଟି, ଭତ୍ତା ପାଇବା ପାଇଁ ୬ ଟି, ପୋଲିସ୍ ସହାୟତା ପାଇଁ ୨ ଟି ଏବଂ ଅନ୍ୟାନ୍ୟ ୧୭ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧ ଟି ଅଭିଯୋଗର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ,ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ନାଉଗାଁ, ଶ୍ରୀ ନିରଞ୍ଜନ ପରିଡ଼ା,ତହସିଲଦାର, ନାଉଗାଁ, ଶ୍ରୀ ଅକ୍ଷୟ କୁମାର ବଡୁ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

ମୁକ୍ତ

ମଙ୍ଗଳବାର ୧୫ ଜୁଲାଇ ୨୦୨୫, ଭୁବନେଶ୍ୱର

TUESNDAY 15 JULY, 2025, BHUBANESWAR



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ସମ୍ପାଦକୀୟ

## ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଯଥାର୍ଥ

ଭୋଟ ଅଧିକାର ଏବଂ ଭୋଟଦାନର ସ୍ୱାଧୀନତା ହେଉଛି ଏକ ସଫଳ ଗଣତନ୍ତ୍ରର ଅତ୍ୟାବଶ୍ୟକୀୟ ବୈଶିଷ୍ଟ୍ୟ। ଆହୁରି ମଧ୍ୟ ନିର୍ବାଚନ ଫଳାଫଳରେ ଲୋକପ୍ରିୟ ଜନାଦେଶର ପ୍ରତିଫଳନ ପାଇଁ ଏସବୁ ହେଉଛି ଆନୁସଙ୍ଗିକ ଆବଶ୍ୟକତା। ନିର୍ବାଚନ ପ୍ରକ୍ରିୟାରେ ପବିତ୍ରତା ରକ୍ଷା କରିବା ହେଉ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦାୟିତ୍ୱ। ଏହାର ଅର୍ଥ ହେଉଛି ଯେ, ଭାରତର ଜଣେ ନାଗରିକ, ଯେ କି ଭୋଟଦାନ ପାଇଁ ଯୋଗ୍ୟ। ଭୋଟର ତାଲିକାରୁ ଯେପରି ବାଦ ନପଡନ୍ତି କିମ୍ବା ଜଣେ ଅଣ-ଭାରତୀୟ ଯେପରି ଭୋଟର ତାଲିକା ଭୁକ୍ତ ନହୁଅନ୍ତି। ଏହି ଉଦ୍ଦେଶ୍ୟରେ ନିର୍ବାଚନ କମିଶନ ନିର୍ଦ୍ଦିଷ୍ଟ ସମୟରେ ଭୋଟର ତାଲିକା ସଂଶୋଧନ କରିଥାନ୍ତି। ଯାହାକି ଏକ ନିୟମିତ ପ୍ରକ୍ରୀୟା। ତେଣୁ ନିର୍ବାଚନ ପୂର୍ବରୁ ଭୋଟ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କମିଶନ ଭୋଟର ତାଲିକା ସଂଶୋଧନ କରିଥାନ୍ତି। ଏଥିଲାଗି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଏବେ ଭୋଟର ତାଲିକା ସମୀକ୍ଷା ପାଇଁ ସ୍ପେଶାଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ଆରମ୍ଭ କରିଛନ୍ତି। ଯାହାକୁ ଦେଶର ବିରୋଧି ଦଳଗୁଡିକ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। କେବଳ ବିରୋଧି ଦଳ ନୁହଁନ୍ତି, ବହୁ ସଂଗଠନ ଏବଂ ବ୍ୟକ୍ତି ବିଶେଷ ମଧ୍ୟ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଥିଲେ। ପିଟିସନଗୁଡିକର ଶୁଣାଣୀ କରି ସୁପ୍ରିମକୋର୍ଟ ବିହାରରେ ଏସଆଇଆର ଜାରି ରଖିବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ଏହା ସମ୍ଭବତଃ ଇସିଆଇଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା କେତେକ ମନ୍ତବ୍ୟ ନିର୍ବାଚନ କମିଶନଙ୍କ ମୁହଁରେ ଅଣ୍ଡାମାଡ ସଦୃଶ ହୋଇଥିବା ମନେହୁଏ। ଉଦାହରଣ ସ୍ୱରୁପ, ଭୋଟଦାତାଙ୍କ ପାଇଁ ସର୍ବଦା ଆଧାର, ଭୋଟର ପରିଚୟ ପତ୍ର ଓ ରାସନ କାର୍ଡ ସମେତ ୧୧ଟି ପ୍ରମାଣପତ୍ରକୁ କମିଶନ ଗ୍ରହଣ କରିଥିବାବେଳେ ଭୋଟର ତାଲିକାର ଏସଆଇଆର ପାଇଁ ଲୋକଙ୍କ ଆଧାର, ଭୋଟର ପରିଚୟପତ୍ର ଏବଂ ରାସନକାର୍ଡକୁ ବାଦ୍ ଦେବା ସମ୍ପର୍କରେ ଅଦାଲତ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାଗରିକତ୍ୱ ନିଷ୍ପତି ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ନିର୍ବାଚନ କମିଶନରଙ୍କର ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ମରଣ କରାଇଦେଇଛନ୍ତି। କିନ୍ତୁ ଏଥିରେ କମିଶନ କାହିଁ ମୁଣ୍ଡ ପୁରାଉଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଆହୁରି ମଧ୍ୟ ଏସଆଇର ସମୟକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ ହୋଇଥିବାବେଳେ ବର୍ତମାନ ବର୍ଷା ଋତୁ ହୋଇଥିବାରୁ ମାତ୍ର ମାସକ ମଧ୍ୟରେ ଏସଆଇଆରର ଉଦ୍ଦେଶ୍ୟ କଣ ? ଉଲ୍ଲେଖଯୋଗ୍ୟ ଯେ, ବିଧାନସଭା ନିର୍ବାଚନ ଆହୁରି କିଛି ମାସ ବାକି ଥିବାବେଳେ ଏବେ ଭୋଟର ତାଲିକା ପ୍ରସ୍ତୁତି ପଛେଁ ଏସଆଇଆର ଲୋକଙ୍କ ମନରେ କେବଳ ସନ୍ଦେହ ଓ ଆଶଙ୍କା ଉଦ୍ରେକ କରିବ। କାହିଁକି ବହୁ ପୂର୍ବରୁ ଏସଆଇଆର କାହିଁକି କରାଗଲା ନାହିଁ, ଯାହାକି ରାଜ୍ୟର ୭୦କୋଟି ୯୦ହଜାର ଭୋଟଦାତା ଯାଂଚ ଅଧିକ ସମୟ ପାଇପାରିଥାନ୍ତେ। ଏ ନେଇ କମିଶନଙ୍କୁ ସ୍ପଷ୍ଟୀକରଣ ଦେବାକୁ ହେବ। ଏହା ନିସନ୍ଦେହ ଯେ, ଭୋଟର ତାଲିକା ସଂଶୋଧନ ପାଇଁ ଏସଆଇଆର ଲାଗି ଆଧାର, ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡ ଗ୍ରହଣ ଲାଗି କମିଶନଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶ ନିଶ୍ଚିତ ଭାବେ ବିହାରର ଅଗଣିତ ଭୋଟର ସ୍ୱାଗତ କରିଥିବେ ନିଶ୍ଚିତ। କାରଣ ସେମାନେ ଏହାକୁ ସହଜରେ ପ୍ରଦର୍ଶିତ କରିପାରିବେ। ଆହୁରି ମଧ୍ୟ ଆମ ଦେଶରେ ଗ୍ରାମାଚଂଳ ଲୋକଙ୍କର ରେକର୍ଡ ସାଇତି ରଖିବା ଅଭ୍ୟାସ ଅତି ଦୁର୍ବଳ। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ବିହାରର ପାଟନା ସହ କେତେକ ଅଂଚଳରେ 'ଆଧାର' ଗ୍ରହଣଯୋଗ୍ୟ ହୋଇଥିବାବେଳେ ସୀମାଚଂଳ ସମେତ ବହୁ ଅଂଚଳରେ ଗ୍ରହଣଯୋଗ୍ୟ ନୁହେଁ। ଆଧାର ନେଇ ନିର୍ବାଚନ କମିଶନଙ୍କ ଦୋମୁହାଁ ନୀତିର ଅର୍ଥ କଣ କିଛି ବୁଝାପଡୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୨୦୦୭ରେ ଜନ୍ମ ନେଇଥିବା ଯୁବକଯୁବତୀ ହିଁ ପ୍ରଥମ ଥର ପାଇଁ ଭୋଟର ତାଲିକାଭୁକ୍ତ ହୋଇପାରିବେ। କିନ୍ତୁ ୨୦୦୭ରେ ଜନ୍ମ ଗ୍ରହଣ କରିଥିବା ମୋଟ ଶିଶୁଙ୍କ ମଧ୍ୟରୁ ମାତ୍ର ୨୬.୨ ପ୍ରତିଶତଙ୍କ ଜନ୍ମ ପ୍ରମାଣପତ୍ର ରହିଛି। ସେହିପରି ୨୦୧୧ ଜନଗଣନା ଅନୁଯାୟୀ ମାତ୍ର ୨୩ପ୍ରତିଶତ ସ୍କୁଲ ପ୍ରମାଣପତ୍ର ଥିବାବେଳେ ମାତ୍ର ୪.୫ ପ୍ରତିଶତ ନିକଟରେ ନିଯୁକ୍ତି ପ୍ରମାଣ ପତ୍ର ଓ ପେନସନ ପ୍ରମାଣପତ୍ର ରହିଛି। ସେହିପରି ୧୧୪ ମିଲିଅନଙ୍କ ଆଧାର ଥିବାବେଳେ ୮୩ ମିଲିଅନଙ୍କ ନିକଟରେ ରାଶନ କାର୍ଡ ରହିଛି। ଏଥିରେ ଦ୍ୱିରୁକ୍ତ ନାହିଁ ଯେ, ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଯାହାକି ଏକ ସାମ୍ବିଧାନିକ କର୍ତବ୍ୟ। ନିର୍ବାଚନ କମିଶନ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶକୁ ସମ୍ମାନ ଦେଇ ଭୋଟର ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ।

# ଦଲାଇଲାମାଙ୍କ ପୁନର୍ଜନ୍ମକୁ ନେଇ କାହିଁକି ଭୟଭୀତ ଚୀନ ?

**ଡ. ସମନ୍ୱୟ ନନ୍ଦ**

ତିବ୍ବତର ସର୍ବୋଚ୍ଚ ଧର୍ମଗୁରୁ ଓ ଜୀବନ୍ତ ବୁଦ୍ଧ ଭାବେ ସ୍ୱୀକାର କରାଯାଉଥିବା ଦଲାଇଲାମା ପୁଣି ଥରେ ସ୍ପଷ୍ଟ କରି ଦେଇଛନ୍ତି ଯେ ଦଲାଇଲାମା ସଂସ୍ଥା ସମାପ୍ତ ହେବ ନାହିଁ ଓ ତାଙ୍କର ପୁନର୍ଜନ୍ମ ନିଶ୍ଚିତ ଭାବରେ ହେବ । ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ଦଲାଇଲାମା ଏହା ବ୍ୟତୀତ ସେ ଚୀନ ଓ ନିଜର ଅନୁଯାୟୀ ମାନଙ୍କୁ ସ୍ପଷ୍ଟ ଭାଷାରେ ବାର୍ତା ଦେଇଛନ୍ତି ଯେ ଆଗାମୀ ଦଲାଇଲାମା କିଏ ହେବ ତାହାର ନିଷ୍ପତି ଆଧାତ୍ମିକ ଭାବେ କରାଯିବ । ଶହ ଶହ ବର୍ଷର ତିବତୀୟ ପରମ୍ପରା ଅନୁସାରେ ତାଙ୍କର ପୁନର୍ଜନ୍ମ ହେବ ଓ ତାଙ୍କର ସହଯୋଗୀ ବିଶ୍ୱସ୍ତ ବୌଦ୍ଧ ଭିକ୍ଷୁ ମାନଙ୍କର ଏକ ସମୂହ ନିକଟରେ ତାଙ୍କର ଉତରାଧିକାରୀକୁ ଚିହ୍ନଟ କରିବା ନିମନ୍ତେ ସମ୍ପୂର୍ଣ୍ଣ ଅଧକାର ରହିବ । ଏହା ଏକ ଦୀର୍ଘ ପ୍ରକ୍ରିୟା ହୋଇଥାଏ ଯେଉଁଥିରେ ଏକ ଶିଶୁକୁ ଖୋଜା ଯାଏ ଯେଉଁଥିରେ ଦଲାଇଲାମାଙ୍କ ଆତ୍ମାର ପୁନର୍ଜନ୍ମ ହୋଇଥାଏ । ଦଲାଇଲାମା ଏହି ଅବସରରେ ନିଜର ଭିକ୍ଷୁ ମାନଙ୍କୁ କହିଛନ୍ତି ଏହି ବିଷୟରେ ହସ୍ତକ୍ଷେପ କରିବାର କାହାକୁ କୌଣସି ଅଧିକାର ନାହିଁ ।



ଦଲାଇଲାମାଙ୍କ ଏହି ଘୋଷଣା ବାସ୍ତବରେ କମ୍ୟୁନିଷ୍ଟ ଚୀନକୁ ଏକ ବଡ ବାର୍ତ୍ତା ବୋଲି ମନେ କରାଯାଉଛି । କାରଣ କମ୍ୟୁନିଷ୍ଟ ଚୀନ ସରକାରକୁ ସେ ସ୍ପଷ୍ଟ ଶବ୍ଦରେ ସୂଚାଇ ଦେଇଛନ୍ତି ଯେ ଦଲାଇଲାମା କେଉଁଠି ଜନ୍ମ ନେବେ ଓ ତାଙ୍କର ଚୟନ କରିବାର ଅଧିକାର କେବଳ ତାଙ୍କର ଓ ତାଙ୍କର ସହଯୋଗୀ ଭିକ୍ଷୁ ମାନଙ୍କର ରହିଛି । ଚୀନ ଏହା ପୂର୍ବରୁ ବାରମ୍ବାର କହି ଆସିଥିଲା ଯେ ଆଗାମୀ ଦଲାଇଲାମାଙ୍କୁ ଚୟନ କରିବାର ଅଧିକାର କେବଳ ଚୀନ ସରକାରଙ୍କ ନିକଟରେ ଅଛି ।

ଦଲାଇଲାମାଙ୍କ ବର୍ତମାନର ଏହି ଘୋଷଣାକୁ ମଧ୍ୟ ଚୀନ ସହଜରେ ଗ୍ରହଣ କରି ପାରି ନାହିଁ । କାରଣ ଚୀନ ଜାଣିଛି ଯେ ଏପରି ହେବା ଦ୍ୱାରା ଚୀନର ଲକ୍ଷ୍ୟ ସାଧିତ ହେବ ନାହିଁ । ତେଣୁ ଚୀନ ସରକାର ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ କୌଣସି ପୁନର୍ଜନ୍ମକୁ ସେତେବେଳେ ମାନ୍ୟତା ପ୍ରଦାନ କରାଯିବ ଯେତେବେଳେ ଚୀନର କମ୍ୟୁନିଷ୍ଟ ସରକାର ତାକୁ ଅନୁମୋଦନ ଦେବ । ଚୀନର କମ୍ୟୁନିଷ୍ଟ ସରକାର କହିଛି ଯେ ୨୦୦୭ ମସିହାର ଆଇନ ଅନୁସାରେ ପୁନର୍ଜନ୍ମର ଅଧିକାର କେବଳ ଚୀନ ସରକାରଙ୍କ ଅଧୀନରେ ରହିଛି ।

ତେବେ ଏଠାରେ ପ୍ରଶ୍ନ ଉଠିବା ସ୍ୱାଭବିକ ଯେ ଦଲାଇଲାମା ଓ ତାଙ୍କର ପୁନର୍ଜନ୍ମକୁ ନେଇ ଚୀନ ଏତେ ଚିନ୍ତିତ କାହିଁକି ? ଦଲାଇଲାମା କେଉଁଠି ଜନ୍ମ ହେବେ, ସେ କାହା ଶରୀର ଧାରଣ କରି ପୁନର୍ଜନ୍ମ ନେବେ ଏହା ସହିତ କମ୍ୟୁନିଷ୍ଟ ଚୀନର କଣ ସମ୍ପର୍କ ରହିଛି ? ଚୀନର ଏହି ଚିନ୍ତା ପଛରେ ବଡ ରହସ୍ୟ ରହିଛି । ଯଦିଓ ଚୀନ ତିବ୍ବତକୁ ସାତ ଦଶନ୍ଧିରୁ ଅଧିକ ସମୟ ହେଲାଣି ବଳପୂର୍ବକ ଅଧିକାର କରି ରଖିଛି ଓ ତିବ୍ବତୀୟ ମାନଙ୍କ ସହ ସମସ୍ତ ପ୍ରକାର ପାଶବିକ ଅତ୍ୟାଚାର କରି ଆସୁଛି ତଥାପି ସେମାନଙ୍କ ମନରୁ ତିବ୍ବତୀୟ ରାଷ୍ଟ୍ରୀୟତା ବା ତିବ୍ବତୀୟତାର ଧାରଣାକୁ ଦୂର କରିବାରେ ସଫଳ ହୋଇ ନାହିଁ । ଏହାର କାରଣ ହେଲା ଦଲାଇଲାମା ହେଉଛନ୍ତି ତିବ୍ବତୀୟ ରାଷ୍ଟ୍ରୀୟତା ପ୍ରତୀକ । ଯଦିଓ ତିବ୍ବତର ଭୂମି ଚୀନର ଅଧିକାରରେ ଅଛି, ଦଲାଇଲାମା ଚୀନର ଅଧିକାରରେ ନାହାନ୍ତି । ତେଣୁ ତିବତର ଲୋକ ମାନେ ମନେ କରନ୍ତି ଯେ ପର୍ଯ୍ୟନ୍ତ ଦଲାଇଲାମା ସ୍ୱାଧୀନ ଅଛନ୍ତି ସେପର୍ଯ୍ୟନ୍ତ ତିବତର ରାଷ୍ଟ୍ରୀୟତା ବା ତିବତୀୟତା ପରାଧୀନ ହୋଇ ନାହିଁ । କମ୍ୟୁନିଷ୍ଟ ଚୀନ ଗତ ସାତ ଦଶନ୍ଧୀରୁ ଉର୍ଦ୍ଧ ସମୟ ଧରି ତିବ୍ବତର ସାଧାରଣ ଲୋକ ମାନଙ୍କ ମାନସପଟରୁ ତିବ୍ବତୀୟତାକୁ ସମାପ୍ତ କରିବାକୁ ଅନେକ ଷଡଯନ୍ତ୍ର କରି ଆସିଛି । ବୌଦ୍ଧ ମଠ ଗୁଡିକୁ ଚୀନର କମ୍ୟୁନିଷ୍ଟ ସରକାର ନଷ୍ଟ କରୁଛି । ବୌଦ୍ଧ ଭିକ୍ଷୁ ମାନଙ୍କୁ ସେମାନଙ୍କର ଉପାସନା କରିବାକୁ ଦେଉ ନାହିଁ । ମଠ ଗୁଡିକର ଅଧିକାରକୁ ସଂକୁଚିତ କରୁଛି । ତିବ୍ବତରେ ହାନ୍ ଜାତିର ଲୋକ ମାନଙ୍କୁ ବସବାସ କରାଇ ତିବ୍ବତୀୟ ଝିଅ ମାନଙ୍କ ସହ ଜୋର ଜବରଦସ୍ତି ବିବାହ କରାଇ ତିବ୍ବତୀୟ ମାନଙ୍କୁ ସଂଖ୍ୟାଲଘୁ କରିବାକୁ ଚେଷ୍ଟା କରି ଆସୁଛି । ଯଦି କାହା ନିକଟରେ ଦଲାଇଲାମାଙ୍କ ଫଟୋ ଚୀନର କମ୍ୟୁନିଷ୍ଟ ସରକାର ପାଏ ତେବେ ତାକୁ ସଙ୍ଗେ ସଙ୍ଗେ ଜେଲର କାଳ କୋଠରୀରେ ପୂରାଇଥାଏ । ଦମନର ଏହି ପ୍ରକ୍ରିୟା ଅନବରତ ଚାଲି ଆସିଛି । ଏ ସବୁ ସତ୍ୱେ ତିବତୀୟଙ୍କ ମନରେ ଦଲାଇଲାମାଙ୍କ ପ୍ରତି ଶ୍ରଦ୍ଧା ଅର୍ଥାତ ତିବ୍ବତୀୟତା ସମାପ୍ତ ହୋଇ ନାହିଁ । ଦଲାଇଲାମାଙ୍କ ତିବ୍ବତର ଲୋକ ମାନଙ୍କ ମାନସରେ ଏହି ପ୍ରଭାବ କାରଣରୁ କମ୍ୟୁନିଷ୍ଟ ଚୀନ ସର୍ବଦା କରୁଣା ଓ ପ୍ରେମର ଅବତାର ଦଲାଇଲାମାଙ୍କ ପ୍ରତି ଗାଳିଗୁଲଜର ଭାଷା ପ୍ରୟୋଗ କରି ଆସିଛି । କମୁନିଷ୍ଟ ଚୀନ ତାଙ୍କୁ ସାଧୁଙ୍କ ବସ୍ତ୍ରରେ ଜଣେ କୋକିଶିଆଳୀ ବୋଲି ବାରମ୍ବାର କହିଥାଏ । ଏଥିରୁ ଚୀନର ଦଲାଇଲାମାଙ୍କ ପ୍ରତି ଘୃଣା ସ୍ପଷ୍ଟ ହୋଇଥାଏ । ଦଲାଇଲାମା କେଉଁ ଦେଶକୁ ଗଲେ ସେହି ଦେଶ ଉପରେ ଚାପ ପ୍ରୟୋଗ କରି ତାଙ୍କର ଗସ୍ତକୁ ରଦ୍ଦ କରିବାକୁ ଚେଷ୍ଟା କରିଥାଏ ।

କମ୍ୟୁନିଷ୍ଟ ଚୀନ ଭଲ ଭାବେ ଜାଣିଛି ଯେ ଯେ ପର୍ଯ୍ୟନ୍ତ ପରମ ପାବନ ଦଲାଇଲାମା ଅଛନ୍ତି ସେ ପର୍ଯ୍ୟନ୍ତ ତିବ୍ବତ ଉପରେ ଅଧିକାର କଲେ ସୁଦ୍ଧା ତିବତୀୟତାକୁ ସମାପ୍ତ କରି ପାରିବ ନାହିଁ । ତେଣୁ ସେ ସମୟକୁ ଅପେକ୍ଷା କରିଛି । ଦଲାଇଲାମାଙ୍କ ବୟସ ଅଧିକ ହେବା କାରଣରୁ ତାଙ୍କର କେବେ ମୃତ୍ୟୁ ହେବ ତାକୁ ଚୀନର କମ୍ୟୁନିଷ୍ଟ ସରକାର ଅପେକ୍ଷା କରିଛି । କମ୍ୟୁନିଷ୍ଟ ଚୀନ ଜଗି ବସିଛି, କେବେ ଦଲାଇଲାମାଙ୍କ ମୃତ୍ୟୁ ହେବା ଓ କେବେ ସେ ତା ଆଡୁ ଜଣେ ଶିଶୁକୁ ଦଲାଇଲାମା ବୋଲି ଘୋଷିତ କରି ଦେବ । ଉକ୍ତ ଶିଶୁ ମାଧ୍ୟମରେ ସେ ତିବ୍ବତର ରାଷ୍ଟ୍ରୀୟତାକୁ ସମାପ୍ତ କରି ଦେବ । ଦଲାଇଲାମା ମଧ୍ୟ ଚୀନର ଏହି ଷଡଯନ୍ତ୍ରକୁ ଭଲ ଭାବେ ବୁଝିଛନ୍ତି । ତେଣୁ ସେ ବାରମ୍ବାର କହି ଆସିଛନ୍ତି ଯେ ତାଙ୍କର ପୁନର୍ଜନ୍ମ ପରାଧୀନ ଥିବା ଭୂମିରେ ହେବ ନାହିଁ । ସେ ପ୍ରକାରାନ୍ତରରେ ତିବତୀୟ ମାନଙ୍କୁ କହି ଆସିଛନ୍ତି ଯେ ଚୀନର ଅଧିକାରରେ ଥିବା ତିବତରେ ସେ ଜନ୍ମ ନେବେ ନାହିଁ । ଭାରତର ଅରୁଣାଚଳ ପ୍ରଦେଶର ତବାଙ୍ଗ ଅଂଚଳରେ ତାଙ୍କର ଅନେକ ଅନୁଯାୟୀ ଅଛନ୍ତି । ଏହା ପୂର୍ବରୁ ଜଣେ ଦଲାଇଲାମା ତୱାଙ୍ଗ ଅଂଚଳରୁ ହୋଇ ସାରିଛନ୍ତି । ତେଣୁ ଦଲାଇଲାମା ତିବତୀୟ ମାନଙ୍କୁ ସ୍ପଷ୍ଟ ଶବ୍ଦରେ କହିଛନ୍ତି ଯେ ଚୀନ ଯେଉଁ ଶିଶୁ କୁ ଦଲାଇଲାମା ବୋଲି ଘୋଷଣା କରିବ ତାକୁ ସେମାନେ ଦଲାଇଲାମା ବୋଲି ସ୍ୱୀକାର ନ କରନ୍ତୁ । ସେ ତୱାଙ୍ଗ ଅଂଚଳରେ ଜନ୍ମ ନେବେ ଓ ତାଙ୍କର ବିଶ୍ୱସ୍ତ ଭିକ୍ଷୁ ମାନଙ୍କର ସମୂହ ସେହି ଶିଶୁକୁ ଚିହ୍ନିବେ । ତାଙ୍କୁ ହିଁ ସେମାନେ ଦଲାଇଲାମା ବୋଲି ସ୍ୱୀକାର କରନ୍ତୁ । ଦଲାଇଲାମାଙ୍କର ଏହି ବକ୍ତବ୍ୟ ଚୀନର ଦୀର୍ଘ ଦିନର ଆଶାକୁ ନିରାଶାରେ ପରିବର୍ତନ କରି ଦେଇଛି । ତେଣୁ ଚୀନର ସରକାରଙ୍କୁ ଦଲାଇଲାମାଙ୍କ ବକ୍ତବ୍ୟ ଉପରେ ବାଧ ହୋଇ ପ୍ରତିକ୍ରିୟା ଦେବାକୁ ପଡିଛି ଓ କହିବାକୁ ପଡିଛି ଯେ ଚୀନ ସରକାରଙ୍କ ଅନୁମୋଦନ ବିନା ଦଲାଇଲାମାଙ୍କ ପୁନର୍ଜନ୍ମକୁ ମାନ୍ୟତା ପ୍ରଦାନ କରାଯାଇ ପାରିବ ନାହିଁ ।

ତେବେ ଦେଖିବାକୁ ଗଲେ ଚୀନ ବର୍ତମାନ ସବୁଠାରୁ ଶକ୍ତିଶାଳୀ ଦେଶ ମଧ୍ୟରେ ଅନ୍ୟତମ । ସାମରିକ ଶକ୍ତି, ପରମାଣୁ ବୋମା ଠାରୁ ଆରମ୍ଭ କରି ଟେକ୍ନୋଲଜୀ କ୍ଷେତ୍ର ହେଉ ବା ବାଣିଜ୍ୟ କ୍ଷେତ୍ର ହେଉ ଚୀନ ନିଜକୁ ମହାଶକ୍ତି ବୋଲି ପ୍ରଚାରିତ କରିଥାଏ । ହେଲେ ଏତେ ବଡ ମହାଶକ୍ତି ଚୀନ ଆଜି ଜଣେ ସାଧାରଣ ଭିକ୍ଷୁ ଦଲାଇଲାମାଙ୍କ ଆଗରେ ଭୟଭୀତ । ଏହି ସାଧାରଣ ବୌଦ୍ଧ ଭିକ୍ଷୁଙ୍କ ନିକଟରେ ନା ପରମାଣୁ ବୋମା ଅଛି, ନା ସେନା ବାହିନୀ ଅଛି ନା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଅଛି ? ତଥାପି ଚୀନ ତାଙ୍କ ନିକଟରେ ଭୟଭୀତ ଓ ପ୍ରଭାବହୀନ । ଦଲାଇଲାମାଙ୍କ ମୃତ୍ୟୁକୁ ସେ ଅପେକ୍ଷା କରିଛି । ଆଉ ଏକ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ, ନାସ୍ତିକବାଦୀ ବିଚାରଧାରା କମ୍ୟୁନିଜମରେ ବିଶ୍ୱାସ କରୁଥିବା କମ୍ୟୁନିଷ୍ଟ ଚୀନ ସରକାରକୁ ପୁନର୍ଜନ୍ମ ସିଦ୍ଧାନ୍ତକୁ ସ୍ୱୀକାର କରିବାକୁ ବାଧ ହେବାକୁ ପଡୁଛି ଓ ଦଲାଇଲାମାଙ୍କ ପୁନର୍ଜନ୍ମ କେଉଁଠାରେ ହେବ ସେ ନେଇ ମୁଣ୍ଡ ଖେଳାଇବାକୁ ଚେଷ୍ଟା କରୁଛି । ଏହାଠାରୁ ବଡ ବିଡମ୍ବନା କଣ ବା ହୋଇ ପାରେ ? ତେବେ ଏ ସମ୍ପର୍କରେ ନିର୍ବାସିତ ତିବ୍ବତ ସରକାରର ପ୍ରଧାନମନ୍ତ୍ରୀ ପେନପା ସେରିଙ୍ଗଙ୍କ ବକ୍ତବ୍ୟକୁ ଉଲ୍ଲେଖ କରିବା ଜରୁରୀ ମନେ ହେଉଛି ଯେଉଁଥିରେ ସେ କହିଛନ୍ତି ଯେ, 'ଯଦି ଚୀନ ବାସ୍ତବରେ ପୁନର୍ଜନ୍ମରେ ବିଶ୍ୱାସ କରୁଛି ତେବେ ପ୍ରଥମେ ତାକୁ ମାଓ ସେ ତୁଙ୍ଗ ଙ୍କ ଭଳି ନିଜ ନେତା ମାନଙ୍କର ପୁନର୍ଜନ୍ମ ସମ୍ପର୍କରେ ଖୋଜିବା ଉଚିତ ହେବ ।

# ପ୍ରାଚୀନ ବିବାହ ପଦ୍ଧତିରେ ବର୍ତ୍ତମାନର ଚଳନୀ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ବହୁବର୍ଷ ଧରି ଆମେ ଦେଖି ଆସୁଥିଲେ ଜାଣି ପାରିବା, ବର୍ତ୍ତମାନ ଯେଉଁ ପ୍ରକାରରେ ପୁଅଝିଅ ବା ବରକନ୍ୟାଙ୍କର ବିବାହ ସଂସ୍କାର ହେଉଛି ତାହା ଯେପରି ଏକ ପରମ୍ପରା ବଦଳି ବଦଳି ସ୍ତରରେ ଚାଲୁ ରହୁଛି। ଆମ ରାଜ୍ୟରେ କୋଣ ଅନୁକୋଣରେ ବିଭିନ୍ନ ବର୍ଗର ବିଭିନ୍ନ ଜାତିର ଲୋକ ବିଭିନ୍ନ ସମ୍ପ୍ରଦାୟର, ବିଭିନ୍ନ ଧର୍ମର ଲୋକ ବାସ କରିବା ଦେଖାଯାଉଛି। ଏସବୁରେ ପୂର୍ବ ପରମ୍ପରା କେବେ ଏ ସମୟରେ ମୌଳିକ ସ୍ତରରେ ଆଉନାହିଁ। ସବୁ ଯୌଗିକ ମିଶ୍ରଣ ହୋଇଗଲାଣି। ଦେଖାଶିଖା ଓଡ଼ିଶା ଲୋକ ବାକ୍ୟଟି ପ୍ରକୃତରେ ଉପଲବ୍ଧି ହେଉଛି। ଜ୍ୟୋତିଷଙ୍କ ପାଖରେ ଅନେକ ଜାତକ ଦେଖାଇ ପୁଅଝିଅ ବିବାହ ମେଳକ କରାଉଛନ୍ତି । ମେଳକ ପ୍ରକୃତରେ ଏକ ଗାଣିତିକ ପକ୍ରିୟା ଏହା ଶଣୀର ସହିତ କୌଣସି ସମ୍ବନ୍ଧରେ ନାହିଁ। ଜନ୍ମକାଳର ଚନ୍ଦ୍ରସ୍ଥିତ ରାଶି ଓ ନକ୍ଷତ୍ରରୁ ମେଳକ ଗ୍ରହଣ କରାଯାଏ। ଏପରି ହେଲେ ଉଭୟଙ୍କର ୧୨ ରାଶିରୁ ନିଶ୍ଚେ ଏକ ରାଶିରେ ଏକ ବରାଶି ହୋଇଥିବ ଏପରି ସମ୍ବନ୍ଧ ୧୨ ଢ ୧୨ = ୧୪୪ ପ୍ରକାର ମେଳକରୁ ୨ଜଣଙ୍କର ଏକ ମେଳକ ହେବ। ପୁଣି ୨୭ଟି ନକ୍ଷତ୍ର ମଧ୍ୟରୁ ୨ ଜଣଙ୍କର ଏକ / ଏକ ନକ୍ଷତ୍ର ହୋଇଥିବ ଏପରି ହେଲେ ୨୭ ଢ ୨୭ = ୭୨୯ ପ୍ରକାର ମେଳକ ହୋଇପାରେ, ଯହିଁରେ ୨ଜଣଙ୍କର ୧ ମେଳକ ରହିପାରେ। ୧ ରାଶିରେ ୯ ପାଦ ବା ୯ ନବାଂଶ ରହିଛି। ସେମିତି ୧ ନକ୍ଷତ୍ରରେ ୪ ପାଦ ବା ୪ ନବାଂଶ ରହିଛି। ତାହାହେଲେ ୧୨ ଢ ୯ = ୧୦୮ ବା ୨୭ ଢ ୪ = ୧୦୮ ପାଦ ବା ୧୦୮ ନବାଂଶ ଏହାର ମେଳକ ବା ଯୋଟକ ବାନ୍ଧିଲେ ୧୦୮ ଢ ୧୦୮=୧୧୬୬୪ ପ୍ରକାର ମେଳକରୁ ନିଶ୍ଚେ ଏକ ଯୋଟକରେ ୨ଜଣଙ୍କର ରହିବ।

ରାଶିମାନେ ୪ ମହାଭୂତ ଅଗ୍ନୀ ପୃଥ୍ୱି ବାୟୁ ଓ ଜଳ କ୍ରମରେ ଅଛନ୍ତି। ସ୍ଥୂଳ ମହାଭୂତ ମେଳକରେ ୪ ଢ ୪ = ୧୬ ପ୍ରକାର ମେଳକ ହୋଇଥାଏ। ଏ ମଧ୍ୟରେ ବର ଓ କନ୍ୟାଙ୍କର ୧ ମେଳକ ହୁଏ। ଅଗ୍ନି ରାଶି ଗୁଡ଼ିକୁ କ୍ଷତ୍ରୀୟ ରାଶି ପୃଥିରାଶି ଗୁଡ଼ିକୁ ବୈଶ୍ୟରାଶି ବାୟୁରାଶି ଗୁଡ଼ିକୁ ଶୁଦ୍ର ରାଶି ଓ ଜଳରାଶି ଗୁଡ଼ିକୁ ବ୍ରାହ୍ମଣ ରାଶି କୁହାଯାଏ। ୪ ପ୍ରକାର ନକ୍ଷତ୍ର ସାଧାରଣତଃ ଅଛି। ପୂର୍ଣ୍ଣ ୪ ପାଦ ୧ ରାଶିରେ ରହିଥାନ୍ତି, ପ୍ରଥମେ ୩ ପାଦ ୧ମ ରାଶିରେ ଓ ୧ପାଦ ୨ୟ ରାଶିରେ, ପ୍ରଥମେ ୧ ପାଦ ୧ମରାଶିରେ ୨ୟ ରାଶିରେ ୩ ପାଦ ରହିଥାଏ, ପାଖାପାଖି ୨ ରାଶିରେ ୧ ନକ୍ଷତ୍ର ୨/୨ ପାଦ କରି ରହିଥାଏ। ଏହି ନେଇ ରେଡ଼ିମେଡ଼ ମେଳକ ତାଲିକାରେ ଏ ପାଇଁ ୩୬ ପାଦ ୧୨୦ ଅଂଶର ୧/୧ ବୃତ୍ତ ଖଣ୍ଡ ଯାହା ପ୍ରତ୍ୟେକ ୪ରାଶି ମଧ୍ୟରେ ରହିଥାଏ। ୦ ଅଂଶରୁ ୧୨୦ ଅଂଶ ୧୨୦ ଅଂଶରୁ ୨୪୦ ଅଂଶ ୨୪୦ ଅଂଶରୁ ୩୬୦ ଅଂଶ ମଧ୍ୟରେ ୩୬ ଢ ୩ =୧୦୮ ଭାଗରେ ଥିବା ରାଶି ନବାଂଶ ବା ନକ୍ଷତ୍ର ଦେବାଂଶ ମାନ ଆସିଥାଏ।

ଆକାଶ ତତ୍ତ୍ୱର ରାଶି ରାଶିଚକ୍ରରେ ସ୍ଥାନ ପାଇନାହିଁ। ଆକାଶ ତତ୍ତ୍ୱର କିନ୍ତୁ ଗ୍ରହ ଅଧିକାର ଅଛି। ଏପରିକି ହେଉଛି ବୃହସ୍ପତି। ବୃହସ୍ପତି ଦିଗବଳୀ ଧରାଯାଏ ଲଗ୍ନରେ ହେଲେ କେଉଁ ରାଶିରେ ଦିଗବଳୀ ଶୁଭପ୍ରଦ ତାହା ବି ମନେ ରଖି ମେଳକରେ ପ୍ରୟୋଗ କରାଯାଏ। ପ୍ରତି ଜାତକରେ କ୍ଷେତ୍ର ଜାତକ ହିଁ ମେଳକ ପାଇଁ ଧରାଯାଉଛି। ପ୍ରକୃତରେ ଆଉ ୧୫ ପ୍ରକାର ଅଂଶର ଜାତକରେ ମେଳକର ସଂଯୋଗ ରଖାଯିବା ନିହାତି ଜରୁରୀ, ଏ ମଧ୍ୟରେ ଜାୟା ବା ସ୍ୱାମୀ ପାଇଁ ନବାଂଶ କୁଣ୍ଡଳୀ ଓ ଚରିତ୍ରରିଷ୍ଟ ପ୍ରକୃତିଗତ ଗୁଣ ଜାଣିବା ପାଇଁ ତ୍ରିଶାଂଶ କୁଣ୍ଡଳୀର ମେଳକ ନିହାତି ଆବଶ୍ୟକ। ଏସବୁ ସମ୍ଭାବିତ ଜନ୍ମ ସମୟ ସ୍ଥୁଳ ବା ପାଖାପାଖି ଜନ୍ମ ସମୟ ଥିଲେ ଗ୍ରହଣ କରାଯାଏ। ୧୨ ଲଗ୍ନ ଏକ ଦିନରେ ଭୋଗ ହେଲେ ୧ ଲଗ୍ନ ପ୍ରାୟ ୨ ଘଣ୍ଟା ଏହାର ୯ ଭାଗାଂଶ ହେବ ପ୍ରାୟ ୧୩/୧୪ ମିନିଟ ଦି ୫ ଭାଗ ତ୍ରିଶାଂଶରେ ୬୫ ଭାଗ ପ୍ରାୟ ଧରାଯାଏ। ପ୍ରାୟ ୬୪ ମିନିଟ ମଧ୍ୟରେ ଜନ୍ମ ସମୟ ଏ ପାଖ ସେପାଖ ରହିଥିଲେ ବ୍ୟକ୍ତିର ସମ୍ଭାବିତ ତଥ୍ୟ ବିଚାରରେ ଧରାଗତିପାରେ। ପ୍ରକୃତରେ ୩୦ ଅଂଶର ରାଶି ପାଇଁ ପ୍ରାୟ ୪ ମିନିଟ ଭ୍ରମ ରହିପାରେ ବ୍ୟକ୍ତିର ଚରିତ୍ର ସହନ ଶକ୍ତି ଆଚରଣ ଆଦି ତ୍ରିଶାଂଶରୁ ଧାର୍ଯ୍ୟ କରାଯାଏ। ପୂର୍ବପରି ନାରୀ ପରାଧିନତା ଏ ଯୁଗରେ ନାହିଁ। ପୁଣି ବାଲ୍ୟ ବିବାହ ନାହିଁ କି ଅନପଢ଼ ମୂର୍ଖ ଝିଅ ବିବାହ ସମୟରେ ନାହାଁନ୍ତି। ସଂସାର ବ୍ୟବହାର ଦ୍ରବ୍ୟର ଚାହିଦା ବହୁତ୍ ବଢ଼ିଛି। ପାନପତ୍ରକୁ ଚୁନ ନ ହେଲେ ଅଭାବ ଆସିଲେ ମତ ଫରକ ହେବ। କେହି କାହାକୁ ସମୟ ଓ ସେବା ନ ଦେଲେ ମତଫରକରୁ ସମୟ ବିସ୍ଫୋରଣ କରିପାରେ। ଏକୁ କିଛି ସହ୍ୟ ହୋଇପାରିବ କିଛି ବ୍ୟବହାର ସଂସ୍କାର କରିହେବ ଏ ଚିନ୍ତା ପାଇଁ ଏଇ ନବାଂଶ ତ୍ରିଶାଂଶର ଅନୁଧାନ ଦରକାର ପଡ଼େ।

୧୪ ଯୋଡ଼ା ଜୀବଙ୍କର ଅଧିନରେ ଏହି ୨୭ ନକ୍ଷତ୍ର ୨୧ ନକ୍ଷତ୍ର ଓ ୨୨ ନକ୍ଷତ୍ର ମଧ୍ୟରେ ୨ ନକ୍ଷତ୍ର କିଛି କିଛି ଅଂଶ ନେଇ ୧ ନକ୍ଷତ୍ର ତହିଁରେ ଖୁନ୍ଦି ରଖାଯାଇଛି ଯାହାର ନାମ ଅଭିଜିତ ନକ୍ଷତ୍ର ଏମିତି ୨୮ ନକ୍ଷତ୍ର। ଏହି ୨୧ ନକ୍ଷତ୍ରର ମୁଖ୍ୟ ଅଂଶରୁ ନକ୍ଷତ୍ରର ଅଙ୍ଗ ୨୧ ନକ୍ଷତ୍ର ନକୁଳନେଉଳା ଯୋନିର ନକ୍ଷତ୍ର ତାର ଅଂଗଜ ଅଭିଜିତ ବି ନକୁଳ ଯୋନି। ପ୍ରକୃତରେ ଏହା ଅର୍ଦ୍ଧନାରୀଶ୍ୱର କ୍ଷେତ୍ର। ୧୪ ଯୋଡ଼ା ମଧ୍ୟରେ ସ୍ତ୍ରୀ ପୁରୁଷ ଜୀବର ଯୋଡ଼ି ଅଛନ୍ତି। ଏକ ଯୋନି ନକ୍ଷତ୍ର ୨ଟିକୁ ଭଲ ଯୋଡ଼ି ଧରାଯାଏ। ମାତ୍ର ନାରୀର ପୁରୁଷ ଯୋନିର ଜୀବ ପୁରୁଷର ନାରୀ ଯୋନି ଜୀବ ହେଲେ ଅନେକ ଅସୁବିଧା ଉପୁଜି ଥାଏ। ଅନେକ ସ୍ତ୍ରୀଲୋକ ରୋଜଗାରରେ ଧନରେ ପୁରୁଷମାନେ ବଞ୍ଚୁଛନ୍ତି ଓ ଅନେକ ପୁରୁଷ ବିବାହ ପରେ ଭାଗ୍ୟ ରବି ତାଙ୍କର ଖୋଲୁଛି ଦେଖନ୍ତୁ କୌଣସି ନେତାଙ୍କୁ ତାଙ୍କର ଶ୍ୱଶୁର ଶାଶୁ ଏକ ଦାୟିତ୍ୱରେ କନ୍ୟାକୁ ବିବାହ ଦେଇଥାନ୍ତି ପରେ ସେ ମନ୍ତ୍ରୀ ବା ଏମଏଲଏ ବା ଏମପି ହେଲାପରେ ତାଙ୍କର ଝିଅ ରାଜରାଣୀ ପରି ରାଜ ଭବନରେ ବାସିନ୍ଦା ହେଉଛନ୍ତି। ଏଠାରେ ବିବାହ ପରେ ପୁରୁଷଟିର ଭାଗ୍ୟ ଖୋଲିବା ଜଣାପଡୁଛି। ଦିନେ ବହୁ ସନ୍ତାନ ଲୋକେ ଚାହୁଁଥିଲେ, ହେଲେ ବର୍ତ୍ତମାନ ସରକାରୀ ସ୍ଲୋଗାନ ଓ ଆର୍ଥିକ ସ୍ଥିତିକୁ ପ୍ରାଧାନ୍ୟ ଦେଇ ଅଳ୍ପ ସନ୍ତାନ ଇଟା ବଳବତ୍ତର। ଶରୀରରେ ଅଙ୍ଗର ସ୍ଥିତି ସ୍ଥାପକତା ଇଚ୍ଛାନୁଶା ମାଂସପେଶୀର କାର୍ଯ୍ୟ କାରିତା ନାରୀର ଅଳ୍ପ ବୟସରେ ଯାହା ଅଧିକ ବର୍ଷରେ ତାହା ନୁହେଁ। ଏବେ ୨୫ ବର୍ଷ ବୟସ ପରେ ବିବାହ କରାଯିବ ନାରୀମାନେ ଅଙ୍ଗ ଶୈଥିଳ ଖୁବ ଅଳ୍ପ ବର୍ଷରେ ଭୋଗିବା ସମୟ ଆସୁଥିବାରୁ ଓ ଅନ୍ୟାନ ଦାୟିତ୍ୱବୋଧ ପାରିବାରିକ କାର୍ଯ୍ୟ ଚାପ ଅଧିକ ସନ୍ତାନ ଧାରଣକୁ କାୟିକ ମାନସିକ ଇଚ୍ଛାରେ ନାହାନ୍ତି।

ଦୁଇ ଜାତକରେ ସନ୍ତାନବେଳେ କାଢ଼ିବାକୁ ଯେଉଁ ତଥ୍ୟ ରଖାଯାଇଛି ପୁରୁଷର ବୀଜସ୍ଫୁଟ ଓ ନାରୀ ବେକ୍ଷତ୍ରସ୍ଫୁଟ ଏକ ଜଟିଳ ଗାଣିତିକ ହିସାବ କରାଯାଇ ସ୍ଥିର କରାଯାଏ। ଏହାବାଦ ଗୁରୁଶୁଦ୍ଧି ରବିଶୁଦ୍ଧି ବର୍ଷ ଶୁଦ୍ଧି କାଳଶୁଦ୍ଧି ତରାଚନ୍ଦ୍ର ଶୁଦ୍ଧିରେ ବିବାହ ଦିନ ଧାର୍ଯ୍ୟ କରାଯାଏ। ଜ୍ୟୋତିଷଙ୍କର ମୂହୁର୍ତ୍ତ ବିଚାର ଅତି ସଂଘାତିକ ବିଚାର ଏହାକୁ ଗୌଣକରି ଅମୃତ ମାହେନ୍ଦ୍ରରେ ବିବାହ ସମ୍ବନ୍ଧ କରାଯାଏ ନାହିଁ । ଅନେକ ଏ ବିଷୟରେ ଅଜ୍ଞାନ୍ତ ବା ସମୟ ଅଭାବରୁ କରିନଥାନ୍ତି। ଏବେ ବାଜାବାଲା, କଲ୍ୟାଣ ମଣ୍ଡପ ଭୋଜିର ରୋଷେୟା ନିଜୟର ପ୍ରିୟଜନଙ୍କର ଛୁଟିଦିନ ପୁରୋହିତଙ୍କର ସମୟ ବରାଯାତ୍ରୀଙ୍କ ପାଇଁ ନାନ ରିଜର୍ଭ ଏସବୁ ପାଇଁ ଠିକ ସମୟରେ କାହାରି ଆଉ ଲଗ୍ନ ଧାଯନରେ ବିବାହ କରାଯାଉନାହିଁ। ଲଗ୍ନପତ୍ର ପର୍ବ ବରକନ୍ୟାଙ୍କ ପାଇଁ ଲେଖା ଗଲେବି ଧାର୍ଯ୍ୟକାରୀ ଲଗ୍ନର ବିଶେଷ ବ୍ୟବସ୍ଥା ପ୍ରକୃତରେ ଠିକ କରିବା ହେଉନାହିଁ କି ଏହି କଠିନ ସୂତ୍ର ଧାର୍ଯ୍ୟରେ କେହି ପାଣିଗ୍ରହଣ ବଧୁ ମେଲାଣି ବରଘର କନ୍ୟାର ଅପୂର୍ବ ପ୍ରବେଶ କରାଉନାହାଁନ୍ତି ସମୁଖ ଯୋଗ୍ନୀରେ ବର ବା କନ୍ୟାକୁ ଯାତ୍ରା ପକାଯିବା କଥା ନୁହଁ ଏପରିବି ହୋଇ ଯାଉଛି। ବାପା ମାଆଙ୍କ ଜ୍ଞାନତଃ ନାରୀ ମାନଙ୍କର ଯେମିତି ପ୍ରଥମ ରଜୋସ୍ରାବର ଦିନର ଶୁଭାଶୁଭ ବିଚାରରେ ଅଶୁଭର ପ୍ରତିକାର ବିଧାନ ଅଛି ସେମିତି ଶାଶୁଘରେ କନ୍ୟାର ୧ମ ରଜୋସ୍ରାବର ବିଧାନ କରାଯିବା କଥା। ଏହା ଏବେ କରାଯାଉନାହିଁ। ମହାଭାରତରେ ଶାରଳା ଦାସ ଏ ପାଇଁ ଦ୍ରୌପଦୀଙ୍କର ଏପରି ବିଧାନ କରାଇଥିବା ଲେଖିଛନ୍ତି।

ଏବେ ସମସ୍ତଙ୍କର ପାନିକିଚଢ଼ା ବିବାହ ପ୍ରକୃତରେ ପାନିକି ଚଢ଼ା ତ ନୁହେଁ ମଟରଯାନ ଚଢ଼ା ବିବାହ ହେଉଛି। ନରବହନ ଯୋଗ ଆଉ ନାହିଁ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ :
୯୪୩୭୦୩୧୨୫୩

# ପଣ୍ଡିତ ଭୁବନେଶ୍ୱର ମିଶ୍ର

## 'ଜୀବନ ସଙ୍ଗୀତରେ ବେସୁରା ବେତାଳ ଶତ୍ରୁ....'

**ଅନୁପମା ଭୂୟାଁ**

ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ଜୀବନ ଥିଲା ସଂଗୀତମୟ। ସଂଗୀତ ବ୍ୟତୀତ ବୋଧହୁଏ ଜୀବନର ଅନ୍ୟ କୌଣସି ଦିଗକୁ ଏତେ ନିବିଡ଼ ଭାବେ ସେ ଚାହିଁନାହାନ୍ତି। ଏକଦା ସେ ପତ୍ରକାରଙ୍କ ଏକ ପ୍ରଶ୍ନର ଉତ୍ତରରେ କହିଥିଲେ ମୋର ଦୁଇଟି ଶତ୍ରୁ। ଗୋଟିଏ ବେସୁରା ଓ ଅନ୍ୟଟି ବେତାଳ। ଏଥିରେ ସ୍ପଷ୍ଟ ବୁଝିହୁଏ, ତାଙ୍କର ଜଗତ କେବଳ ସଂଗୀତ ହିଁ ଥିଲା। ସୌମ୍ୟକାନ୍ତ ଚେହେରା ସଙ୍ଗକୁ ମଧୁର କଥା ଓ ସ୍ନେହଭରା ଶିକ୍ଷା, ତାଙ୍କୁ ଯଥାର୍ଥରେ ପଣ୍ଡିତ ବା ଗୁରୁ ପଦବାଚ୍ୟ କରିଛି। ସେ ହେଉଛନ୍ତି ପ୍ରକୃତ ଗୁରୁ, ଯାହାଙ୍କ ପାଣ୍ଡିତ୍ୟ ଓ ବ୍ୟକ୍ତିତ୍ୱ ନିକଟରେ ଆପେ ଆପେ ମଥା ନତ ହୋଇଯାଏ। ମନ ଚାହେଁ ଯଥା ସମ୍ଭବ ସମ୍ମାନ ଦେବା ପାଇଁ। ଏହିପରି ଏକ ବିରାଟ ବ୍ୟକ୍ତିତ୍ୱ ପଣ୍ଡିତ ଭୁବନେଶ୍ୱର ମିଶ୍ର। ଓଡ଼ିଶାର ସଂଗୀତ ଜଗତ୍‌କୁ ତାଙ୍କ ଦାନ ଅତୁଳନୀୟ। ଓଡ଼ିଶୀ ହେଉ ବା ସୁଗମ ସଂଗୀତ ବା ଚଳଚ୍ଚିତ୍ର ସଂଗୀତ, ସବୁଥିରେ ତାଙ୍କର ମଧୁର ଅବଦାନ ଉପଭୋଗ୍ୟ। ଅଳ୍ପ କହୁଥିଲେ ଏବଂ ଅଧିକ ମଉନ ରହୁଥିଲେ ବୋଲି ବାପା ନାମ ଦେଇଥିଲେ ମୁନି। ତାଙ୍କର ପ୍ରକୃତି ସହ ନାମର ସୁନ୍ଦର ତାଳମେଳ ଥିଲା। ସେ ଥିଲେ ସ୍ୱରର ଯାଦୁକର। ଶ୍ରୀଜୟଦେବଙ୍କ ଅମର କୃତି ଗୀତାଗୋବିନ୍ଦର ଯେଉଁ ସ୍ୱରଗୁଡ଼ିକ କରିଯାଇଛନ୍ତି, ତାହା ବିଶ୍ୱ ପ୍ରସିଦ୍ଧ ହୋଇଛି ଓଡ଼ିଶୀ ନୃତ୍ୟ ମାଧ୍ୟମରେ। ସେହି ଗୀତଗୁଡ଼ିକ କେବଳ ଗାୟନରେ ମଧ୍ୟ ଶ୍ରୋତାଙ୍କ ହୃଦୟଗ୍ରାହୀ ହୋଇଛି। ଓଡ଼ିଶୀ ନୃତ୍ୟକୁ ତାଙ୍କର ଅବଦାନ ଚିରସ୍ମରଣୀୟ। ସଂଗୀତ, ନୃତ୍ୟର ମୂଳାଧାର। ଆଉ ସେହି ମୂଳାଧାରର କର୍ଣ୍ଣଧାର ପଣ୍ଡିତ ଭୁବନେଶ୍ୱର। ହିନ୍ଦୁସ୍ତାନୀ, କର୍ଣ୍ଣାଟକୀ ଏବଂ ଓଡ଼ିଶୀ ଶୈଳୀରେ ସେ ଥିଲେ ଦକ୍ଷ। ଯାହାସବୁ ସଂଯୋଜନା କରିଯାଇଛନ୍ତି, ଅନନ୍ୟ ଅସାଧାରଣ। ତାଙ୍କର ବେହେଲା ବାଦନ ବିଶ୍ୱ ପ୍ରସିଦ୍ଧ। ତାଙ୍କ ହାତରେ ବେହେଲା କେବଳ ବାଜୁ ନଥିଲା ସତେ ଯେପରି କହୁଥିଲା। ଗାୟକୀ ଅଙ୍ଗର ସ୍ୱତନ୍ତ୍ରତା, ରାଗର ଶୁଦ୍ଧତା ଓ ବାଦନ ଶୈଳୀର ମଧୁରତା, ତାଙ୍କ ବାଦନକୁ କରିଥିଲା ରସମୟ। ବ୍ୟକ୍ତିଗତ ଜୀବନର ସମସ୍ତ ଦୁଃଖ ସେ ଭୁଲିଯାଉଥିଲେ ସଂଗୀତ ମଧ୍ୟରେ। ତାଙ୍କର ନିଷ୍ପାପରତା, ଅମାୟିକ ଭାବ, ସାଧୁତା, କରୁଥିବା କାର୍ଯ୍ୟ ପ୍ରତି ଆନୁଗତ୍ୟ ଏବଂ ସର୍ବୋପରି ତାଙ୍କର ସର୍ଜନା, ସଂଗୀତ ଜଗତରେ ତାଙ୍କୁ ଚିରକାଳ ପାଇଁ ଅମର କରିରଖିବ। ୧୯୨୭ ଜୁଲାଇ ଆଜିର ଦିନରେ ଜନ୍ମ ହୋଇଥିଲେ ସଂଗୀତ ଦୁନିଆର ଏହି ମହାନ ସାଧକ।

'ସାଇବିଥି' ୭ଡ଼ି/୧୩୫୪, ସେକ୍ଟର-୯, ସିଡିଏ, କଟକ
E-mail : anupama123bhuyan@gmail.com



# ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ଓ ଆମ ଓଡିଶା ପକ୍ଷରୁ ରକ୍ତଦାନ ଶିବିର

ଦଶପଲ୍ଲା , ( ମନ୍ଥନ ): ରକ୍ତଦାନ ମହାପୁଣ୍ୟ ଓ ରକ୍ତଦାନ ଜୀବନ ଦାନ । ଆଜିର ଦିନରେ ସମଗ୍ର ଓଡ଼ିଶାରେ ରକ୍ତ ହୀନତା ଜନିତ ରୋଗୀ, ମାତୃତ୍ୱ ଲାଭ କରୁଥିବା ମହିଳା, ଜୀବନର ଅପରାହ୍ନରେ ଉପନୀତ ବ୍ୟକ୍ତି , ସିକଲିନ୍ ପୀଡିତ ରୋଗୀ, ଦୁରାରୋଗ୍ୟ ବ୍ୟାଧି ରେ ପୀଡିତ ରୋଗୀ ଓ ଅପ୍ରତ୍ୟାଶିତ ଦୁର୍ଘଟଣା ର ଶିକାର ହେଉଥ ?ିବା ବ୍ୟକ୍ତିମାନଙ୍କ ପାଇଁ ରକ୍ତର ଆବଶ୍ୟକତା ଥିବା ବେଳେ , ସଠିକ୍ ସମୟରେ ରକ୍ତ ଭଣ୍ଡାର ରେ ରକ୍ତର ଅଭାବ ରହୁଛି । ରକ୍ତ ଭଣ୍ଡାରରେ ରକ୍ତର ଅଭାବ ପୂରଣକୁ ଦୃଷ୍ଟିରେ ରଖି ନୟାଗଡ଼ ଜିଲ୍ଲା ଦଶପଲ୍ଲାର ଅଗ୍ରଣୀ ସେବା ସଂଗଠନ ଉତ୍ସର୍ଗ ଫାଉଣ୍ଡେସନ ଟ୍ରଷ୍ଟ ଓ ଆମ ଓଡିଶା ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ମଣୀନାଗ ବହୁମୁଖୀ ଜୁନିୟର ମହାବିଦ୍ୟାଳୟ ଟାକରା ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ସମୁଦାୟ ୨୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ସ୍ୱେଚ୍ଛାକୃତ ଭାବରେ ଶ୍ରୀମନ୍ତ କୁମାର ସାହୁ,ସନ୍ଦୀପ କୁମାର ମାଝୀ,ପ୍ରାଣକୃଷ୍ଣ ମହାପାତ୍ର,ସୁମନ୍ତ କୁମାର ଯାନୀ,ସିମରନ ହୋତା,ଶିବାନୀ ଦୀପାଞ୍ଜଳି, ଚନ୍ଦ୍ରଶେଖର ନାଏକ,ରଂଜିତ ଜେନା,ଧର୍ମେନ୍ଦ୍ର କୁମାର ସାହୁ,ବିଷ୍ଣୁପ୍ରସାଦ ପଟ୍ଟନାୟକ,ରଜନୀରାଣୀ ପ୍ରଧାନ,ସରୋଜିନୀ ସାହୁ,ରାଜକିଶୋର ବେହେରା,ଭୋଳେଶ୍ୱର ସାହୁ,ସନ୍ତୋଷ କୁମାର ସାହୁ, ଅରୁଣ କୁମାର ଜେନା,ଚନ୍ଦନେଶ୍ୱର ଦାସ, ପ୍ରତାପ ଚନ୍ଦ୍ର ଦଳବେହେରା, ସଂଗୀତା ନାୟକ,ନିହାର ରଞ୍ଜନ ମହାନ୍ତି,ନିବେଦିତା ନାୟକ, ସନ୍ତୋଶିନୀ ସାହୁ ପ୍ରମୁଖ ରକ୍ତଦାତା ଉପସ୍ଥିତ ରହି ମାନବ ସମାଜର ମଂଗଳ ପାଇଁ ରକ୍ତଦାନ କରିଥିଲେ । ଆଜିର ଏହି ଶିବିରରେ ବହୁ ମହିଳା ରକ୍ତଦାତା ରକ୍ତଦାନ କରିବା ଦେଖିବାକୁ ମିଳିଥିଲା ।ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଟ୍ରଷ୍ଟି (ଚେୟାରମ୍ୟାନ) ପ୍ରିୟବ୍ରତ ଆଚାର୍ଯ୍ୟଙ୍କ ସହିତ ସଭ୍ୟ ସନ୍ତୋଷ କୁମାର ସାହୁ, ସମ୍ବିତ ଭଟ, ନାରାୟଣ ସାହୁ, ସନ୍ତୋଷ ମୁଦୁଲି, ବିଦ୍ୟାଧର ମୁଦୁଲି, ମନ୍ମଥ ସାହୁ, ଛବିରାଜ ସାହୁ ଙ୍କ ସମେତ ପରାମର୍ଶଦାତା କମିଟି ସଭ୍ୟ ରତ୍ନାକର ହୋତା, ପ୍ରମୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଆମ ଓଡିଶା ତରଫରୁ ପ୍ରଫୁଲ୍ଲ କୁମାର ପଣ୍ଡା, ସମାଜସେବୀ ପ୍ରଫୁଲ୍ଲ ଦାସ ଉପସ୍ଥିତ ଥିଲେ।



# ଦୁର୍ବୃତ ମାନେ ଧାନ ବସ୍ତା ଉଠାଇ ନେଲେ, ଥାନାରେ ଅଭିଯୋଗ

ବଲଙ୍ଗା, (ମନ୍ଥନ ନ୍ୟୁଜ): ବଲଙ୍ଗା ଥାନା ଅନ୍ତର୍ଗତ କୁଅଁରପୁର ଗ୍ରାମ ଗୋଦାମ ଘରେ ଗଦା ହୋଇଥିବା ୨୫ ବସ୍ତାରୁ ଉର୍ଦ୍ଧ ଧାନ ବସ୍ତା ଦୁର୍ବୃତ ମାନେ ଚୋରୀ କରିନେଇଥିବା ନେଇ ବଲଙ୍ଗା ଥାନାରେ ଲିଖିତଅଭିଯୋଗ ହୋଇଛି । କୁଅଁରପୁର ଗ୍ରାମର ପ୍ରଶନ୍ନ ସ୍ୱାଇଁ ଖରାଦିନିଆ ଧାନଅମଳ କରି ସ୍ଥାନ ନଥିବାରୁ ତାଙ୍କ ଗାଁପଞ୍ଚାୟତ ଗୋଦାମ ଘର ପିଣ୍ଡାରେ ୧୬୮ ବସ୍ତା ଧାନ ଗଦାକରି ରଖିଥିଲେ। ମାତ୍ର ଦୁର୍ବୃତ ମାନେ ସେଥିରୁ ୨୯ବସ୍ତା ଧାନ ଚୋରୀ କରିନେଇଥିବା ପ୍ରଶନ୍ନ ସ୍ୱାଇଁ ବଲଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ପୋଲିସ ତଦନ୍ତ ଜାରି ରହିଛନ୍ତି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର,(ମନ୍ଥନ): ସ୍ଥାନୀୟ ଉତ୍କଳ ଆଶ୍ରମ ରୋଡ଼ ସ୍ଥିତ ପ୍ରେସ କ୍ଲବ ବ୍ରହ୍ମପୁର ପରିସରରେ କ୍ଲବ୍ ଉପ ସଭାପତି ଶ୍ରୀ ଅଭୟ ପାଢ଼ୀଙ୍କ ନେତୃତ୍ୱରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରବିବାର ଅପରାହ୍ନରେ ଆୟୋଜିତ ହୋଇଯାଇଛି । ଏଥିରେ କ୍ଲବ୍ ସମ୍ପାଦକ ପ୍ରହଲ୍ଲାଦ ସାହୁ, ସହ ସମ୍ପାଦକ ଡି ଗୋପାଳ କୃଷ୍ଣ ରେଡ୍ଡୀ ଓ କୋଷାଧ୍ୟକ୍ଷ ଶିବ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଅବସରପ୍ରାପ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗର ଅଧିକାରୀ ରବି ନାରାୟଣ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରକାଶ ଥାଉ କି, ଶ୍ରୀ ବେହେରା ନିଜ କାର୍ଯ୍ୟକାଳ ସମୟ ଭିତରେ ଗଞ୍ଜାମ ଜିଲ୍ଲାର ବହୁ ପ୍ରେସ କ୍ଲବ୍ ଓ ସାମ୍ବାଦିକ ସଂଘ ତଥା କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ସ୍ୱାର୍ଥ ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିଥିବା ବେଳେ, ପ୍ରେସ କ୍ଲବ୍ ବ୍ରହ୍ମପୁରକୁ ମଧ୍ୟ ବହୁ ସମୟରେ ସହଯୋଗ କରିଥିଲେ । ସେନେଇ ଆଜି ପ୍ରେସ କ୍ଲବ୍ ବ୍ରହ୍ମପୁର ତରଫରୁ ବହୁ ସଦସ୍ୟ ତଥା ସହରର ବହୁ ସାମ୍ବାଦିକ ମାନଙ୍କ ଦ୍ୱାରା ତାଙ୍କୁ ଉପଢୌକନ ଓ ସ୍ମୃତି ସ୍ମାରକୀ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ କମିଟିର ସଦସ୍ୟ ଅଭିଜିତ କର, ମୃତ୍ୟୁଞ୍ଜୟ ସାହୁ, ଲଲାଟେନ୍ଦୁ ଚୌଧୁରୀଙ୍କ ସମେତ କ୍ଲବ୍ ସଦସ୍ୟ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ଶିବରାମ ଚୌଧୁରୀ, ବିକେ ବିଶାରଦ, ରାଜେଶ ସାହୁ, ଖିରସିନ୍ଧୁ ମହାନ୍ତି, ନିର୍ମଳ ସାହୁ, ବିଘ୍ନରାଜ ମହାପାତ୍ର, ସୁନିଲ ସାହୁ, ଲିକୁ ଡାକୁଆ, ଦିନେଶ ପଟ୍ଟନାୟକ ଏବଂ କାର୍ଯ୍ୟରତ ସାମ୍ବାଦିକ ନରସିଂହ ଡାକୁଆ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶେଷରେ ଯୁବ ସାମ୍ବାଦିକ ପିଣ୍ଟୁ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



# ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

କୁକୁଡାଖଣ୍ଡି: କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ରହିଗାଁ ସରପଞ୍ଚ ବଶିଷ୍ଠ କୁମାର ଜେନାଙ୍କ ମାତା ପୂର୍ବତନ ସରପଞ୍ଚ ରାଧାରାଣୀ ଜେନା ଙ୍କ ୭୫ବର୍ଷ ବୟସରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା ଯୋଗୁଁ ରବିବାର ସକାଳ ନିଜ ବାସଭାବନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି କ୍ଷ ସେ ଜଣେ ନିଷ୍ଟ ମିଷ୍ଟଭାଷି, ସ୍ନେହବତ୍ସଳ,,ପରପକାରୀ ମହିଳା ଭାବେ ଅଞ୍ଚଳରେ ବେଶ ପରିଚିତଥିଲେ । ମୃତ ବେଳକୁ ତାଙ୍କ ନିକଟରେ ବଡ଼ ପୁଅ ବଶିଷ୍ଠ କୁମାର ଜେନା, ନାରାୟଣ ଜେନା,ଚାରି ଝିଅ,ବୋହୂ, ଓ ନାତି ନାତୁଣୀ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପରଲୋକ ଗମନ ଖବର ଶୁଣି କୁକୁଡାଖଣ୍ଡି ବ୍ଲକ ଉପାଧ୍ୟକ୍ଷା ବିଷ୍ଣୁ ପ୍ରିୟା ପାତ୍ର,ଭିନ୍ନକ୍ଷମ ନେତା କେ. ମଣିବାବୁ, ସରପଞ୍ଚ ରାଧା ମୋହନ ସେଠି,ଜିଲ୍ଲାପରିଷଦ ସଭ୍ୟା ଶିବାନୀ ସେଠି, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ,ରୋହିଗାଁ ସମିତି ସଭ୍ୟା ଲକ୍ଷ୍ମୀ ସ୍ୱାଇଁ, ବୃନ୍ଦାବନ ଖଟେଇ, ବସନ୍ତ ସ୍ୱାଇଁଙ୍କ ସମେତ ବାହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନ ରେ ପହଞ୍ଚି ଶୋକବ୍ୟକ୍ତ ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# କଂଗ୍ରେସ ନେତୃମଣ୍ଡଳୀଙ୍କ କ୍ଷତିଗ୍ରସ୍ତ ବେଲେଶ୍ୱର ସେତୁ ପରିଦର୍ଶନ



ଯାଜପୁର: ଯାଜପୁର ବ୍ଲକ ପଣସା ପଞ୍ଚାୟତର ବେଲେଶ୍ୱର ଠାରେ ମାତ୍ର ୧୦ ବର୍ଷର ବିଜୁ ସେତୁ ଭାଙ୍ଗିବା ଘଟଣା ପରେ ସାରା ଜିଲ୍ଲାରେ ପୂର୍ବ ସରକାରଙ୍କ ନିମ୍ନମାନର କାମ ଓ ବର୍ତମାନ ସରକାରଙ୍କ ବାଲି ଚୋରି ପ୍ରିତୀ ଧରା ପଡିଛି । ଉଭୟ ନିଜ ନିଜ ସ୍ୱାର୍ଥରେ ରହି କାର୍ଯ୍ୟ କରୁଥିବା ବେଳେ ଯାହାର ପରିଣାମ ସ୍ୱରୂପ ଶହଶହ ଜନତାଙ୍କ ଜୀବନ ରେଖା କୁହାଯାଉଥିବା ଦୁଇ ପଞ୍ଚାୟତ ପଣସା ଓ ଚଇନପୁରର ଯୋଗାଯୋଗର ମାଧ୍ୟମ ବିଜୁ ସେତୁ ଅନିର୍ଦ୍ଧିଷ୍ଟ ସମୟ ପର୍ଯ୍ୟନ୍ତ ବନ୍ଦ ହୋଇଯାଇଛି । ତେବେ ଏହା ଉପରେ ନୈତିକ ଶିକ୍ଷା ,ସ୍ୱାସ୍ଥ୍ୟ ଓ କୃଷି ସହ ଅନ୍ୟାନ୍ୟ କାର୍ଯ୍ୟ କରୁଥିବା ଜନତା ଏବେ ନିରୁପାୟ ହୋଇଯାଇଛନ୍ତି । ପଣସା ପଞ୍ଚାୟତର ଅନେକ ଲୋକ ଦୁଇ କିମି ରାସ୍ତା ବଦଳରେ ଏବେ ୧୦ କିମି ରାସ୍ତା ପାର ହେବାକୁ ପଡିବ । ତେବେ ଏହି ଘଟଣା ଜାଣିବା ପରେ ଆଜି କଂଗ୍ରେସର ଏକ ପ୍ରତିନିଧି ଦଳ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଭାସ୍କର ମହାନ୍ତି,ଅକ୍ଷୟ ଶତପଥୀ,ସଂଗ୍ରାମ ସାହାଣୀ,ଅନିଲ ମହାନ୍ତି,ନକୁଳଦେବ ସାହୁ,ଦେବାଶିଷ ସାମନ୍ତ, ଘନଶ୍ୟାମ ପଣ୍ଡା,ଜୟନ୍ତ ସ୍ୱାଇଁ,ରମେଶ ପଣ୍ଡା ପ୍ରମୁଖ ସ୍ଥାନୀୟ ଜନସାଧାରଣଙ୍କ ସହ କ୍ଷତିଗ୍ରସ୍ତ ହୋଇଥିବା ବ୍ରିଜ ବୁଲି ସ୍ଥିତି ଦେଖିବା ସହ ଲୋକଙ୍କ ସସମ୍ୟା ସଂପର୍କରେ ଆଲୋଚନା କରିଥିଲେ । ନିମ୍ନମାନର କାମ ଯୋଗୁ ପୋଲର ଏପରି ଅବସ୍ଥା ହୋଇଥିବା ବେଳେ ଏହାର ନିକଟରୁ ଅହରହ ବାଲି ଲୁଟ ପୋଲ ଦୁର୍ବଳର ଅନ୍ୟ ଏକ କାରଣ ହୋଇଛି । ତେବେ ଏହି ନିମ୍ନମାନର ନିର୍ମାଣରେ ସଂପୃକ୍ତ ଥିବା ଯନ୍ତ୍ରୀ, ଠିକାଦାର, ବିଭାଗୀୟ ମୁଖ୍ୟ ଅଧିକାରୀ ସମସ୍ତଙ୍କ ହରିଲୁଟ ଭିତରେ ପୋଲର ଭାଗ୍ୟ ବଳି ପଡିଯାଇଛି । ଯାହାକି ଏକ ବିଜୁ ସେତୁର ଆୟୁଷ ୧୦ ବର୍ଷରେ ଶେଷ ହୋଇଯାଇଛି । ତେଣୁ ଏହାକୁ ନିର୍ମାଣ କରିଥିବା ସଂସ୍ଥା ସହ ଦାୟିତ୍ୱରେ ଥିବା ତତକାଳୀନ ଅଧିକାରୀଙ୍କୁ ଯାଞ୍ଚ ପରିସର ଭୁକ୍ତ କରାଯାଇ ଦୃ ? କାର୍ଯ୍ୟାନୁଷ୍ଠାନ ପାଇଁ କଂଗ୍ରେସ ଦାବି କରିଛି । ଏପରି ଘଟଣାକୁ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ ଓ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ ନିନ୍ଦା କରିଛନ୍ତି । ଅଞ୍ଚଳବାସୀଙ୍କ ତୁରନ୍ତ ସୁବିଧା ପାଇଁ ପୋଲ ନିର୍ମାଣ କରିବାକୁ ଦାବି କରିଛନ୍ତି ।

# ଟାଟା ଷ୍ଟିଲ୍‌ର ଖଣି ଗୁଡିକୁ ୪୨ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହରେ ପାଞ୍ଚ ଗୋଟି ପୁରସ୍କାର




ଯୋଡା, (ମନ୍ଥନ ନ୍ୟୁଜ): ଖଣି ସୁରକ୍ଷା ମହାନିର୍ଦ୍ଦେଶକ (ଡିଜିଏମଏସ୍ ?), ଭୁବନେଶ୍ୱର ଅଞ୍ଚଳ ଆନୁକୁଲ୍ୟରେ ରବିବାର ବଡବିଲ ଠାରେ ଅନୁଷ୍ଠିତ ୪୨ ତମ ବାର୍ଷିକ ଖଣି ସୁରକ୍ଷା ସପ୍ତାହ ପାଳନ-୨୦୨୪ ଅବସରରେ ଟାଟା ଷ୍ଟିଲ୍ ପାଞ୍ଚ ଟି ପୁରସ୍କାର ହାସଲ କରିଛି । ଏ-୧ ସମୁଦାୟ ବର୍ଗର ପ୍ରଦର୍ଶନରେ କାଟଓମାଟି ଲୌହ ଖଣି ବିଜେତା ହୋଇ, ପ୍ରଥମ ସ୍ଥାନ ଅଧିକାର କରିଛି । ଏହାବ୍ୟତୀତ, ଷ୍ଟଲ ପ୍ରଦର୍ଶନୀ ବର୍ଗରେ ଟାଟା ଷ୍ଟିଲକୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି, ଟାଟାଷ୍ଟିଲ ର ବାମେବାରି, ସଓରୁଅବିଲ ଏବଂ ନୀଳାଚଳ ଖଣି କୁ ବିଭିନ୍ନ ବର୍ଗରେ ପୁରସ୍କାର ମିଳିଛି ଓ ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଏଏମ୍‌ଏନ୍‌ଏସ୍ ମାଇନିଂ ନିର୍ଦ୍ଦେଶକ ଆଲୋକ ମେହତଓ, ଡି ଏମ୍ ଏସ୍ (ରିଜିଅନ-୧) ଅବନିଶ ମିଶ୍ର, ଡି ଡି ଏମ୍ ଏସ୍ (ରିଜିଅନ-୨) ଶିବ ଶଙ୍କର, ଡି ଡି ଏମ୍ ଏସ୍ (ଇଲେକ୍ଟ୍ରିକାଲ) ରାଞ୍ଚି, ମଳୟ ଜେନା, ଡିଡି ଏମ୍ ଏ ଏସ୍ (ରିଜିଅନ-୧) ହରିପ୍ରସାଦ, ଡିଡି ଏମ୍ ଏ ଏସ୍ (ମେକାନିକାଲ) ରବିନ୍ଦ୍ର ବନ୍ତଓ, ଅତୁଲ କୁମାର ଭଟନଓଗର, ମହାପ୍ରବନ୍ଧକ (ଓ ଏମ୍ କ୍ୟୁ) ଟାଟା ଷ୍ଟିଲ, ସୁରକ୍ଷା ବୋର୍ଡ ସଦସ୍ୟ, ସଂଘ ପ୍ରତିନିଧି, ଖଣି ଏଜେଂଟ୍, ମ୍ୟାନେଜର, ଅଧିକାରୀ, ଶ୍ରମିକ ନିରୀକ୍ଷକ ଏବଂ ବିଭିନ୍ନ ଖଣି କମ୍ପାନୀର କର୍ମଚାରୀମାନେ ଉପସ୍ଥିତ ଥିଲେ ଓ ଏହି ଅବସରରେ ନୃତ୍ୟଦଳ ପକ୍ଷରୁ ପରିବେଷଣ କରାଯାଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ଆକର୍ଷିତ କରିଥିଲା ।ଟାଟା ଷ୍ଟିଲ, ଏଏମ୍‌ଏନ୍‌ଏସ୍, ଜେଏସଡବ୍ଲ୍ୟୁ, ଜିନ୍ଦଲ ଷ୍ଟିଲ, ଓଡିଶା ଖଣି ନିଗମ, ବେଦାନ୍ତ ଭଳି ବିଭିନ୍ନ ଖଣି କମ୍ପାନି ଏବଂ ଭେଣ୍ଡର ପାର୍ଟନରମାନଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା ଷ୍ଟଲଗୁଡିକୁ ପରିଦର୍ଶନ କରିଥିଲେ ଯେଉଁଥିରେ ସର୍ବ ?ାତମ ନିରାପତ୍ତା ଅଭ୍ୟାସ ଏବଂ ନିରାପତ୍ତା ଉପକରଣ ପ୍ରଦର୍ଶିତ ହୋଇଥିଲା । ଏହା ପୂର୍ବରୁ ଯୋଡା ଠାରେ ଅନୁଷ୍ଠିତ ଖଣି ସୁରକ୍ଷା ସପ୍ତାହ ପ୍ରି- ଫାଇନାଲ୍ ଡେ ପୁରସ୍କାର ବିତରଣ ସମାରୋହରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି, କାଟାମାଟି ଲୌହ ଖଣି, ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ସ ଡିଭିଜନ (ଏଫଏଏମଡି) ଏବଂ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ (ଏନଆଇଏନଏଲ) ଓ ସୁକିନ୍ଦା କ୍ରୋମାଇଟ୍ ଖଣି ବିଭିନ୍ନ ବର୍ଗରେ ପୁରସ୍କୃତ ହୋଇଥିଲେ। ଖଣିରେ ସୁରକ୍ଷିତ କାର୍ଯ୍ୟ ପଦ୍ଧତିରେ ଉନ୍ନତି ଆଣିବା, ଖଣିରେ ଦୁର୍ଘଟଣାକୁ ଯଥେଷ୍ଟ ହ୍ରାସ କରିବା ଏବଂ ଖଣି ମାଲିକ ଓ କର୍ମଚାରୀଙ୍କ ଶୂନ୍ୟ କ୍ଷତି ସଂସ୍କୃତି ପାଇଁ ପ୍ରତିବର୍ଷ ଦେଶର ସମସ୍ତ ଅଂଚଳରେ ଖଣି ନିରାପତା ସପ୍ତାହ ପାଳନ କରାଯାଉଛି ।

# ରାଉରକେଲା ସହ ସୁନ୍ଦରଗଡ଼ ଜିଲ୍ଲାର ପ୍ରବଳ ବର୍ଷାରେ ଅଧିକାଂଶ ଅଞ୍ଚଳ ଜଳମଗ୍ନ



ରାଉରକେଲା, (ମନ୍ଥନ ନ୍ୟୁଜ): ଗତକାଲି ଠାରୁ ପ୍ରବଳ ବର୍ଷାରେ ସ୍ମାର୍ଟ ସିଟି ରାଉରକେଲା ରେଳ ଷ୍ଟେସନ୍ ପରିସରର ପ୍ଲାଟଫର୍ମ ନମ୍ବର-୫ରୁ ରେଲୱେ କଲୋନୀ ବିଏସ୍ଏନ୍ଏଲ୍ ଛକ ଦେଇ ସେକ୍ଟରକୁ ଯାଇଥିବା ରେଳ ଯାତ୍ରୀମାନଙ୍କୁ ଫେରିବା ଦେଖିବାକୁ ମିଳିଛି । ପ୍ଲାଟଫର୍ମ ନମ୍ବର-୫ରୁ ରେଲୱେ କଲୋନୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମେତ ପ୍ଲାଟଫର୍ମର ସିଡ଼ି ପାଣିରେ ପୂର୍ଣ୍ଣ ହୋଇଛି । ଅନ୍ୟପକ୍ଷରେ ଟେମ୍ପୋ ଷ୍ଟାଣ୍ଡ୍ ସମେତ ରେଲୱେ କଲୋନୀରୁ ରେଲୱେ ଷ୍ଟେସନକୁ ଆସିଥିବା ବାହାର ରାସ୍ତା ସମ୍ପୂର୍ଣ୍ଣ ପାଣିରେ ବୁଡ଼ି ରହିଛି । ଏହାର କାରଣ ହେଉଛି ରେଳବାଇର ବଡ଼ ଡ୍ରେନରେ ଜଳସ୍ତର ଅଧିକ ରହିବା ସହିତ ପାହାଡ଼ ଉପରୁ ପ୍ରବଳ ବର୍ଷା ପାଣି ଆସିବା ସହିତ ଗୋପବନ୍ଧୁ ପାଲି, ମଧୁସୂଦନପାଲି ଅଞ୍ଚଳର ପାଣି ସେହି ଡ୍ରେନକୁ ଆସିଥାଏ । ଡ୍ରେନ ଛୋଟ ହେବା ସହିତ ବର୍ତ୍ତମାନ ଷ୍ଟେସନଟି ସଂପ୍ରସାରିତ ହେଉଥିବାରୁ, ଏହି ପ୍ରକାରର ସମସ୍ୟା କଲୋନୀର ଲୋକମାନେ କହୁଛନ୍ତି । କଲୋନିର ଲୋକମାନେ ରେଳବାଇର ଉଚ୍ଚ ଅଧିକାରୀ ଏବଂ ରାଉରକେଲା ମହାନଗର ନିଗମର ଉଚ୍ଚ ଅଧିକାରୀ ଏବଂ ସଫେଇ କର୍ମଚାରୀଙ୍କୁ ବିଶେଷ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି ।

ସେହିପରି ବିର୍ସା ଛକର ସହଯୋଗ ପେଟ୍ରୋଲ ପମ୍ପ ନିକଟସ୍ଥ ସର୍ଦ୍ଦାର କଲୋନିରେ ବିଳମ୍ବିତ ରାତିରେ ପ୍ରବଳ ବର୍ଷା ଯୋଗୁଁ ସର୍ଦ୍ଦାର କଲୋନିର ଲୋକଙ୍କ ଘରେ ପାଣି ପ୍ରବେଶ କରିଛି । ଅନେକ ଘରେ, ଇଲେକ୍ଟ୍ରୋନିକ୍ ସାମଗ୍ରୀ ଏବଂ ଖାଦ୍ୟ ସାମଗ୍ରୀ ସମେତ ବୈଦ୍ୟୁତିକ ସାମଗ୍ରୀ ମଧ୍ୟ ବର୍ଷା ପାଣିରେ ବୁଡ଼ି ରହିଛି । ଏହା ଯୋଗୁଁ ଅନେକ କାର ଏବଂ ସ୍କୁଟର ନଷ୍ଟ ହୋଇଯାଇଛି, ଯେତେବେଳେ ଅନେକ ବାଇକ୍ ଏବଂ ସ୍କୁଟର ବର୍ଷା ପାଣିରେ ଅଧା ବୁଡ଼ି ରହିଛି । ସେହିପରି ପାନପୋଷ ବାଲୁ ଘାଟର ତଳିଆ ଅଞ୍ଚଳରେ ଥିବା ଘରଗୁଡ଼ିକରେ ପାଣି ପ୍ରବେଶ କରିଛି । ଅନେକ ଘରେ ବର୍ଷା ପାଣି ଏତେ ପ୍ରବେଶ କରିଛି ଯେ ଘରର ବିଛଣା ଏବଂ ଅନ୍ୟାନ୍ୟ ଆସବାବପତ୍ର ବର୍ଷା ପାଣିରେ ବୁଡ଼ି ଯାଇଛି । ଅନେକ ଘରର କାନ୍ଥ ପର୍ଯ୍ୟନ୍ତ ବର୍ଷା ପାଣି ଜମା ହୋଇ ରହିଛି । ସେହିପରି, ତରକେରା ଡ୍ୟାମରେ ବ୍ରାହ୍ମଣୀ ନଦୀର ଜଳସ୍ତର ଅଧିକ ଥିବାରୁ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କୁହାଯାଉଛି । ଅଗ୍ନିଶମ ବିଭାଗର ଅଧିକାରୀ ଏବଂ କର୍ମଚାରୀ, ରାଉରକେଲା ମହାନଗର ନିଗମର ଅଧିକାରୀ ଏବଂ କର୍ମଚାରୀ, ସଫେଇ ଠିକାଦାର ଏବଂ କର୍ମଚାରୀମାନେ ତରକେରା ଡ୍ୟାମ ନିକଟରେ ପାଣି କିପରି ନିଷ୍କାସନ କରିବେ ସେ ବିଷୟରେ କାମ କରୁଛନ୍ତି । ରାଉରକେଲା ଇସ୍ପାତ ସହରର ଅନେକ ଅଞ୍ଚଳରେ, ବିଶେଷକରି ବସ୍ତି ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ, ଘରେ ପାଣି ପ୍ରବେଶ କରିଛି ଏବଂ ଅନେକ ଘରେ ବର୍ଷା ପାଣି ଏତେ ପ୍ରବେଶ କରିଛି ଯେ ଘରର ଜିନିଷପତ୍ର ନଷ୍ଟ ହେବା ସହିତ ବିଳମ୍ବିତ ରାତିରୁ ଲୋକଙ୍କ ନିଦ ହଜି ଯାଇଛି । ରାଉରକେଲା ମହାନଗର ନିଗମର ବରିଷ୍ଠ ଅଧିକାରୀ, ସଫେଇ ଠିକାଦାର ଏବଂ କର୍ମଚାରୀମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଉଚିତ, ଆରଏସପିର ସଫେଇ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସହିତ ଷ୍ଟିଲ୍ ଜୋନର ବସ୍ତି ଅଞ୍ଚଳଗୁଡ଼ିକ ପ୍ରତି ମଧ୍ୟ ବିଶେଷ ଧ୍ୟାନ ଦେବା ଉଚିତ । ଟିସିଆଇ ଭିତରେ ଥିବା ବାଇପାସ୍ ବ୍ରିଜରେ ପାଣି ଭର୍ତ୍ତି ହେବା ସହିତ ପାଣି ଜାମ୍ ହୋଇଯାଇଛି, ଯାହା ଫଳରେ ରାସ୍ତାରେ ପାଣି ଜମି ରହିବା ଯୋଗୁଁ କିଛି ସମୟ ପାଇଁ ବସ୍, ଛୋଟ ଯାନ ଏବଂ ବାଇକ୍ ଚଳାଚଳ ପ୍ରଭାବିତ ହୋଇଛି, ରାସ୍ତା ଦେଇ ଯାଉଥିବା ଗାଡ଼ି ଚାଳକମାନେ ବହୁତ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ରାସ୍ତା ଯାତାୟାତ ପ୍ରଭାବିତ ହୋଇଛି ।

# ଉତ୍ତମ କୁମାର ଦାସ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ପାଇଁ ସାଂସଦ ପ୍ରତିନିଧି ଭାବେ ନିଯୁକ୍ତ

ବୁଗୁଡା: ବୁଗୁଡା ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ଆସିକା ଲୋକସଭା ସାଂସଦ ଅନିତା ଶୁଭଦର୍ଶିନୀଙ୍କ ପ୍ରତିନିଧି ଭାବେ ଆଇନଜୀବୀ ଉତ୍ତମ କୁମାର ଦାସ ନିଯୁକ୍ତ ହୋଇଥିବା ଜଣାଯାଇଛି । ଏ ନେଇ ବିଧିବଦ୍ଧ ଭାବେ ବ୍ଲକ ଓ ଏନ୍‌ଏସି ପ୍ରଶାସନକୁ ପତ୍ର ମାଧ୍ୟମରେ ଅବଗତ କରାଯାଇଅଛି । ସାଂସଦଙ୍କ ପ୍ରତିନିଧିତ୍ୱ ହାସଲ କରିଥିବା ଉତ୍ତମ କୁମାର ଦାସ ବୁଗୁଡ଼ା ଅଞ୍ଚଳର ଜଣେ ଦକ୍ଷ ଯୁବ ସଂଗଠକ ସହିତ ଗଞ୍ଜାମ ଜିଲ୍ଲାର ଜଣେ ସୁଦକ୍ଷ ଛାତ୍ର ନେତା ଭାବେ ପରିଚିତ । ସେ ଛାତ୍ର ଜୀବନରେ ବୁଗୁଡ଼ା ପିପୁଲ୍ସ କଲେଜର ସାଂସ୍କୃତିକ ସମ୍ପାଦକ ସହିତ ଛାତ୍ର ସଂଗଠନର ସଭାପତି ଏବଂ ପରବର୍ତ୍ତୀ ସମୟରେ ଲିଙ୍ଗରାଜ ଆଇନ ମହାବିଦ୍ୟାଳୟର ସଭାପତି ରୂପେ ନିର୍ବାଚିତ ହୋଇଥିଲେ । ଓଡ଼ିଶାର ଟାଣୁଆ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ସ୍ୱର୍ଗତ ରାମକୃଷ୍ଣ ପଟ୍ଟନାୟକଙ୍କ ନାମରେ ଗଠିତ ରାମକୃଷ୍ଣ ପଟ୍ଟନାୟକ ଚାରିଟେବୁଲ ଟ୍ରଷ୍ଟର ସମ୍ପାଦକ ଭାବରେ ବର୍ତ୍ତମାନ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ଜଡିତ ଅଛନ୍ତି । ପ୍ରତିନିଧି ନିଯୁକ୍ତି ପରେ ଉତ୍ତମ ଦାସ ସାଂସଦଙ୍କୁ କୃତଜ୍ଞତା ଜଣାଇବା ସହିତ ତାଙ୍କର ମାର୍ଗଦର୍ଶନରେ ଅଞ୍ଚଳ ପାଇଁ କାମ କରି ବିଜେପି ସଂଗଠନକୁ ସୁଦୃଢ କରିବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି । ତେବେ ତାଙ୍କ ନିକଟକୁ ବିଭିନ୍ନ ସଂଗଠନ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନର ସୁଅ ଛୁଟୁଥିବା ଜଣାଯାଇଛି ।

# ରୋଟାରୀ କ୍ଲବ ଜାରକା ପକ୍ଷରୁ ସେବକ ଜରା ନିବାସ ଠାରେ ବନ ମହୋତ୍ସବ ଅନୁଷ୍ଠିତ

ବଡ଼ଚଣା, (ନି: ପ୍ର) ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ସୋଲର ପାଇକରା ପୁର ସ୍ଥିତ ସେବକ ଜରାଶ୍ରମ ପରିସରରେ ଜାରକା ରୋଟାରୀ କ୍ଲବ ପକ୍ଷରୁ ବନ ମହୋତ୍ସବ ୨୦୨୫ ପାଳନ ଅବସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଅନୁଷ୍ଠାନର ସଭାପତି ରୋଟାରିଆନ ଇଂ ସୁକାନ୍ତ ସ୍ୱାଇଁ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୩୫ ରୁ ବିଭିନ୍ନ ପ୍ରକାରର ମୂଲ୍ୟବାନ ବୃକ୍ଷ ରୋପଣ କରାଯାଇଛି । ସୁସ୍ଥ ଜୀବ ଜଗତ ପାଇଁ ସବୁଜ ବନାନୀ ର ରୋପଣ ଓ ସୁରକ୍ଷା ର ଆବଶ୍ୟକତା ସମ୍ପର୍କରେ ସଚେତନତା କରିଥିଲେ । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଧର୍ମଶାଳା ସାହିତ୍ୟ ସମାଜ ର ସଭାପତି ତଥା ବରିଷ୍ଠ ବିଜେପି ନେତା ଶ୍ରୀଯୁକ୍ତ






କାହ୍ନୁ ଚରଣ ଦାସ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହ ପ୍ରତ୍ୟେକ ପରିବାର ନିଜ ନିଜ ଖୋଲା ଜାଗା ମାନଙ୍କରେ ପର୍ଯ୍ୟାପ୍ତ ପରିମାଣର ଗଛ ଲଗାଇବା ସହ ସେଗୁଡ଼ିକର ନିଜ ପିଲାଙ୍କ ପରି ଯତ୍ନ ନେଇ ବଢେଇବା ପାଇଁ ସମାଜକୁ ବାର୍ତ୍ତା ଦେଇଥିଲେ । ସେବକ ଜରା ନିବାସ ର ସଭାପତି ସୁରେଶ କୁମାର ବିଶ୍ୱାଳ, ଅଶୋକ ସ୍ୱାଇଁ, ଭଗ୍ୟଧର ନାଥ,ବେଣୁଧର ନାୟକ ଙ୍କ ସହ ଛତିଆ ସମାଜ ସେବୀ ସଂଗଠନ ପକ୍ଷରୁ ଦୟାନିଧି ବିଶ୍ୱାଳ,ସୌମ୍ୟରଞ୍ଜନ ବେହେରା,ହୃଷୀକେଶ ସେଠୀ ପ୍ରମୁଖ ବହୁ ସମାଜ ସେବୀ ଯୋଗ ଦେଇଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ରୋଟାରିଆନ୍ ଦୀପକ୍ ଜେନା,ପ୍ରଦୀପ୍ତ ବରାଳ,ଜୟନ୍ତ ସାହୁ,ଲକ୍ଷ୍ମୀକାନ୍ତ ଚ୍ୟାଉପଟନାୟକ୍,ପ୍ରମୋଦ ସାମଲ,ଅଜମ୍ବର ସାହୁ,କଳାକାର ମହାନ୍ତି,ଡଃ ବିଜୟ ଶତପଥୀ,ଅଶୋକ ମହାପାତ୍ର,ଚକ୍ରଧର ଲେଙ୍କା,ବିନୋଦ ପରିଡ଼ା,ମିନତି ସାହୁ,ମାଧୁରୀ ଶତପଥୀ,ପ୍ରଭାତ ନଳିନୀ ସାହୁ,ଅର୍ଚ୍ଚନା ସ୍ୱାଇଁ,ବିଶ୍ୱମିତ୍ରା ସାହୁ,କଳ୍ପନା ଖୁଣ୍ଟିଆ,ଶୁଭଲକ୍ଷ୍ମୀ କର ପ୍ରମୁଖ ଯୋଗ ଦେଇ ଥିଲେ।

# ରୋଗ ବଢୁଛି,ସଫା ହେଉନି ପାଇଖାନା, ଭଙ୍ଗା ବେଡରେ ରୋଗୀ

କେନ୍ଦ୍ରାପଡ଼ା : କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଡାଇରିଆ ୱାର୍ଡ ଏବେ ରୋଗୀଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇଦେଇ ରୋଗମୁକ୍ତ କରୁନାହିଁ ବରଂ ରୋଗୀଙ୍କ ରୋଗ ବଢାଇବାରେ ଲାଗିଛି । କାରଣ ଡାଇରିଆ ୱାର୍ଡରେ ରୋଗୀଙ୍କ ପାଇଁ ଯେଉଁ ବେଡ ପଡିଛି ସେ ବେଡର ଲୁହା ପ୍ଲେଟ ଜଅଁଙ୍କ ଖାଇ ନଷ୍ଟ ହୋଇଗଲାଣି । ସେହିପରି ପାଇଖାନା ଓ ପରିସ୍ରାଗାର ଗୁଡିକ ସଠିକ ଭାବରେ ଓ ଉପଯୁକ୍ତ ସମୟ ବ୍ୟବଧାନରେ ସଫାସୁତୁରା ହେଉନାହିଁ । ଡାଇରିଆ ରୋଗୀ ଯେଉଁ ପାଇଖାନା ବ୍ୟବହାର କରନ୍ତି ତାକୁ ନିୟମିତ ତଥା ୪ଘ□। ବ୍ୟବଧାନରେ ସଫା କରାଯିବା ଉଚିତ । କାରଣ ପାଇଖାନା ସଫା ନ ହେଲେ ତାହା ରୋଗୀଙ୍କୁ ସଂକ୍ରମିତ କରିବ । ଯେଉଁ ରୋଗୀମାନେ ପୂର୍ବରୁ ଥିବେ ସେମାନେ ସୁସ୍ଥ ହୋଇ ଫେରି ପାରିବେ ନାହିଁ । ସେହିପରି ଯେଉଁ ରୋଗୀମାନେ ନୂତନ ଭାବେ ଭର୍ତି ହେବେ ସେମାନେ ଦୁର୍ଗନ୍ଧରେ ରହି ପାରିବେ ନାହିଁ । ତେଣୁ କେବଳ ଏହି ୱାର୍ଡରୁ ରୋଗ ନେଇ ଘରକୁ ଫେରିବା ସାର ହେବ ବୋଲି ରୋଗୀଙ୍କ ସଂପର୍କୀୟମାନେ ଅଭିଯୋଗ କରିଛନ୍ତି । ଭରତପୁର ଗ୍ରାମରୁ ଡାଇରିଆ ୱାର୍ଡରେ ଭର୍ତି ହୋଇଥିବା ଚି□ରଞ୍ଜନ ଦାସ କହିଛନ୍ତି ତାଙ୍କର ଝାଡାବାନ୍ତି ହେବାରୁ ସେ ଗୁରୁବାର ହୋଇ ଏହି ୱାର୍ଡରେ ଭର୍ତି ହୋଇଥିଲେ । କିନ୍ତୁ ବେଡଗୁଡିକରେ ପଡିଥିବା ଲୁହା ପ୍ଲେଟ ସବୁ ଜଅଁଙ୍କ ଖାଇ ଖାଇ ନଷ୍ଟ ହୋଇଗଲାଣି । ଏଥିସହ ସେହିସବୁ ବେଡ ଗୁଡିକରେ ଏତେ ମାତ୍ରାରେ ଓଡ଼ଶ ଅଛନ୍ତି ଯେ ରୋଗୀଙ୍କୁ ବେଡ୍‌ରେ ଶୁଆଇ ଦେଉ ନାହାଁନ୍ତି । ସେହିପରି ଶୌଚ ହେବା ପାଇଁ ପାଇଖାନାକୁ ଗଲେ ପାଇଖାନା ସାରା ମଳ ମୁତ୍ର ପଡିଛି । ସେସବୁକୁ ସଫା କରାଯାଉନାହିଁ । କେତେକ ରୋଗୀ ପାଇଖନା ଚଟାଣରେ ଝାଡା କରି ଦେଇଛନ୍ତି । ହେଲେ ଡାକ୍ତରଖାନା କର୍ମଚାରୀ ସେଗୁଡିକୁ ସଫା କରୁନାହାଁନ୍ତି । ଯାହା ଫଳରେ ରୋଗୀମାନେ ଅଧିକ ଅସୁସ୍ଥ ହେଉଛନ୍ତି ବୋଲି ସେ କହିଛନ୍ତି । ସେହିପରି ଜମ୍ବୁରୁ ଆସିଥିବା ଅନ୍ୟ ଜଣେ ରୋଗୀ ସସ୍ମିତା ସ୍ୱାଇଁଙ୍କୁ ଏକ ଭଙ୍ଗା ବେଡ ପ୍ରଦାନ କରାଯାଇଛି । ସେହି ଭଙ୍ଗା ବେଡରୁ ବାହାରିଥିବା ଲୁହା ପ୍ଲେଟର ଖଣ୍ଡସବୁ ତାଙ୍କ ଦେହରେ ଫୁଟି ଯାଉଛି । ସେ ୮ ମାସର ଗର୍ଭବତୀ ଅଛନ୍ତି । ତେଣୁ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରୋଗୀଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯାଉଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ୱାର୍ଡକୁ ସଫା କରିବା ପାଇଁ ୪ ଜଣ ସଫେଇ କର୍ମଚାରୀ ନିଯୁକ୍ତି ପାଇଛନ୍ତି । କିନ୍ତୁ ସେମାନେ ଠିକ ଭାବେ ଡ୍ୟୁଟି କରୁନାହାଁନ୍ତି । ଯାହା ଫଳରେ ରୋଗୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରୋଗୀମାନେ ବହୁ ଆଶା ଓ ଭରଷା ନେଇ ଦୂରଦୂରାନ୍ତରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି । କିନ୍ତୁ ସେମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ଏଠାରେ ମିଳୁନାହିଁ । ଏପରିକି ଡାକ୍ତରଖାନାରେ ମାଗଣା ଔଷଧ ମିଳିବାର ବ୍ୟବସ୍ଥା ସରକାର କରିଥିବା ବେଳେ ଏହି ଔଷଧ କିନ୍ତୁ ଅନେକ ସମୟରେ ଡାକ୍ତରଖାନାରେ ମିଳୁନାହିଁ । ତେଣୁ ରୋଗୀଙ୍କ ସଂପର୍କୀୟମାନେ ବାଧ୍ୟହୋଇ ବାହାରୁ ଔଷଧ କିଣି ଖର୍ଚ୍ଚାନ୍ତ ହେଉଛନ୍ତି । ସେହିପରି ରୋଗୀମାନେ କିପରି ଏଠାକୁ ନ ଆସିବେ ସେ ନେଇ କର୍ମଚାରୀମାନେ ବ୍ୟବସ୍ଥା କରୁଛନ୍ତି । ଜାଣିଶୁଣି ରୋଗୀଙ୍କୁ ହଇରାଣ ହରକତ କରାଯାଉଛି । ରୋଗୀଙ୍କ ଚପଲ ସବୁକୁ ଜାଣିଶୁଣି ସିଡିର ପାହାଚ ତଳକୁ ଫିଙ୍ଗି ଦିଆଯାଉଛି । ଫଳରେ ସେମାନେ ବିରକ୍ତ ହେଲେ ଆଉ ଏଠାକୁ ନ ଆସି ନିକଟରେ ଥିବା ନର୍ସିଂହୋମରେ ଚିକିତ୍ସିତ ହେବେ । ଘରୋଇ ନର୍ସିଂହୋମ ଓ ତଳିଆ କର୍ମଚାରୀଙ୍କ ଉତମ ଯୋଗସୂତ୍ର ଥିବାରୁ ରୋଗୀଙ୍କୁ ଏଠାରେ ହଇରାଣ ହରକତ କରାଯାଉଛି । ଏହି ସବୁ ସମସ୍ୟା ସଂକ୍ରାନ୍ତରେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜଙ୍କୁ ପଚାରିବାରୁ ସେ କହିଲେ ବେଡ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି । ସଫାସୁତରା କିପରି ପ୍ରତି ଦୁଇ ଘଂଟା ବ୍ୟବଧାନରେ କରାଯିବ ସେଥିପାଇଁ କର୍ମଚାରୀଙ୍କୁ ଚେତାବନୀ ଦିଆଯିବ । ନିର୍ଦ୍ଦେଶ ନ ମାନିଲେ ରୋଗୀଙ୍କ ସ୍ୱାସ୍ଥ୍ୟକୁ ଗୌଣ ମନେ କଲେ ସେମାନଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।



# ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗ ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ

## ରାଜ୍ୟ ମହିଳା କମିଶନ ଥିଲେ ହୁଏତ ଏପରି ହୋଇ ନଥାନ୍ତା : ଶ୍ରୀକାନ୍ତ

## ନିଜ ଛାମୁଆ ସଂଗଠନର ସଭ୍ୟାଙ୍କୁ ସୁରକ୍ଷା ଦେବାରେ ବିଫଳ ବିଜେପି ନେତା ଡାକ୍ତରଖାନା ଯାଉଛନ୍ତି କାହିଁକି: ଜୟଦେବ

## ମହିଳା ବାଚସ୍ପତି ସମ୍ବେଦନଶୀଳ ହୁଅନ୍ତୁ : ରାମଚନ୍ଦ୍ର

ଭୁବନେଶ୍ୱର,୧୪।୭ (ନି.ପ୍ର) : ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ କେବଳ ସମ୍ପୃକ୍ତ ଦୋଷୀ ଅଧ୍ୟାପକ ନୁହେଁ, ମୂଳରୁ ଚୁଳ ଯାଏ ଅନ୍ୟ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ତିନିଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ ଏପରିକି ଖୋଦ ମୁଖ୍ୟମନ୍ତ୍ରୀ ମଧ୍ୟ ଘଟଣାର ତଦନ୍ତ ପରିସରଭୁକ୍ତ ହେବା ବିଧେୟ। ତେଣୁକରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଏହି ଘଟଣାର ନ୍ୟାୟିକ ତଦନ୍ତ ଦାବି କରାଯାଇଛି। ନଚେତ ହାଇକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ ସିବିଆଇକୁ ମଧ୍ୟ ତଦନ୍ତ ଭାର ଅର୍ପଣ କରାଯାଇ ପାରିବ ବୋଲି ସୋମବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଦାବି କରିଛନ୍ତି। ପିସିସିର ମିଡିଆ ସେଲ ଅଧ୍ୟକ୍ଷ ଶ୍ରୀଯୁକ୍ତ ଅରବିନ୍ଦ ଦାସଙ୍କ ସଂଯୋଜନାରେ




ହୋଇଥିବା ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ଶ୍ରୀକାନ୍ତ ଜେନା କହିଥିଲେ, ରାଜ୍ୟ ସରକାର ଯଦି ମହିଳା ଆୟୋଗ ଗଠନ କରିଥାନ୍ତେ ହୁଏତ ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥାନ୍ତା। ଘଟଣାର ବହୁଦିନ ପୂର୍ବରୁ ଛାତ୍ରୀଜଣକ ଉଚ୍ଚଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ଜାତୀୟ ମହିଳା କମିଶନଙ୍କୁ ଅଧ୍ୟାପକଙ୍କ ଯୌନ ଆବେଦନ ଓ ମାନସିକ ନିର୍ଯାତନା ନେଇ ଟୁଇଟ୍ ମଧ୍ୟ କରିଥିଲେ। ରାଜ୍ୟ ମହିଳା କମିଶନ ଥିଲେ ଏହି ପ୍ରସଙ୍ଗରେ ହୁଏତ ପୁଲିସ ଡିଜିଙ୍କୁ ଜବାବ ଦେବାପାଇଁ କହିଥାନ୍ତେ। ତେଣୁକରି ମୁଖ୍ୟମନ୍ତ୍ରୀ ମଧ୍ୟ କାଠଗଡାରେ। ଉକ୍ତ ଛାତ୍ରୀଙ୍କ ଟୁଇଟ୍ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇ ଦିଆ ଯାଇଥିଲା ନା ନାହିଁ? ଯଦି ନାହିଁ ଯେଉଁମାନେ ଜଣାଇ ନଥିଲେ, ସେମାନଙ୍କୁ ତୁରନ୍ତ ବରଖାସ୍ତ କରାଯିବା ଉଚିତ ନୁହେଁକି? ଏହି ପ୍ରସଙ୍ଗରେ ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ଜୟଦେବ ଜେନା କହିଥିଲେ, ଉକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ଆଶ୍ଚର୍ଯ୍ୟର କଥା, ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଅତ୍ୟାଚାର ହେଲା, ଅଥଚ ଖୋଦ୍ ବିଜେପିର ସାଂସଦ ଓ ବିଧାୟକ ତାଙ୍କୁ ସୁରକ୍ଷା ଦେଇ ପାରିଲେନି। ଏବେ କଣ ପାଇଁ ବିଜେପିର ନେତାମାନେ ଡାକ୍ତରଖାନା ଯାଉଛନ୍ତି? ରାଜ୍ୟରେ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନା ବିରୋଧରେ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ ଆରମ୍ଭ କରିଥିବା ଆନ୍ଦୋଳନ ଆଗକୁ ମଧ୍ୟ ଚାଲିବ ବୋଲି ଶ୍ରୀଯୁକ୍ତ ଜେନା ସୂଚନା ଦେଇଥିଲେ। ଓଡ଼ିଶାର ଝିଅ ହୋଇଥିବାରୁ ନିଜ ଦୁଇ ଦିନିଆ ଓଡ଼ିଶା ଗସ୍ତ ବେଳେ ସମୟ ବାହାର କରି ପିସିସିର ପ୍ରତିନିଧିଦଳକୁ ରାଷ୍ଟ୍ରପତି ସମୟ ଦେବେ ବୋଲି ଶ୍ରୀଯୁକ୍ତ ଜେନା ଆଶା ପ୍ରକାଶ କରିଥିଲେ।

ଏହି ସମ୍ବେଦନଶୀଳ ଘଟଣାର ଗୁରୁତ୍ୱ ହୃଦୟଙ୍ଗମ ପୂର୍ବକ ଗଣମାଧ୍ୟମର ପ୍ରତିନିଧିମାନେ ଅହୋରାତ୍ର ଏମସ୍ ବର୍ଣ୍ଣ ସେଣ୍ଟର ନିକଟରେ ଉପସ୍ଥିତ ରହୁଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଥିଲେ ବିଧାନସଭାରେ ଆମେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ଆମେ ସମସ୍ତେ ମହିଳା ବାଚସ୍ପତିଙ୍କ ଦ୍ୱାରା ନିଲମ୍ବିତ ହୋଇଥିଲୁ। ଆଶାକରୁଛୁ ଏହି ଘଟଣାରେ ବାଚସ୍ପତି ସମ୍ବେଦନଶୀଳ ହେବେ। ନିଜ ସଂଗଠନର ଜଣେ ମହିଳା କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା ଦେବାରେ ବିଫଳ ହୋଇଥିବା ଏବିଭିପି କର୍ମୀମାନେ ତାଙ୍କୁ ଏମସ୍ ପରିସରରେ ବାଧା ଉପୁଯାଇବା ଘୋର ନିନ୍ଦନୀୟ ବୋଲି ଶ୍ରୀଯୁକ୍ତ କାଡାମ କହିଥିଲେ।

# ଅଭିଭା ଇଣ୍ଡିଆ ପକ୍ଷରୁ ଅଭିଭା ଭାରତ ବାଲ୍ ବିକାଶ ଯୋଜନାର ଶୁଭାରମ୍ଭ

ଭୁବନେଶ୍ୱର,୧୪।୭ (ନି.ପ୍ର) : ଏକ ଅଗ୍ରଣୀ ଘରୋଇ ଲାଇଫ ଇନ୍ସୁରାନ୍ସ କମ୍ପାନୀ ଅଭିଭା ଇଣ୍ଡିଆ ପକ୍ଷରୁ ଏହାର ନୂଆ ଲାଇଫ ଇନ୍ସୁରାନ୍ସ ପ୍ରଡକ୍ଟ 'ଅଭିଭା ଭାରତ ବାଲ ବିକାଶ ଯୋଜନା'ର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହା ହେଉଛି ଚିନ୍ତାଶୀଳ ଭାବେ ଡିଜାଇନ କରାଯାଇଥିବା ଏକ ନନ୍-ଲିଙ୍କ୍‌ଡ ନନ୍-ପାର୍ଟିସିପେଟିଙ୍ଗ ଲାଇଫ ଇନ୍ସୁରାନ୍ସ ସେଭିଙ୍ଗ୍‌ସ ପ୍ଲାନ ଯାହା ଭାରତର ଗ୍ରାମାଂଚଳ ଓ ଅର୍ଦ୍ଧସହରାଂଚଳର ପରିବାରଗୁଡିକୁ ନିଜ ପିଲାମାନଙ୍କ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଠନ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି। ମାସିକ ୧୦୦୦ ଟଙ୍କାରୁ ଆରମ୍ଭ ହେଉଥିବା ପ୍ରିମିୟମ ସହିତ ଏହି ପ୍ଲାନ ଲାଇଫ କଭର ସହ ନିଶ୍ଚିତ ମାଚ୍ୟୁରିଟି ଲାଭକୁ ମିଶ୍ରଣ କରିଥାଏ, ଯାହା ପରିବାରଗୁଡିକୁ ଉଚ୍ଚଶିକ୍ଷା, ଦକ୍ଷତା ବିକାଶ କିମ୍ବା ଏକ କ୍ଷୁଦ୍ର ବ୍ୟବସାୟ ସ୍ଥାପନ କରିବା ଭଳି ମାଇଲଷ୍ଟୋନଗୁଡିକ ପାଇଁ ଆତ୍ମବିଶ୍ୱାସର ସହ ଯୋଜନା କରିବା ଲାଗି ସାହାଯ୍ୟ କରିଥାଏ। ଏହି ପ୍ଲାନ ୩ ବର୍ଷର ସର୍ବନିମ୍ନ ପ୍ରବେଶ ବୟସ ପ୍ରଦାନ କରୁଛି ଏବଂ ସର୍ବାଧିକ ପ୍ରବେଶ ବୟସ ୫୦ ବର୍ଷ ରହିଛି। ସେହିପରି ପଲିସି ଟର୍ମ ୧୨ରୁ ୩୦ ବର୍ଷ ମଧ୍ୟରେ ରହିଥିବା ବେଳେ ମାଚ୍ୟୁରିଟି ବୟସ ୮୦ ବର୍ଷ ପର୍ଯ୍ୟନ୍ତ ରହିଛି, ଯାହା ଏହାକୁ ଜୀବନର ବିଭିନ୍ନ ପର୍ଯ୍ୟାୟ ଓ ଆର୍ଥିକ ଲକ୍ଷ୍ୟଗୁଡିକ ପାଇଁ ଉପଯୁକ୍ତ କରୁଛି। ମାସିକ, ତ୍ରୈମାସିକ, ଅର୍ଦ୍ଧବାର୍ଷିକ ଓ ବାର୍ଷିକ ଭଳି ଏହାର ଫ୍ଲେକ୍ସିବୁଲ ପ୍ରିମିୟମ ପେମେଂଟ ଅପ୍‌ସନ ଏହାକୁ ବିଭିନ୍ନ ପ୍ରକାରର ପାରିବାରିକ ବଜେଟ ସହ ମେଳ ଖାଇବା ପାଇଁ ସହଜ କରିଥାଏ। ଏହି ନୂତନ ଉତ୍ପାଦ ସମ୍ପର୍କରେ ଅଭିଭା ଇଣ୍ଡିଆର ସିଏମଓ ବିନିଶ କପାଥି କହିଛନ୍ତି, "ଅଭିଭା ଭାରତ ବାଲ ବିକାଶ ଯୋଜନାକୁ ମେଟ୍ରୋ ସହର ବାହାରେ ପରିବାରଗୁଡିକର ବାସ୍ତବ ଓ ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିବା ପାଇଁ ଡିଜାଇନ କରାଯାଇଛି। ଏହା ଜଟିଳ ଆର୍ଥିକ ଉତ୍ପାଦର ଚିନ୍ତା ବିନା ନିଜ ପିଲାମାନଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖିବାକୁ ଚାହୁଁଥିବା ଅଭିଭାବକଙ୍କ ପାଇଁ ଏକ ସରଳ, ଲକ୍ଷ୍ୟ-ଭିତିକ ଯୋଜନା ଅଟେ।"ଏହି ପ୍ଲାନ ପଲିସି ଟର୍ମ ଶେଷରେ ଏକ ଗ୍ୟାରେଂଟିଡ ସମ୍ ଆସ୍ୟୋର୍‌ଡ ଆକାରରେ ମାଚ୍ୟୁରିଟି ବେନିଫିଟ ପ୍ରଦାନ କରିଥାଏ, ଯାହା ପିଲାଙ୍କ ଭବିଷ୍ୟତ ପାଇଁ ଆର୍ଥିକ ସହଯୋଗ ନିଶ୍ଚିତ କରିଥାଏ। ଏହା ପ୍ରଚଳିତ ଆଇନ ଅନୁଯାୟୀ ଟିକସ ଲାଭ ମଧ୍ୟ ପ୍ରଦାନ କରିଥାଏ, ଯାହା ଏହାକୁ ଉଭୟ ଆର୍ଥିକ ସୁରକ୍ଷା ଓ ଭବିଷ୍ୟତ-କେନ୍ଦ୍ରିତ ସଂଚୟ ଚାହୁଁଥିବା ପରିବାରଗୁଡିକ ପାଇଁ ଏକ ବ୍ୟବହାରିକ ବିକଳ୍ପରେ ପରିଣତ କରୁଛି।

# କାଇନେଟିକ୍ ଗ୍ରୀନ ଏହାର ଆକ୍ରମଣାତ୍ମକ ବିସ୍ତାରିତ ଇ୨ଡ଼ବ୍ଲୁ ବ୍ୟବସାୟ ସହିତ ଜ୍ୱଳନ୍ତ ଇଲେକ୍‌ଟ୍ରିକ୍ ସ୍କୁଟରର ଘୋଷଣା କରିଛି

ଭୁବନେଶ୍ୱର,୧୪।୭ : ନିଜର ନେତୃତ୍ୱକୁ ଉଜାଗର କରି, କାଇନେଟିକ୍ ଗ୍ରୀନ, ଯାହାକି ଭାରତର ପ୍ରମୁଖ ପ୍ରିମିୟର ବୈଦ୍ୟୁତିକ ଦୁଇଚ଼କିଆ ଯାନ (ଇଟୁଡ଼ବ୍ଲୁ) ଏବଂ ବୈଦ୍ୟୁତିକ ତିନିଚ଼କିଆ ଯାନ (ଇଥ୍ରିଡ଼ବ୍ଲୁ)ର ନିର୍ମାଣକାରୀ ପ୍ରତିଷ୍ଠାନ, ଆଜି ଏହାର ଦୁଇଚ଼କିଆ ଇଲେକ୍‌ଟ୍ରିକ୍ ଯାନର ବୃଦ୍ଧି ପାଉଥିବା ରୋଡ଼ମ୍ୟାପର ଆକ୍ରମଣାତ୍ମକ ଢ଼ଙ୍ଗକୁ ଉପସ୍ଥାପିତ କରିଛି। ଏହାର ଆଇକନିକ୍ ଇ-ଲୁନା ସଫଳତା ସେହି ଧ୍ୱନିକୁ ଦୃଢ଼ିଭୂତ କରି ବର୍ଷକ ତଳେ ହୋଇଥିବା ଶୁଭାରମ୍ଭକୁ ନେଇ କମ୍ପାନୀ ବର୍ତମାନ ଆସନ୍ତା ୧୮ ମାସ ଭିତରେ ୩ଟି ଉଚ୍ଚ କ୍ଷମତା ତଥା କାର୍ଯ୍ୟଦକ୍ଷତା ସମ୍ପନ୍ନ ଜ୍ୱଳନ୍ତ ଇଲେକ୍‌ଟ୍ରିକ୍ସ ସ୍କୁଟରର ପରଦା ହଟାଇବାକୁ ଯାଉଛି ଯାହା ବିଶ୍ୱସ୍ତରୀୟ ଡ଼ିଜାଇନର ମହକତାକୁ ଗମ୍ଭୀରତାର ସହିତ ନେଇ ଭାରତୀୟ ବିଶାଳ ଯାନ୍ତ୍ରିକୀକଳା ସହିତ ଏକ ମିଶ୍ରଣରେ ପ୍ରସ୍ତୁତ କରିବାକୁ ଯାଉଛି। ଏହି ବର୍ଦ୍ଧିତ କାର୍ଯ୍ୟକ୍ରମର ସବୁଠାରୁ ଉତ୍ସାହପ୍ରଦ ପ୍ରଥମ ମଡ଼େଲଟି ଏକ ପ୍ରିମିୟମ ଅଟେ ଯାହା ଷ୍ଟାଇଲିଷ୍ଟ ଏବଂ ଏକ ଜ୍ଞାନକୌଶଳରେ ବର୍ଦ୍ଧିତ ପାରିବାରିକ ସ୍କୁଟର ଅଟେ ଯାହାକି ଆସନ୍ତା ପର୍ବାଣୀ



ଋତୁ ୨୦୨୫ ପୂର୍ବରୁ ଶୁଭାରମ୍ଭ ହେବାକୁ ଯାଉଛି। ରହିଥିବା ଅନେକ ଗୁଡ଼ିଏ ନିଜସ୍ୱ ଜ୍ଞାନକୌଶଳର ବିଶେଷତ୍ୱକୁ ନେଇ ଏହି ଇ୨ଡ଼ବ୍ଲୁ ସମୟ ସହିତ ତାଳ ଦେଇ ବିଭିନ୍ନ ପ୍ରକାରର ପାରମ୍ପରିକତାକୁ ପୁନଃସ୍ଥାପିତ କରିବା ସହିତ ବ୍ୟବହାରକାରୀମାନଙ୍କ ପାଇଁ ଏକ ବିକଳ୍ପ ସୁବିଧା ପ୍ରଦାନ କରିବାକୁ ଯାଉଛି। ଏହା ଯେଉଁସବୁ ଯାନ୍ତ୍ରୀକ ଦ୍ୱାରା ସଜ୍ଜିତ ହେବ ତା ମଧ୍ୟରେ ରହିଛି ଆକର୍ଷଣୀୟ ଟିଏଫଟି ଡ଼ିସପ୍ଲେ, ଉନ୍ନତ ଆଇଓଟି ସକ୍ଷମକାରୀତା ତଥା ଏକ ବୁଦ୍ଧିମତାର ଡ଼ିଜିଟାଲ ମଂଚ ଯାହା ଜିଓଥିଙ୍ଗ ଦ୍ୱାରା ବିକଶିତ ହୋଇଛି ତଥା ଅନେକ ଗୁଡ଼ିଏ ଚାଳକ ଅଭିଜ୍ଞତାର ବାଧାହୀନ ସଂଯୋଗକତାକୁ ସୁନିଶ୍ଚିତ କରିବ। ବିବିଧ ପ୍ରକାରର ବ୍ୟାଟେରୀର ଅଫରକୁ ନେଇ ତଥା ଦ୍ରୁତ ଚାର୍ଜିଙ୍ଗ କୌଶଳକୁ ଆପଣେଇ ଏହି ଇ-ସ୍କୁଟର ଅତି ଚ଼ିନ୍ତାୟୁକ୍ତ ଭାବରେ ପ୍ରସ୍ତୁତ କରାଯାଇଛି ଯାହାକି ବିବିଧ ଗ୍ରାହକ ମାନଙ୍କ ମଧ୍ୟରେ ସେମାନଙ୍କର ଚାହିଦା ଏବଂ ବଜେଟ ସେଗମେଂଟକୁ ନେଇ ବେଶ୍ ଆଗକୁ ଯାଇପାରିବ। ଏହାର ଡ଼ିଜାଇନର ଉଚ୍ଚ ଗୁଣବତାକୁ ନେଇ କାଇନେଟିକ୍ ଗ୍ରୀନ ଟୋରିନ ଡ଼ିଜାଇନ ଯାହାକି ବିଶ୍ୱସ୍ତରରେ ଏକ ସୁପ୍ରସିଦ୍ଧ ଡ଼ିଜାଇନ ହାଉସ ଅଟେ ଯାହା ଇଟାଲିରେ ଅବସ୍ଥିତ ଏହା ସହିତ ସହଭାଗୀତାରେ ଏକ ସହ ସୃଷ୍ଟିକାରୀ ଭାବରେ ଭବିଷ୍ୟତର ସ୍କୁଟର ସମ୍ଭାରକୁ ଆହୁରି ଆଗକୁ ନେଇପାରିଛି। ଏଭଳି ଏକ ପରବର୍ତି ପୀଢ଼ିର ମଡ଼େଲ ମଧ୍ୟରେ ଯେଉଁସବୁ ବିଶେଷତ୍ୱ ରହିଛି ତାହା ଧିରେ ଧିରେ ଷ୍ଟାଇଲ ଆଧାରିତ ହୋଇ ବର୍ଣ୍ଣ ଇଲେକ୍‌ଟ୍ରିକ୍ ଡ଼ିଜାଇନର ଦର୍ଶନତତ୍ତ୍ୱକୁ ନେଇ ଏକ ନୂତନ ଦିଗରେ ଡ଼ିଜାଇନ ଏବଂ ଜୀବନଶୈଳୀ ଉପରେ ଆହୁରି ଆଗକୁ ଗତିକରିବ। ଏହି ଡ଼ିଜାଇନର ଭାଷା ନିରବଚ୍ଛିନ୍ନ ଭାବରେ ଏକ ଆକର୍ଷଣୀୟ ତଥା ଟ୍ରେଣ୍ଡ ପ୍ରତିଷ୍ଠା କରିବା ସହିତଏହା ମଧ୍ୟ ଯୁବଶୁଲଭ ହୋଇ ରହିବ।

# ଅଙ୍କୁରା ହସ୍ପିଟାଲର ବିଶେଷଜ୍ଞଙ୍କ ଦ୍ୱାରା ବିରଳ ଏଡୱାର୍ଡ ସିଣ୍ଡ୍ରୋମ ଚିହ୍ନଟ

ଭୁବନେଶ୍ୱର,୧୪।୭ (ନି.ପ୍ର) : ଅଙ୍କୁରା ହସ୍ପିଟାଲ, ଭୁବନେଶ୍ୱରର ଫେଟାଲ ମେଡ଼ିସିନ ବିଭାଗର କନସଲଟାଂଟ ଡା. ରମା ମଞ୍ଜରୀ ନାୟକ ମାତ୍ର ୧୬ ସପ୍ତାହର ଗର୍ଭାବସ୍ଥାରେ ଏକ ବ୍ୟାପକ ପ୍ରାରମ୍ଭିକ ଆନୋମାଲି ସ୍କାନ୍ ପରେ ଭ୍ରୂଣରେ ଏଡୱାର୍ଡ ସିଣ୍ଡ୍ରୋମ୍ (ଟ୍ରାଇସୋମି ୧୮) ଚିହ୍ନଟ କରିଛନ୍ତି । ଏଡୱାର୍ଡ ସିଣ୍ଡ୍ରୋମ୍ ହେଉଛି ଏକ ଜେନେଟିକ୍ ବିକାର ଯାହା ଶରୀରର କିଛି କିମ୍ବା ସମସ୍ତ କୋଷରେ ୧୮ ତମ କ୍ରୋମୋଜମର ତୃତୀୟ ପ୍ରତିରୂପ ଉପସ୍ଥିତି କାରଣରୁ ହୋଇଥାଏ । 'ଏହି ଅତିରିକ୍ତ କ୍ରୋମୋଜମ୍ ଶାରୀରିକ ଅସ୍ୱାଭାବିକତା ଏବଂ ବିକାଶଗତ ବିଳମ୍ବ ସହିତ ଅନେକ ସମସ୍ୟା ସୃଷ୍ଟି କରେ । ଏଡ଼ୱାର୍ଡ଼ ସିଣ୍ଡ୍ରୋମ୍ ସହିତ ଜନ୍ମିତ ଅଧିକାଂଶ ଶିଶୁ ଜନ୍ମ ପୂର୍ବରୁ ବଂଚିପାରନ୍ତି ନାହିଁ ଏବଂ ଯେଉଁମାନେ ଜନ୍ମ ହୁଅନ୍ତି ସେମାନେ ମଧ୍ୟ ପ୍ରଥମ ମାସ ମଧ୍ୟରେ ମୃତ୍ୟୁବରଣ କରନ୍ତି ବୋଲି ଡା. ରମା ମଞ୍ଜରୀ ନାୟକ କହିଛନ୍ତି ।

ଜଣେ ୨୫ ବର୍ଷୀୟ ପ୍ରଥମ ଗର୍ଭଧାରଣ କରିଥିବା ମାତା ଯାହାଙ୍କର କୌଣସି ଜଣାଶୁଣା ଜେନେଟିକ୍ ସମସ୍ୟା ନଥିଲା ତାଙ୍କୁ ଏକ ସାଧାରଣ ସ୍କାନ୍ ପାଇଁ ଅଙ୍କୁରା ହସ୍ପିଟାଲକୁ ପଠାଯାଇଥିଲା । ତାଙ୍କର ପ୍ରଥମ-ଟ୍ରାଇମଷ୍ଟର ଡବଲ୍ ମାର୍କର୍ ସ୍କ୍ରିନିଂ କରାଯାଇଥିଲା। ଏହାର ଫଳାଫଳରେ କୌଣସି ଅସ୍ୱାଭାବିକତା ଦେଖାଯାଇନଥିଲା । ତଥାପି,



ଡା. ନାୟକଙ୍କ ଦ୍ୱାରା କରାଯାଇଥିବା ପ୍ରାରମ୍ଭିକ ବିସ୍ତୃତ ଆନୋମାଲି ସ୍କାନରେ ବିକାଶଶୀଳ ଭ୍ରୂଣରେ ଚିନ୍ତାଜନକ ଲକ୍ଷଣଗୁଡ଼ିକ ଦେଖାଦେଇଥିଲା । ସେଗୁଡ଼ିକ ହେଲା ଏକ ଛୋଟ ପାଟିହାଡ଼ (ମାଇକ୍ରୋଗ୍ନାଥିଆ), ଗୋଟିଏ ପାର୍ଶ୍ୱ ଗୋଡ଼ ବଙ୍କା (ୟୁନିଲାଟେରାଲ୍ ଟାଲିପେସ୍), ମୁଠି ବନ୍ଦ ହୋଇଥିବା ହାତ, ନିମ୍ନ ଭାଗରେ କାନ, ଏବଂ ହୃଦୟ ତ୍ରୁଟି (ଏଭିଏସଡି)। ବ୍ୟାପକ କାଉନସେଲିଙ୍ଗ ପରେ ଏହି ଦମ୍ପତି ଆମ୍ନିଓସେଂଟେସିସ୍ ପାଇଁ ବାଛିଲେ ଯାହା ଏକ ନିଶ୍ଚିତ ନିର୍ଣ୍ଣୟମୂଳକ ପରୀକ୍ଷଣ ଯାହା କ୍ରୋମୋଜୋମ ଜନିତ ଅସ୍ୱାଭାବିକତା ଚିହ୍ନଟ କରିବା ପାଇଁ ଆମ୍ନିଓଟିକ୍ ତରଳ ପଦାର୍ଥର ଏକ ଛୋଟ ନମୁନା ବିଶ୍ଳେଷଣ କରିଥାଏ । ଆମ୍ନିଓସେଂଟେସିସ୍ ଫଳାଫଳରେ ଭ୍ରୂଣରେ ଟ୍ରାଇସୋମି ୧୮, ଅର୍ଥାତ୍ ଏଡ଼ୱାର୍ଡ଼ ସିଣ୍ଡ୍ରୋମ୍ ଥିବା ନିଶ୍ଚିତ ହୋଇଥିଲା । ଦମ୍ପତିଙ୍କ ସମ୍ମତି ସହିତ, ଗର୍ଭାବସ୍ଥାକୁ ମେଡ଼ିକାଲ ଉପାୟରେ ନଷ୍ଟ କରାଯାଇଥିଲା । "ଏହା ଥିଲା ଗତ ପାଂଚ ବର୍ଷରେ ମୁଁ ସାମ୍ନା କରିଥିବା ପ୍ରଥମ ନିଶ୍ଚିତ ମାମଲା ଯେଉଁଥିରେ ଏଡ଼ୱାର୍ଡ଼ ସିଣ୍ଡ୍ରୋମ୍ ଚିହ୍ନଟ ହୋଇଥିଲା ବୋଲି ଡା. ନାୟକ କହିଛନ୍ତି । ଯେତେବେଳେ ଟ୍ରାଇସୋମି ୨୧ (ଡାଉନ୍ ସିଣ୍ଡ୍ରୋମ୍) ଅଧିକ ସାଧାରଣତଃ ଚିହ୍ନଟ ହୁଏ, ଟ୍ରାଇସୋମି ୧୮ ବହୁତ ବିରଳ, ବିଶେଷକରି ଯେତେବେଳେ ଏତେ ପ୍ରାରମ୍ଭିକ ଅବସ୍ଥାରେ ଏବଂ ଏତେ ସ୍ପଷ୍ଟ ସୋନୋଗ୍ରାଫିକ୍ ଲକ୍ଷଣ ସହିତ ଚିହ୍ନଟ ହୁଏ ।" ଏହି ମାମଲା ପ୍ରାରମ୍ଭିକ ଉଚ୍ଚ-ରିଜୋଲ୍ୟୁସନ୍ ଆନୋମାଲି ସ୍କାନ୍ ଏବଂ ଫେଟାଲ୍ ମେଡ଼ିସିନର ଭୂମିକାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଛି ଯାହା ସାଧାରଣ ସ୍କ୍ରିନିଂରେ ଅନୁଲକ୍ଷିତ ହୋଇପାରୁଥିବା ସୂକ୍ଷ୍ମ ଚିହ୍ନଗୁଡ଼ିକୁ ଚିହ୍ନଟ କରିଥାଏ । ଏହା ଆଶା କରୁଥିବା ପିତାମାତାମାନଙ୍କ ପାଇଁ ପ୍ରାରମ୍ଭିକ, ସଠିକ୍ ନିର୍ଣ୍ଣୟ ଏବଂ ସୂଚିତ ନିଷ୍ପତି ନେବା ପାଇଁ ପ୍ରବେଶଯୋଗ୍ୟ ଜେନେଟିକ୍ କାଉନସେଲିଙ୍ଗ ଏବଂ ପରୀକ୍ଷଣର ଆବଶ୍ୟକତାକୁ ମଧ୍ୟ ଗୁରୁତ୍ୱ ଦେଉଛି।

# ଫ୍ଲିପକାର୍ଟ ପକ୍ଷରୁ ଫୁଡ ଫେଷ୍ଟ ୨.୦ ଆୟୋଜିତ

ଭୁବନେଶ୍ୱର,୧୪।୭ (ନି.ପ୍ର) : ଭାରତର ଘରୋଇ ଇକମର୍ସ ମାର୍କେଟପ୍ଲେସ ଫ୍ଲିପକାର୍ଟ, ଫୁଡ୍ ଫେଷ୍ଟ ୨୦୨୫ର ୨ୟ ସଂସ୍କରଣ ସଫଳତାର ସହ ଆୟୋଜନ କରିଛି । ଯାହା ଭାରତର ବିକଶିତ ଖାଦ୍ୟ ସଂସ୍କୃତିର ଏକ ନିମଜ୍ଜିତ ଉତ୍ସବ ଅଟେ। ଗତ ଜୁଲାଇ ୮ ଓ ୯ ତାରିଖରେ ବେଙ୍ଗାଲୁରୁସ୍ଥିତ ଫ୍ଲିପକାର୍ଟ କ୍ୟାମ୍ପସରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ ଜୁଲାଇ ୫ରୁ ୧୦ ତାରିଖ ୨୦୨୫ ପର୍ଯ୍ୟନ୍ତ ଏହି ଫେଷ୍ଟର ଏକ କ୍ୟୁରେଟେଡ ସେଲ ଅନ୍‌ଲାଇନରେ ହୋଇଥିଲା । ଯେଉଁଠାରେ ସପରମାନେ ଗୋରମେଟ ଫୁଡ୍ କଲେକ୍ସନ, ନୂଆ ଲଂଚ ଓ ଶୀର୍ଷ ବ୍ରାଣ୍ଡଗୁଡିକରେ ସୀମିତ ଅବଧି ଅଫର ଉପଲବ୍ଧ କରିଥିଲେ। ଏହି କାର୍ଯ୍ୟକ୍ରମ ଦେଶର କିଛି ଲୋକପ୍ରିୟ ସେଫ, ଶୀର୍ଷ କ୍ରିଏଟର, ଆଇକୋନିକ ବ୍ରାଣ୍ଡ ଓ ଦେଶବ୍ୟାପୀ ଖାଦ୍ୟପ୍ରେମୀଙ୍କୁ ଏକାଠି କରିଥିଲା, ଯାହା ଭାରତରେ ଗୋରମେଟ ଫୁଡ ଡିସ୍କଭରୀର ଭବିଷ୍ୟତ ଓ ବାଣିଜ୍ୟକୁ ନୂଆ ରୂପ ଦେବା ପାଇଁ



ଫ୍ଲିପକାର୍ଟର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ଲୋକପ୍ରିୟ ସେଫ ପୁଜା ଢିଙ୍ଗ୍‌ରା ଓ ରଣବୀର ବ୍ରାର ।

୨୫,୦୦୦ରୁ ଅଧିକ ଲୋକଙ୍କ ଆଗମନ, ୪୦ରୁ ଅଧିକ ଏନ୍‌ଗେଜମେଂଟ ଜୋନ, ୧୦ଟି ବ୍ରାଣ୍ଡ ଲଂଚ, ୩୦ରୁ ଅଧିକ ବ୍ରାଣ୍ଡ ପ୍ରଦର୍ଶନୀ, ୧୦୦ ମିଲିୟନରୁ ଅଧିକ ଅନ୍‌ଲାଇନ ଇମ୍ପ୍ରେସନ ଓ ଭିଜିଟ୍ ଏବଂ ଇନ୍‌ଫ୍ଲୁଏନ୍ସର ଓ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରସ୍ତୁତ ୧୦୦୦ରୁ ଅଧିକ ପିସ୍‌ର ଓରିଜିନାଲ କଂଟେଂଟ ସହିତ ଫ୍ଲିପକାର୍ଟ ଫୁଡ୍ ଫେଷ୍ଟ ୨.୦କୁ ଚମତ୍କାର ପ୍ରତିକ୍ରିୟା ଓ ସଫଳତା ମିଳିଛି। ଗୋରମେଟ ଫୁଡ୍ ଡିସ୍କଭରୀ ଓ ବ୍ରାଣ୍ଡ ଭିଜିବିଲିଟି ଦ୍ୱାରା ପରିଚାଳିତ ଏହି ଫେଷ୍ଟରେ ସୁଗାର ଫ୍ରି, ଡାବର, ହାପିଲୋ, ସଫୋଲା ଭଳି ପ୍ରମୁଖ ବ୍ରାଣ୍ଡଗୁଡିକର ନୂଆ ଉତ୍ପାଦ ଲଂଚ ଅନ୍ତର୍ଭୁକ୍ତ ଥିଲା। ଏହି ଅବସରରେ ଫ୍ଲିପକାର୍ଟର କଞ୍ଜ୍ୟୁମେବୁଲ୍ସ (ବିୟୁଟି, ଏଫଏମସିଜି ଆଣ୍ଡ ହେଲ୍‌ଥକେୟାର) ବିଭାଗର ବରିଷ୍ଠ ନିର୍ଦ୍ଦେଶକ ନିଶାନ୍ତ ଦଲାଲ କହିଛନ୍ତି, "ଫୁଡ ଫେଷ୍ଟ ୨୦୨୫ ସହ ଆମେ କେବଳ ଖାଦ୍ୟକୁ ସେଲିବ୍ରେଟ କରୁନାହୁଁ ବରଂ ଆମେ ଗୋରମେଟ ଫୁଡ ଡିସ୍କଭରୀ, ଷ୍ଟୋରୀଟେଲିଂ ଓ ସମୁଦାୟ-ଆଧାରିତ ବାଣିଜ୍ୟର ଏକ ନୂତନ ଯୁଗର ଗଠନ କରିଛୁ। ଏହି ମହୋତ୍ସବ କ୍ରିଏଟର, ସେଫ, ସେଲିବ୍ରିଟି, ବ୍ରାଣ୍ଡ ଓ ଗ୍ରାହକଙ୍କୁ ସ୍ୱାଦ ଓ ଟେକ୍ନୋଲୋଜିର ଏକ ମିଳିତ ଉତ୍ସବରେ ଏକତ୍ରିତ କରିଥିଲା।"

# ଏମ୍‌ଆଇ ନ୍ୟୁୟର୍କ ଜିତିଲା ମେଜର ଲିଗ୍ କ୍ରିକେଟ୍ ଟାଇଟଲ୍

ମୁମ୍ବାଇ, ୧୪।୭ (ନି.ପ୍ର) : ଏମ୍‌ଆଇ ନ୍ୟୁୟର୍କ ୨୦୨୫ ମେଜର ଲିଗ୍ କ୍ରିକେଟ୍ (ଏମଏଲସି) ଟାଇଟଲ୍ ଜିତିଛି। ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ତିନି ସିଜିନ୍ ମଧ୍ୟରେ ଦ୍ୱିତୀୟ ଚାମ୍ପିଅନସିପ୍ ଟାଇଟଲ୍ ଜିତିଛି। ବିଶ୍ୱ ସ୍ତରରେ ମୁମ୍ବାଇ ଇଣ୍ଡିଆନ୍ସର ଏହା ୧୩ତମ ଟାଇଟଲ୍। ମୁମ୍ବାଇ ଇଣ୍ଡିଆନ୍ସ କେବଳ ୨୦୨୫ରେ ତିନୋଟି ଟ୍ରଫି ଜିତିଛି। ପୂର୍ବରୁ, ଏମ୍‌ଆଇ କେପ୍ ଟାଉନ୍ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମହିଳା ଦଳ ଚଳିତ ବର୍ଷ ଆରମ୍ଭରେ ଡବ୍ଲୁପିଏଲରେ ଟାଇଟଲ୍ ଜିତିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ହେଉଛି ସବୁଠାରୁ ସଫଳ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଫ୍ରାଞ୍ଚାଇଜ୍ କ୍ରିକେଟ୍ ସମୂହ।




ଏହି ଅବସରରେ ନୀତା ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସ ପରିବାର ପାଇଁ ଏହା ବାସ୍ତବରେ ଏକ ବିଶେଷ ମୁହୂର୍ତ୍ତ। ତିନି ବର୍ଷ ମଧ୍ୟରେ ଆମର ଦ୍ୱିତୀୟ ଏମଏଲସି ଟ୍ରଫି ଜିତିବା ମୁମ୍ବାଇ ଇଣ୍ଡିଆନ୍ସର ଉତ୍ସାହ, ବିଶ୍ୱାସ ଏବଂ ଦଳଗତ ଉଦ୍ୟମର ବିଜୟ। ଆମେ ଆମର ସମସ୍ତ ପ୍ରଶଂସକ - ମୁମ୍ବାଇ ଇଣ୍ଡିଆନ୍ସ ପଲଟନ ପ୍ରତି କୃତଜ୍ଞ, ଯେଉଁମାନେ ସର୍ବଦା ଆମ ସହିତ ରହିଛନ୍ତି। ପ୍ରତ୍ୟେକ ଖେଳାଳି, ପ୍ରଶିକ୍ଷକ, ସମର୍ଥକ ଏବଂ ଆମର ବିଶ୍ୱବ୍ୟାପ୍ତ ମୁମ୍ବାଇ ଇଣ୍ଡିଆନ୍ସ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମୋର ଅଭିନନ୍ଦନ!' ବିଜୟ ପାଇଁ ଦଳକୁ ଅଭିନନ୍ଦନ ଜଣାଇ ଆକାଶ ଏମ. ଅମ୍ବାନୀ କହିଛନ୍ତି, 'ମୁମ୍ବାଇ ଇଣ୍ଡିଆନ୍ସରେ ଆମ ସମସ୍ତଙ୍କ ପାଇଁ ଏହା ଏକ ଗର୍ବର ମୁହୂର୍ତ୍ତ। ଏମଆଇ ନ୍ୟୁୟର୍କ ସେମାନଙ୍କର ଦ୍ୱିତୀୟ ଏମଏଲସି ଟାଇଟଲ ଜିତିବା, ଚଳିତ ବର୍ଷ ଭାରତ, ଦକ୍ଷିଣ ଆଫ୍ରିକା ଏବଂ ଆମେରିକାରେ ଟାଇଟଲର ହ୍ୟାଟ୍ରିକର ଅଂଶ ଭାବରେ ଅତ୍ୟନ୍ତ ସନ୍ତୋଷଜନକ। ଏହି ସଫଳତା ଆମ ଦଳର ବର୍ଷ ବର୍ଷର ବିଶ୍ୱାସ, ସଂସ୍କୃତି ଏବଂ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହି ମୁହୂର୍ତ୍ତକୁ ସମ୍ଭବ କରିଥିବା ଏମଆଇ ନ୍ୟୁୟର୍କର ପ୍ରତ୍ୟେକ ସଦସ୍ୟଙ୍କୁ ଅଭିନନ୍ଦନ।'

ମୁମ୍ବାଇ ଇଣ୍ଡିଆନ୍ସର ପାଞ୍ଚଟି ଦଳ ତିନୋଟି ମହାଦେଶ ଏବଂ ଚାରିଟି ଦେଶରେ ନିଜର ପ୍ରାଧାନ୍ୟ ବଜାୟ ରଖିଛନ୍ତି। ମୋଟ ୧୩ଟି ଚାମ୍ପିଅନସିପ୍ ଟାଇଟଲ୍ ସହିତ, ମୁମ୍ବାଇ ଇଣ୍ଡିଆନ୍ସ ବିଶ୍ୱସ୍ତରୀୟ ଟି-ଟ୍ୱେଣ୍ଟି ଲିଗ୍‌ରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ - ଯେଉଁଥିରେ ୫ଟି ଆଇପିଏଲ ଟାଇଟଲ୍, ୨ଟି ମହିଳା ପ୍ରିମିୟର ଲିଗ୍ (ଡବ୍ଲୁପିଏଲ) ଟାଇଟଲ୍, ୨ଟି ମେଜର୍ ଲିଗ୍ କ୍ରିକେଟ୍ ଟାଇଟଲ୍, ୨ଟି ଚାମ୍ପିଅନ୍ସ ଲିଗ୍ ଟି-ଟ୍ୱେଣ୍ଟି ଟାଇଟଲ୍ ଏବଂ ଆଇଏଲଟି ଟ୍ୱେଣ୍ଟି (ଏମଆଇ ଏମିରେଟସ, ୨୦୨୪) ଏବଂ ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି (ଏମଆଇ କେପ୍ ଟାଉନ୍, ୨୦୨୫) ରେ ଗୋଟିଏ ଲେଖାଏଁ ଟାଇଟଲ୍ ସାମିଲ ରହିଛି।

# ଚର୍ମର ସାମଗ୍ରିକ ସୁସ୍ଥତା କ୍ଷେତ୍ରରେ ଆଲମଣ୍ଡର ଗୁରୁତ୍ୱପୂର୍ଣ୍ଣ ଭୂମିକା

ଭୁବନେଶ୍ୱର,୧୪।୭ (ନି.ପ୍ର) : ଚଳିତବର୍ଷ ବିଶ୍ୱ ଚର୍ମ ସ୍ୱାସ୍ଥ୍ୟ ଦିବସରେ, 'ଚର୍ମ ସ୍ୱାସ୍ଥ୍ୟ ବିନା କୌଣସି ସ୍ୱାସ୍ଥ୍ୟ ନାହିଁ' ବିଷୟବସ୍ତୁ ସାମଗ୍ରିକ ସୁସ୍ଥତାରେ ଚର୍ମର ଭୂମିକାକୁ ଗୁରୁତ୍ୱ ଦେଉଛି। ଚର୍ମ ସ୍ୱାସ୍ଥ୍ୟ ଏବେ ପ୍ରତିଦିର ଆହାର ବିକଳ୍ପ ସହିତ ଆରମ୍ଭ ହେଉଛି। ଭିଟାମିନ ଇ ଓ ସୁସ୍ଥ ଚର୍ବିରେ ଭରପୂର କାଲିଫର୍ଣ୍ଣିଆ ଆଲମଣ୍ଡ ଭଳି ତ୍ୱଚା-ଅନୁକୂଳ ଖାଦ୍ୟକୁ ଆହାରରେ ସାମିଲ କରିବା ଦ୍ୱାରା ତାହା ତ୍ୱଚାର ସ୍ୱାସ୍ଥ୍ୟରେ ସହଯୋଗ କରିଥାଏ। କାଲିଫର୍ଣ୍ଣିଆ ଆଲମଣ୍ଡଗୁଡିକ ୧୫ଟି ଜରୁରୀ ପୋଷକତତ୍ତ୍ୱର ପାୱାର ହାଉସ ଅଟେ ଯାହା ତ୍ୱଚାର ଟେକ୍ସଚର ଓ ଟୋନ ଉନ୍ନତ କରିବାରେ ସାହାଯ୍ୟ



କରେ। ଏହାର ଭିଟାମିନ ଇ ଓ ସୁସ୍ଥ ଚର୍ବି ଭଳି ପୋଷଣତତ୍ତ୍ୱରେ ଆଂଟି-ଏଜିଂର ଗୁଣ ରହିଛି। ଅନେକ ଅଧ୍ୟୟନ ଦର୍ଶାଇଛି ଯେ, ନିୟମିତ ଆଲମଣ୍ଡ ଖାଇବା ଦ୍ୱାରା ମୁହଁରେ ରିଙ୍କିଲ୍‌ସ ବା କୁଂଚନ ହ୍ରାସ ହୋଇଥାଏ। ଏହାଛଡା ଏହା ୟୁଭିବି ରଶ୍ମୀ ବିରୋଧରେ ତ୍ୱଚାକୁ ସୁରକ୍ଷା ଦେଇଥାଏ। ଆଧୁନିକ ବିଜ୍ଞାନ ବ୍ୟତୀତ ଆୟୁର୍ବେଦ, ସିଦ୍ଧ ଓ ଉନାନି ଭଳି ପାରମ୍ପରିକ ପ୍ରଣାଳୀଗୁଡିକ ବହୁପୂର୍ବରୁ ଆଲମଣ୍ଡକୁ ଏହାର ତ୍ୱଚାର ଉପକାରିତା ପାଇଁ ସ୍ୱୀକୃତି ପ୍ରଦାନ କରିଛନ୍ତି।



# ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବ୍ରହ୍ମପୁର, (ମନ୍ଥନ ନ୍ୟୁଜ): ବ୍ରହ୍ମପୁର ଉପକଣ୍ଠ ସୁକୁଣ୍ଡା ଗ୍ରାମ ସ୍ଥିତ ହଜରେ ବ୍ରହ୍ମପୁର ସବୁଜ ବାହିନୀ ପକ୍ଷରୁ 'ବୃକ୍ଷ ହିଁ ଜୀବନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଶ୍ରୀ ସନ୍ନି ଖୋଖର ଏବଂ ବ୍ରହ୍ମପୁର ଏସ.ପି ଡଃ.ଶ୍ରବଣ ବିବେକ ଏମ ସଂଗଠନର ସଦସ୍ୟଙ୍କ ସହ ବୃକ୍ଷ ରୋପଣରେ ସାମିଲ ହୋଇଥିଲେ। ଅଶୋକ ଚାରା, ବାଉଁଶ ଏବଂ ବିଭିନ୍ନ ଫଳନ୍ତି ଚାରା ସହ ଶହେରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଥିଲା। ବ୍ରହ୍ମପୁର ନିକଟ ଜଙ୍ଗଲ ଚନ୍ଦନିଆ ପାହାଡ଼କୁ ସଂଯୋଗ କରୁଥିବା ସୁକୁଣ୍ଡା ହଜରେ ସଂଗଠନ ଦ୍ୱାରା ବିଗତ ପଞ୍ଚବର୍ଷ ମଧ୍ୟରେ ୧୫୦୦ ରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଚାରା ରୋପଣ ହୋଇଥିବା ବେଳେ ସେଗୁଡିକ ଉଚିତ ରକ୍ଷଣାବେକ୍ଷଣ ଯୋଗୁଁ ବର୍ତ୍ତମାନ ଏହି ଅଞ୍ଚଳ ଏକ କୃତ୍ରିମ ଜଙ୍ଗଲ ଭ୍ରମ ସୃଷ୍ଟି କରିପାରିଛି । ବର୍ତ୍ତମାନ ବର୍ଷାଦିନରେ ହଜରେ ଅତ୍ୟଧିକ ଜଳ ରହିବା ସହ ଏଠାରେ ଔଷଧ ଜାତୀୟ, ଫୁଲ, ଫଳନ୍ତି ଗଛ ରହିଥିବାରୁ ସ୍ଥାନୀୟ ଜଙ୍ଗଲରୁ ପଶୁ ପକ୍ଷୀ,କୀଟ ପୋତଙ୍ଗଙ୍କ ଆଶ୍ରୟ ସ୍ଥଳୀ ପାଲଟିଛି ଏହି ଅଞ୍ଚଳ। ଏହାକୁ ଦୃଷ୍ଟିରେ ରଖି ସଂଗଠନ ଦ୍ୱାରା ଏହି ହଜ ଚତୁଃପାର୍ଶ୍ୱକୁ ଜୈବ ବିଭିଧତା ପାର୍କ ଭାବେ ଗଢିବା ପାଇଁ ବନଖଣ୍ଡ ଅଧିକାରୀ ଶ୍ରୀ ଖୋଖରଙ୍କ ନିକଟରେ ପ୍ରସ୍ତାବ ରଖିଥିଲେ। ଶ୍ରୀ ଖୋଖର ଏହି ଅଞ୍ଚଳକୁ ପର୍ଯ୍ୟବେକ୍ଷଣ କରିବା ସହ ପ୍ରାରମ୍ଭିକ ଭାବେ ହର୍ବାଲ ପାର୍କ ଭାବେ ଗଢିବା ପାଇଁ ପରାମର୍ଶ ଦେଇଥିଲେ।




# କେନ୍ଦୁଝରର ସ୍କୁଲ ଅଫ୍ ଡ୍ରାମାର ନୂତନ ଫିଲ୍ମର ଶୁଭ ମହୁରୁତ, ଯୋଗଦେଲେ ବହୁ ବିଶିଷ୍ଟ ବ୍ୟକ୍ତି

କେନ୍ଦୁଝର, (ମନ୍ଥନ ନ୍ୟୁଜ): କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମା ଆନୁକୂଲ୍ୟରେ 'ମୋ ଭାଇ' ଏବଂ 'ହୁଣ୍ଡା' ନାମକ ଦୁଇଗୋଟି କ୍ଷୁଦ୍ର ଚଳଚ୍ଚିତ୍ରର ଶୁଭ ମହୁରୁତ ଆଜି କେନ୍ଦୁଝରର ପଞ୍ଚ ତାରକା ହୋଟେଲ ଶ୍ରୀ ଠାରେ ଅନୁଷ୍ଠିତ ହୋଇଥିଲା। କେନ୍ଦୁଝର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କେନ୍ଦୁଝରର ପ୍ରତିଭାଙ୍କୁ ସୁଯୋଗ ଦେବା କ୍ଷେତ୍ରରେ କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମାକୁ ଭୁୟସୀ ପ୍ରଶଂସା କରିଥିଲେ। କିଭଳି କେନ୍ଦୁଝରରୁ କଳାକାର ଯାଇ ରାଜ୍ୟ ତଥା ଦେଶରେ ନାମ କରିବେ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ଇତିହାସ ସୃଷ୍ଟିକାରୀ ଫିଲ୍ମ 'ବୋଉ ବୁଟୁ ଭୂତ'ର କାହାଣୀକାର ମହମ୍ମଦ ଇମ୍ରାନ ନିଜର ଫିଲ୍ମ ଅଭିଜ୍ଞତାକୁ ଉପସ୍ଥିତ ବ୍ୟକ୍ତି ବିଶେଷଙ୍କ ସହ ଆଦାନପ୍ରଦାନ କରିଥିଲେ। ବଡ଼ ପରଦାରେ କିଭଳି ସୁଯୋଗ ସୃଷ୍ଟି ହେବ, ସେ ବାବଦରେ କହିଥିଲେ। ମୁଖ୍ୟ ବକ୍ତା ଭାବରେ ସିଟିଜି ଫାଉଣ୍ଡେସନର ମୁଖ୍ୟ ରାଜେନ୍ଦ୍ର



ପଲେଇ ଯୁବ ସମାଜ ଚାହିଁଲେ କିଛି ବି ସମ୍ଭବ କରିପାରିବେ ବୋଲି ଉଲ୍ଲେଖ କରିଥିଲେ। ଅନୁଷ୍ଠାନକୁ ଆଗକୁ କିପରି ଅଧିକରୁ ଅଧିକ ପ୍ରସାରିତ କରାଯିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ବିଶିଷ୍ଟ କଥାକାର ତଥା ଅନ୍ତର୍ଜାତୀୟସ୍ତରେ ପ୍ରସିଦ୍ଧି ଲାଭ କରିଥିବା ଲେଖକ ସାଇ ଦୁର୍ଗାପ୍ରସାଦ କାର୍ଯ୍ୟକ୍ରମଟିରେ ସଭାପତିତ୍ୱ କରି ସ୍ଥାନୀୟ ପ୍ରତିଭାକୁ ନେଇ ସିନେମା ନିର୍ମାଣ ଓ ସଫଳତା ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟ ନିମନ୍ତ୍ରିତ ଅତିଥି ମାନଙ୍କ ମଧ୍ୟରେ ସମାଜସେବୀ ଶୁଭେନ୍ଦୁ ସାମଲ, ମାନସ ପଣ୍ଡା,ଅଭିନେତା ଚିତ୍ତରଞ୍ଜନ ବିଶ୍ୱାଳ, ଗୀତିକାର ସନ୍ତୋଷ ଚାଟାର୍ଜୀ ଏବଂ ଅଭିନେତା ଚିତ୍ତରଞ୍ଜନ ବିଶ୍ୱାଳ କେନ୍ଦୁଝର ସ୍କୁଲ ଅଫ୍ ଡ୍ରାମାର ପ୍ରଶଂସା ଭବିଷ୍ୟତରେ ଅନୁଷ୍ଠାନ ସହ ଯୋଡ଼ି ରହି ସମସ୍ତ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନୁଷ୍ଠାନର ସଚିବ ଶ୍ରୀମତୀ ପୁଷ୍ପଲତା ସାହୁ ମଙ୍ଗରାଜ ସ୍ୱାଗତ ଅଭିଭାଷଣ ଦେବା ସହ ମଞ୍ଚପରିଚାଳନାରେ ଯାଜ୍ଞସେନୀ ସ୍ୱାଇଁ ଏବଂ ମନଶ୍ୱେତା ମିଶ୍ରଙ୍କୁ ସହଯୋଗ କରିଥିଲେ। ଅତିଥିମାନେ ଆଗାମୀ ଚଳଚ୍ଚିତ୍ର ମୋ ଭାଇ ଓ ହୁଣ୍ଡାର ପ୍ରଥମ ଝଲକକୁ ଅନାବରଣ କରିଥିଲେ। ଅନୁଷ୍ଠାନ ତରଫରୁ ଅତିଥୀ ମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇଥିଲା। ଚଳଚ୍ଚିତ୍ର 'ଡାକ୍ତର ଫେରିଛି' ରେ ଅଭିନୟ କରିଥିବା କଳାକାର ଓ ଜିଲ୍ଲାର ସିନେ ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପରିଶେଷରେ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ରାଜେଶ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷ୍ଣପ୍ରସାଦରେ ଝାଡ଼ା ବାନ୍ତି ରୋଗ ବ୍ୟାପିଲା

କକୃଷ୍ଣପ୍ରସାଦ, (ମନ୍ଥନ): କିଛି ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଝାଡ଼ା ବାନ୍ତି ରୋଗ ସ୍ୱାସ୍ଥ୍ୟ ବିଭାଗର ନିଦ ହଜାଇଥିବା ବେଳେ ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପିବାରେ ଲାଗିଛି ଝାଡ଼ା ବାନ୍ତି । କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ଆଜକୁ ୧ ମାସ ଧରି ଝାଡ଼ା ବାନ୍ତି ରୋଗ ବ୍ୟାପିବାରେ ଲାଗିଛି । ଶହେରୁ ଉର୍ଦ୍ଧ କେବଳ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ହୋଇଯାଇଥିବା ବେଳେ ୩୦ ରୁ ଉର୍ଦ୍ଧ ଗୁରୁତର ମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତରିତ କରାଯାଇଥିବା ଡାକ୍ତରଙ୍କ ଠାରୁ ପ୍ରକାଶ । ଝାଡ଼ା ବାନ୍ତି ରୋଗ ଏତେ ମାତ୍ରାରେ ବୃଦ୍ଧି ପାଇବାରେ ଲାଗିଛିଯେ ମେଡିକାଲରେ ବେଡ଼ ଅଭାବରୁ ବାରଣ୍ଡାରେ ଚିକିତ୍ସିତ ହେଉଥିବା ଜଣାଯାଇଛି । ଦିନ ରାତି ରୋଗୀ ମାନଙ୍କର ଡାକ୍ତରଖାନାରେ ଭିଡ଼ ଜମିବାରେ ଲାଗିଛି । ୧୩ ତାରିଖ ଦିନ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ ରୁ ଉର୍ଦ୍ଧ ଝାଡ଼ା ବାନ୍ତି ରୋଗୀ ଚିକିତ୍ସିତ ହେଉଥିବା ଡାକ୍ତର ସୁଜ୍ଞାନୀ ମହାରଣା ପ୍ରକାଶ କରିଛନ୍ତି । ବେଳକୁ ବେଳ ରୋଗ ଗୋଟିଏ ଗ୍ରାମରୁ ଅନ୍ୟ ଗ୍ରାମକୁ ବ୍ୟାପିବାକୁ ଲାଗି ଥିବା ବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଟିମ ଏଯାଏ ପହଁଚି ନଥିବା ଜଣାପଡିଛି । ଝାଡ଼ା ବାନ୍ତି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ସରକାରଙ୍କ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିବା ବେଳେ ଜିଲ୍ଲା ପ୍ରଶାସନ ଚେଇଁ ଶୋଇଥିବା ଜଣାଯାଇଛି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସ୍ୱତନ୍ତ୍ର ଡାକ୍ତରୀ ଦଳ ପହଁଚି ଏହି ରୋଗକୁ ନିୟନ୍ତ୍ରଣ ନକଲେ ସମ୍ପୂର୍ଣ୍ଣ ବ୍ଲକ ଝାଡ଼ା ବାନ୍ତି ରୋଗରେ ଆକ୍ରାନ୍ତ ହେବା ସହ ରୋଗୀ ମୃତ୍ୟୁ ବରଣ କରିବା ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନନେଲେ ଅବସ୍ଥା ଗମ୍ଭୀର ହେବା ଜଣାପଡିଛି ।



## ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣା

# ଏଆଇଡିଏସ୍‌ଓର ବିକ୍ଷୋଭ

ବ୍ରହ୍ମପୁର, (ମନ୍ଥନ ନ୍ୟୁଜ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ ଦାବିରେ କମାପଲ୍ଲୀ ଛକ ଠାରେ ଏ ଆଇ ଡି ଏସ୍ ଓ ଗଂଜାମ ଜିଲ୍ଲା କମିଟି ପକ୍ଷରୁ ବିକ୍ଷୋଭ ଅନୁଷ୍ଠିତ ହେବା ସହ ଆରକ୍ଷୀ ଅଧୀକ୍ଷକ, ବ୍ରହ୍ମପୁରଙ୍କ ଜରିଆରେ ଏକ ଦାବିପତ୍ର ପୋଲିସ ମହାନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ସୂଚନା ଥାଉକି, ଗତ ଶନିବାର ବାଲେଶ୍ୱର ଫକୀର ମୋହନ କଲେଜରେ ଶିକ୍ଷା ବିଭାଗର ଜନୈକ ଛାତ୍ରୀ ଯେଭଳି ଭାବରେ କଲେଜ କର୍ତ୍ତୃପକ୍ଷ ବିଶେଷ କରି ବିଭାଗୀୟ ମୁଖ୍ୟଙ୍କ ଦ୍ୱାରା ବିଭିନ୍ନ ଭାବେ ନିର୍ଯ୍ୟାତିତ ହେବା ପରେ ମଧ୍ୟ ଅଭିଯୋଗକୁ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନ ଗୁରୁତ୍ୱ ନଦେବାରୁ ଆତ୍ମାହୁତି ଉଦ୍ୟମ କରିବା ଘଟଣା ଶୁଭବୁଦ୍ଧି ସମ୍ପନ୍ନ ଜନଗଣଙ୍କ ହୃଦୟତନ୍ତ୍ରୀକୁ ଦୋହଲାଇ ଦେଇଛି। ଏହି ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତ ଦୋଷୀ ମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଏବଂ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ସହ ମଦ ମାଦକ ଦ୍ରବ୍ୟ ଓ ଅଶ୍ଳିଳତା ନଗ୍ନତାର ପ୍ରଚାର ପ୍ରସାର ବନ୍ଦ କରିବା ଦାବି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଏ ଆଇ ଡି ଏସ୍ ଓ ଗଂଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ,ଜିଲ୍ଲା ସମ୍ପାଦକ ନାରାୟଣ ସାହୁ, ଉପସଭାପତି ପପୁନ ସାହୁଙ୍କ ସହ କିସାନ କୁମାର ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ବାମିଆ ଉଗ୍ରାସାଣ୍ଡି ଆଦି ଉପସ୍ଥିତ ଥିଲେ।




# ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରୁ ପୃଥକ ଦାବିରେ ସୁରକ୍ଷା ମଞ୍ଚ

କେନ୍ଦୁଝର, (ମନ୍ଥନ ନ୍ୟୁଜ): ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରୁଣା ଐତିହ୍ୟ, ଅସ୍ମିତା ଓ ଭାବାବେଗର ପ୍ରତୀକ ସର୍ବ ତଥା ପୁରାତନ ସରକାରୀ ମହାବିଦ୍ୟାଳୟର ସ୍ୱତନ୍ତ୍ରତା ଓ ଗୌରବ ବଜାୟ ରଖିବା ପାଇଁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟକୁ ଧରଣୀଧର ବିଶ୍ୱ ବିଦ୍ୟାଳୟରୁ ପୃଥକ କରି ଏହାର ପୂର୍ବ ସ୍ୱୟଂ ଶାସିତ ସ୍ଥିତିକୁ ଫେରାଇ ଆଣିବା ପାଇଁ ଆଜି କେନ୍ଦୁଝର ଶହୀଦ ସଦନ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଧରଣୀଧର ସ୍ୱୟମାଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଦାବି କରା ଯାଇଛି। କେନ୍ଦୁଝର ସୁଲେଇଖମାରରେ ଥିବା ଧରଣୀଧର ବିଶ୍ୱବିଦ୍ୟାଳୟର ସାଉଥକ୍ୟାମ୍ପସରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅଫିସ୍ ଓ ସମସ୍ତ କ୍ଲାସକୁ ସଂପୂର୍ଣ୍ଣ ସ୍ଥାନାନ୍ତରିତ କରାଯାଇ ଜାତୀୟ ସ୍ତରୀୟ ବିଶ୍ୱ ବିଦ୍ୟାଳୟରେ ପରିଣତ କରାଯିବା ପାଇଁ ଦାବି କରିଛି ସୁରକ୍ଷା ମଞ୍ଚ। ଏଥି ସହିତ ବର୍ତ୍ତମାନ ବିଶ୍ୱ ବିଦ୍ୟାଳୟରେ ଓଏସଡି ଭାବେ କାର୍ଯ୍ୟରତ ପ୍ରଫେସର ପ୍ରତାପ ମହାନ୍ତିଙ୍କ କାର୍ଯ୍ୟ କାଳ ଆଗାମୀ ଅଗଷ୍ଟ ୬ତାରିଖ ରେ ସମାପ୍ତ ହେବାକୁ ଯାଉଥିବା ବେଳେ ସେ ଚାପ ପକେଇ ପୁଣି ଏଠାରେ ପୁନଃ ଅବସ୍ଥାପିତ ହେବା ପାଇଁ ଭିତିରି ଉଦ୍ୟମ ଆରମ୍ଭ କରିଥିବା ଅଭିଯୋଗ ହେଉଛି। ତାଙ୍କ କାର୍ଯ୍ୟ କାଳ ଆଉ ବୃଦ୍ଧି କରା ନଯିବା ପାଇଁ ମଞ୍ଚ ସରକାରଙ୍କ ନିକଟରେ ଦାବି ଜଣାଇଛି। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନ୍ତଃ ବିଶ୍ୱବିଦ୍ୟାଳୟ କ୍ରୀଡା ପ୍ରତିଯୋଗିତା ପାଇଁ ପର୍ଯ୍ୟାପ୍ତ ଭିତ୍ତିଭୂମି ନ ଥାଇ ସୁଦ୍ଧା ଆୟୋଜନ କରାଯାଇ ଏକ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ବ୍ୟୟ ପରିଚାଳନାରେ ବହୁ ବିଶୃଙ୍ଖଳା ଓ ଅବ୍ୟବସ୍ଥା ହୋଇଥିବାରୁ ଏହି କ୍ରୀଡା ପ୍ରତିଯୋଗିତାରେ ଭାଗ




ନେଇଥିବା ଖେଳାଳି ମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ପରିବର୍ତ୍ତ ? ଅନ୍ତଃ ମହାବିଦ୍ୟାଳୟ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ କେନ୍ଦୁଝର ଜିଲ୍ଲାର ଛାତ୍ରଛାତ୍ରୀଙ୍କ ଖେଳ ପ୍ରତିଭାର ବିକାଶ ହୋଇ ପରିଥାନ୍ତା ବୋଲି ମଞ୍ଚ ପ୍ରକାଶ କରିଛି। ଏହି କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ବିଶ୍ୱବିଦ୍ୟାଳୟର ପିଏସଓଙ୍କ ଠାରୁ ଦାୟିତ୍ୱ ଛଡ଼ାଇ ଅବସର ପ୍ରାପ୍ତ ତୃତୀୟ ଶ୍ରେଣୀ କର୍ମଚାରୀଙ୍କ ମାଧ୍ୟମରେ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇଥିବା ସହ ଅର୍ଥଆତ୍ମସାତ ହୋଇଥିବା ଅଭିଯୋଗ କରିଛି ମଞ୍ଚ। ବିଶ୍ୱବିଦ୍ୟାଳୟରେ ନିୟୋଜିତ ହୋଇଥିବା ଜିଲାର ୨୪ ଜଣ ଅତିଥୁ ଅଧ୍ୟାପକଙ୍କୁ କାହା ସ୍ୱାର୍ଥରେ ବହିଷ୍କାର କରାଯାଇ ତାଙ୍କ ସ୍ଥାନରେ କଟକ ଜିଲ୍ଲାର ଏକ ନିରଦ୍ଦିଷ୍ଟ କୋଚିଂ ସେଣ୍ଟରର ଅତିଥୁ ଅଧ୍ୟାପକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମଞ୍ଚ ପ୍ରଶ୍ନ ଉଠିଛି। ଏହି ନିଯୁକ୍ତିରେ ବିପୁଳ ଅର୍ଥ କାରବାର ହୋଇଛି ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାଉଥିବା ମଞ୍ଚ କହିଛି। ଧରଣୀଧର ବିଶ୍ୱବିଦ୍ୟାଳୟ ଓଏସଡିଙ୍କ ଦ୍ୱାରା ହୋଇଥିବା ଆର୍ଥିକ ଅନିୟମିତତା ଓ ଆଇନ୍ ବହିର୍ଭୂତ କାର୍ଯ୍ୟକୁ ବିରୋଧ କରିଥିବା ତଥା ସାଧୁତା, ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରୁଥିବା ବିଶ୍ୱ ବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ଦୁଃଖବନ୍ଧୁ ନାୟକଙ୍କୁ ଯୋଜନାବଦ୍ଧ ଭାବେ ବଦଳି କରାଯାଇଥିବା ଓଏସଡି ଶ୍ରୀମହାନ୍ତିଙ୍କ ବିରୋଧରେ ଅଭିଯୋଗ କରିଛି ମଞ୍ଚ। ତାଙ୍କ ସ୍ଥାନରେ ବିଶ୍ୱ ବିଦ୍ୟାଳୟରେ ଅଭିଜ୍ଞ ଓ ବରିଷ୍ଠ ଅଧ୍ୟାପକ ଥାଉ ଥାଉ ବାଣିଜ୍ୟ ପାଠ ପଢ଼ାଉଥିବା ଜଣେ କନିଷ୍ଠ ଅନଭିଜ୍ଞ ଅଧ୍ୟାପକଙ୍କୁ ରେଜିଷ୍ଟ୍ରାର ଭାବେ ଦାୟିତ୍ୱ ଦିଆଯାଇ ଓଏସଡି ପ୍ରଫେସର ମହାନ୍ତି ସମସ୍ତ ଅର୍ଥନୈତିକ ଦୂର୍ନୀତିକୁ ଅନୁମୋଦନ କରାଉଥିବା ଚର୍ଚ୍ଚା ହେଉଛି। ବାରିପଦା ସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ରେ ଭୂତତ୍ୱ ବିଭାଗ ରେ ପିଜି କାଉନସିଲ ଭାବେ ନିଯୁକ୍ତ କାର୍ଯରତ ପ୍ରଫେସର ଙ୍କୁ ଧରଣୀଧର ବିଶ୍ୱ ବିଦ୍ୟାଳୟ ର ଅଧ୍ୟକ୍ଷ ପଦ ଓଏସଡି ଶ୍ରୀ ମହାନ୍ତି ନୀତିନିୟମ ବହିର୍ଭୁତ ନିଜ ଇଛା ଅନୁସାରେ କରିଥିବା କହିଛି ମଞ୍ଚ। ଏଥିପାଇଁ ବିଶ୍ୱବିଦ୍ୟାଳୟରେ ଶିକ୍ଷା ଦାନ ମାନ ହ୍ରାସ ପାଇଥିବା ଅଭିଯୋଗ ହେଉଛି। ନବଗଠିତ ଏକାଡେମୀକ କାଉନସିଲ ଓ ସିଣ୍ଡିକେଟରେ କେନ୍ଦୁଝର ଜିଲ୍ଲାର ବିଶିଷ୍ଟ ପ୍ରତିଷ୍ଠିତ ଶିକ୍ଷାବିତଙ୍କୁ ଅଣଦେଖା କରି ବାହାର ଜିଲ୍ଲାର ଶିଳ୍ପପତି ଓ ଶିକ୍ଷାବିତଙ୍କୁ କାହା ସ୍ୱାର୍ଥରେ ରେ ମନୋନୀତ କରାଯାଇଛି ବୋଲି ମଞ୍ଚ ପ୍ରଶ୍ନ କରିଛି। ଏ ସବୁ ଦାବୀ ପୂରଣ ନ ହେଲେ ଜିଲ୍ଲାସାରା ବ୍ୟାପକ ଆନ୍ଦୋଳନ ଆରମ୍ଭ କରାହେବ ବୋଲି ସାମ୍ବାଦିକ ସମ୍ମିଳନୀ ମଧ୍ୟମରେ ସୁରକ୍ଷାମଞ୍ଚ ଜଣାଇଛି।ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ପକ୍ଷରୁ ଶ୍ରୀ ଭରତ ଚନ୍ଦ୍ର ପାତ୍ର, ଚକ୍ରଧର ସାହୁ, ଅଧିବକ୍ତା ଅଶୋକ କୁମାର ଦାଶ, ପ୍ରାକ୍ତନ ପ୍ରାଧ୍ୟାପକ ସୁଧା ଦାଶ, ବିପିନ ବିହାରୀ ମହାପାତ୍ର, କ୍ଷୀରୋଦ ଚନ୍ଦ୍ର ମିଶ୍ର, ଅବସରପ୍ରାପ୍ତ ଯନ୍ତ୍ରୀ ଲାଲ ମୋହନ ରାଉତ, ରାମ ନାରାୟଣ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଅଗାମି ଦିନରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ଯଶ ଅକ୍ଷୁର୍ଣ୍ଣ ରଖିବା ପାଇଁ ମଞ୍ଚ ପ୍ରତିଶ୍ରୁତିବଦ୍ଧ ବୋଲି ସମସ୍ତେ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ।

# ବିଭାଗୀୟ ଅଧିକାରୀଙ୍କ ଛତ୍ର ଛାୟାରେ ନକଲି ଶିକ୍ଷକ

କୃଷ୍ଣପ୍ରସାଦ, (ମନ୍ଥନ ନ୍ୟୁଜ): ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧୀନରେ ଶତାଧିକ ନକଲି ଶିକ୍ଷକ କାର୍ଯ୍ୟ କରୁଛନ୍ତି। ଏହି ଶିକ୍ଷକ ମାନେ ବିଭାଗୀୟ ଅଧିକାରୀଙ୍କ ଛତ୍ର ଛାୟା ତଳେ ନିର୍ଭୟ ରେ ଅଛନ୍ତି। ପ୍ରତିବର୍ଷ ଜିଲ୍ଲା ଶିକ୍ଷା ବିଭାଗ, ଜିଲ୍ଲାପାଳ ଙ୍କ ନିକଟ ରୁ ନକଲି ଶିକ୍ଷକ ଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଆସିଥାଏ। ଆରମ୍ଭ ହୁଏ ଧରପଗଡ଼, ହେଲେ ମାଲାମାଲ ହୁଅନ୍ତି ବିଭାଗୀୟ କର୍ମଚାରୀ। ଗଳିଆ ବାଟ ଦେଖାଇ ସେମାନଙ୍କୁ ରକ୍ଷା କରିଦିଅନ୍ତି। ଅନ୍ୟ ପକ୍ଷରେ ଶୁଣିବାକୁ ମିଳେ ନକଲି ଶିକ୍ଷକ ମାନେ ଏକ ଗୁପ୍ତ ସଂଘ କରିଛନ୍ତି। ଏଭଳି ଅଭିଯୋଗ ଆସିଲେ ସେମାନେ ଏକତ୍ରିତ ହୋଇ ମୋଟା ଅଙ୍କ ଦେଇ ବିପଦ କୁ ସହଜରେ ଏଡାଇ ଦେଇଥାନ୍ତି। ଯାହାଦ୍ୱାରା ଶିକ୍ଷାର୍ଥୀ ମାନେ ଉଚ୍ଚ ମାନର ଶିକ୍ଷା ରୁ ବଞ୍ଚିତ ହେଉଛନ୍ତି। କିଛି ସାମାଜିକ କର୍ମୀ ବାରମ୍ବାର ଆର ଟି ଆଇ ରେ ମାଗି ନକଲି ପ୍ରମାଣପତ୍ର ରେ ଚାକିରୀ କରିଥିବା ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲାପାଳ, ଭିଜିଲାନ୍ସ ରେ ଅଭିଯୋଗ କରିଥିଲେ ମଧ୍ୟ କିଛି ଫଳ ପ୍ରଦ ହେଲାନାହିଁ। ବାଧ୍ୟ ହୋଇ ଶେଷ ରେ ଏକ 'ସ୍ଥାୟୀ ବିକାଶ ଲକ୍ଷ୍ୟ ' ସଂସ୍ଥା ମାଧ୍ୟମରେ ଏନେଇ ହାଇକୋର୍ଟ ରେ ଅପିଲ କରିଥିଲେ। ପୁରୀଜିଲା କୃଷ୍ଣପ୍ରସାଦ ବ୍ଲକ ର ବୁଦ୍ଧିବର ଡ଼ିଆକୁଦା ହାଇସ୍କୁଲ ରେ କାର୍ଯ୍ୟ ରତ ଥିବା ଶିକ୍ଷକ ସଚ୍ଚିଦାନନ୍ଦ ଜେନା ନକଲି ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଅଭିଯୋଗରେ ହାଇକୋର୍ଟ କରାଯାଇଥିଲା। ତେବେ ବିଚାର କରି ହାଇକୋର୍ଟ ସଚ୍ଚିଦାନନ୍ଦ ଜେନାଙ୍କ ସମସ୍ତ କାଗଜପତ୍ର ଯାଞ୍ଚ ପାଇଁ କମିସନର ମାସ ଏଜୁକେଶନ ଓଡିଶା, ନିର୍ଦ୍ଦେଶକ ଭିଜିଲାନ୍ସ, ଜିଲ୍ଲାପାଳ ପୁରୀ, ଆରକ୍ଷୀ ଅଧିକ୍ଷକ ପୁରୀ, ଜିଲ୍ଲା ଶିକ୍ଷାଧିକାରୀ ପୁରୀ, ବ୍ଲକ ଶିକ୍ଷାଧିକାରୀ କୃଷ୍ଣପ୍ରସାଦ, ପ୍ରଧାନଶିକ୍ଷକ ବୁଦ୍ଧିବର ଡ଼ିଆକୁଦା ହାଇସ୍କୁଲ କୃଷ୍ଣପ୍ରସାଦ କୁ ହାଜର ହୋଇ ମତ ରଖିବା ପାଇଁ ହାଇକୋର୍ଟ ରୁ ଆଦେଶ ହୋଇଥିବା ଜଣାଯାଇଛି। ହାଇକୋର୍ଟ ର ଏଭଳି ଆଦେଶ ଶୁଣି ଅନ୍ୟ ନକଲି ଶିକ୍ଷକ ମାନେ ଛାନିଆ ହୋଇ ଥିବା ଜଣାଯାଇଛି।

# ପ୍ରଥମ ପାଳି ଜଳାଭିଷେକ ପାଇଁ ଋଷିକୁଲ୍ୟା ନଦୀ ଘଟରେ କାଉଡ଼ିଆଙ୍କ ଭିଡ଼

ଗଞ୍ଜାମ, (ମନ୍ଥନ ନ୍ୟୁଜ): ପବିତ୍ର ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳାଭିଶେଖ କଲେ ପୁଣ୍ୟ ପ୍ରାପ୍ତି ହୋଇଥାଏ ବୋଲି ଲୋକଙ୍କ ବିଶ୍ୱାସ ରହିଛି କ୍ଷ ଯାହାକୁନେଇ ଗଞ୍ଜାମ ସହର ନିକଟସ୍ଥ ଦାମୋଦରପୁର ପୁଣ୍ୟତୋୟା ଋଷିକୁଲ୍ୟା ନଦିଘାଟ ରେ ରବିବାର ହଜାର ହଜାର ସଂଖ୍ୟାରେ ବୋଲବମ ଭକ୍ତ ମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ମାନସିକ ଧାରୀ ମାନେ ନୂତନ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ ନଦୀ ଜଳ ସଂଗ୍ରହ କରି ବାଲୁକା ରାଶିରେ ଶିବଲିଙ୍ଗ ସ୍ଥାପନ କରିବା ସହ ପରମ୍ପାରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିବା ପରେ ନିକଟସ୍ଥ ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଥିଲେ। ପରେ ବାହୁଙ୍ଗି ସାହାଯ୍ୟରେ ଜଳ ପାତ୍ର କାନ୍ଧ ରେ ଧାରଣ କରି ବିଭିନ୍ନ ଶୈବପୀଠ ଅଭିମୁଖେ ପ୍ରସ୍ଥାନ କରିଥିଲେ। କାଉଡ଼ିଆ ମାନଙ୍କ ଦେବ ଦେବ ମହାଦେବଙ୍କ ସମ୍ପର୍କିତ ମୂଖ ନିଃସୃତ ବାଣୀ ଓ ଡାକବାଜି ଯନ୍ତ୍ରରେ ମହାଦେବ ସମ୍ବନ୍ଧୀୟ ସଂଗୀତର ତାଳେ ତାଳେ ପାଦ ପକାଇ ଆଗକୁ ଦଳ ଦଳ ହୋଇ ମାଡିଯିବା ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଅନ୍ୟପଟେ ଦାମୋଦରପୁର ନିକଟରେ ଅସ୍ଥାୟୀ ଦୋକାନ ମାନ ପଡିଥିବା ଲକ୍ଷ କରାଯାଇଥିଲା କ୍ଷ ବାବା ଆଖଣ୍ଡଳମଣି ବୋଲବମ ପରିଚାଳନା କମିଟି ପକ୍ଷରୁ ଭକ୍ତ ମାନଙ୍କ ପାଇଁ ସମସ୍ତ ସୁବ୍ୟବସ୍ଥା କରାଯାଇଥିଲା। ସେହିପରି ଗଞ୍ଜାମ ବ୍ଲକ ଅନ୍ତର୍ଗତ କଲ୍ୟାଣପୁର ଗ୍ରାମ ରାମେଶ୍ୱର ମନ୍ଦିର ନିକଟ ଋଷିକୁଲ୍ୟା ନଦୀ ଘାଟରେ ମଧ୍ୟ କାଉଡ଼ିଆ ମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।



# ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଆଲୋଚନା

ଗଞ୍ଜାମ: ଗଞ୍ଜାମ ବଡ଼ ବଜାର ଠାରେ ଅବସ୍ଥିତ ବହୁ ପୁରାତନ ଜଗନ୍ନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ମନ୍ଥର ନେଇ ସହର ବାସୀଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି କ୍ଷ ଏନେଇ ସହରବାସୀଙ୍କ ପକ୍ଷରୁ ରବିବାର ଓଡ଼ିଆ ଢ଼ାମଣା ସାହି ସ୍ଥିତ ଶ୍ରୀ ରାମେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ କୃଷ୍ଣ ବେହେରା ସଭାପତିତ୍ୱ କରିଥିଲେ କ୍ଷ ପୂର୍ବତନ ଗୋପାଳପୁର ପୋର୍ଟ ନିଁର୍ଧେଶକ ମନମୋହନ ମହାରଣକ୍ଷ ,ଆଇନଜୀବୀ ଦିଲ୍ଲୀପ କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଲିଙ୍ଗରାଜ ପଟ୍ଟନାୟକ,ଭିକାରି ବେହେରା, ଯୁଧିଷ୍ଠିର ମହାନ୍ତି, ଡ଼ି କେ ରାଓ, ସୁଦାମ ଚରଣ ଜେନା, ପୂର୍ଣ୍ଣ ପାଣିଗ୍ରାହୀ, ସୁଧୀର କୁମାର ପାଢ଼ୀ, ପ୍ରଣବ ପ୍ରଧାନ, ପ୍ରଭାତ କୁମାର ସାହୁ, ଏସ. ଭୀମା ରେଡି,ବଟକୃଷ୍ଣ ରାଉଳ, ପ୍ରଭାତ ବିଶ୍ୱାଳ,ପ୍ରମୁଖଙ୍କ ସହ ବହୁ ସଂଖ୍ୟାରେ ଅଞ୍ଚଳ ବାସୀ ଉପସ୍ଥିତ ଥିଲେ କ୍ଷ ଦୁଇ ବର୍ଷରୁ ଉର୍ଦ୍ଧ ହେବ ମନ୍ଦିର ଭଙ୍ଗା ଯାଇଥିଲେ ମଧ୍ୟ କେଉଁ କାରଣ ଯୋଗୁଁ ନିର୍ମାଣରେ ବିଳମ୍ବ ହେଉଛି ତାହା ଆଲୋଚନା ହୋଇଥିଲା କ୍ଷ ଏଥିପାଇଁ ଉପସ୍ଥିତ ପାଞ୍ଚ ଜଣ ବରିଷ୍ଠ ବ୍ୟକ୍ତି ପୂର୍ବ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସହ କଥାବାର୍ତ୍ତା କରି ନିର୍ମାଣ କାର୍ଯ୍ୟ ଆଗକୁ ବଢାଇବା ଲାଗି ନିଷ୍ପତି ନିଆଯାଇଥିଲା କ୍ଷ ଅନ୍ୟାନ୍ୟ ଯୁବ ଗୋଷ୍ଠି ମନ୍ଦିର ନିର୍ମାଣ କାର୍ଯ୍ୟରେ ସହଯୋଗ କରିବେ ବୋଲି ମତ ବ୍ୟକ୍ତ କରିଥିଲେ।



# ରଘୁନାଥପୁର କ୍ଲବ ଲିଓ ମାଲିକଙ୍କ ଚାଞ୍ଚଲ୍ୟକର ଘଟଣାର ପର୍ଦ୍ଦାଫାଶ

ଭୁବନେଶ୍ୱର: ନନ୍ଦନକାନନ ଥାନା ଅଧିନସ୍ଥ ରଘୁନାଥପୁର କ୍ଲବ ଲିଓର ମାଲିକ ରଘୁନାଥ ସାହୁଙ୍କ ଚାଞ୍ଚଲ୍ୟକର ଘଟଣା ସୁଣିଲେ, ଆପଣ ମାନେ ଚକିତ ହୋଇଯିବେ। ଷଡଯନ୍ତ୍ର କରି ଶିକାର କରିଥିଲେ, ମୁମ୍ବାଇର ଜଣେ କର୍ମରତ ଯୁବତୀଙ୍କୁ। ଆସନ୍ତୁ ଜାଣିବା ସମ୍ପୂର୍ଣ୍ଣ ବିବରଣୀର କିଭଳି ପରଦ୍ଧାଫାଶ ହୋଇଛି। ମୁମ୍ବାଇର ଜଣେ ଯୁବତୀଙ୍କୁ ଅସଦାଚରଣ କରିଥିବା ତିନିଜଣ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ କାରିଣୀ ଅଭିଯୋଗ କରିଥିଲେ ନନ୍ଦନକାନନ ଥାନାରେ। ନନ୍ଦନକାନନ ଥାନାଧିକାରୀ ସମସ୍ତ ବୃତ୍ତାନ୍ତ ଜାଣିବା ପରେ, ମାମଲା ରୁଜୁକରି ତଦନ୍ତ କରିବା ସହ ନିମ୍ନୋକ୍ତ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଅଭିଯୋଗ କାରିଣୀ ମୁମ୍ବାଇସ୍ଥିତ ଏକ କର୍ପୋରେଟ ଆକ୍‌ସେଞ୍ଚରରେ ଏଚ୍‌ଆର ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ତାଙ୍କୁ ଗତ ୧୧ ତାରିଖ ଦିନ ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ସ୍ଥିତ କ୍ଲବ ଲିଓ ତରଫରୁ ଏକ ଡିଜେଇଂ ଇଭେଣ୍ଟକୁ ଆସିବା ପାଇଁ ୨୨,୦୦୦ ଟଙ୍କାରେ କଥା ହୋଇଥିଲା। କ୍ଲବ ଲିଓର ମାଲିକ ତଥା ଅଭିଯୁକ୍ତ ରଘୁନାଥ ସାହୁ ବିମାନ ଟିକେଟ୍ ପାଇଁ ଆଗ୍ରିମ ୧୪,୦୦୦ ଟଙ୍କା ତାଙ୍କୁ ଗୁଗୁଲ-ପେ ଜରିଆରେ ମଧ୍ୟ ପଠେଇଥିଲେ। ୧୧ ତାରିଖରେ ସେ ଇଣ୍ଡିଗୋ ଫ୍ଲାଇଟ୍ ଯୋଗେ ଭୁବନେଶ୍ୱର ଆସି କ୍ଲବ ଲିଓରେ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରେ ଯୁବତୀ ଜଣକ ତାଙ୍କ ପାଇଁ ରୁମ ବୁକ୍ କରାଯାଇଥିବା ର୍ପଲ ଲିଫ୍, ନାମକ ଏକ ହୋଟେଲରେ ସେ ରହିଥିଲେ। ସେ ସେଠାରେ ପହଞ୍ଚିବା ପରେ, ଜାଣିବାକୁ ପାଇଥିଲେ ଯେ, ଲିଓ କ୍ଲବର ମାଲିକ ରଘୁନାଥ ସାହୁଙ୍କ ପାଇଁ ସେହି ହୋଟେଲରେ ତାଙ୍କ ରୁମର ଠିକ୍ ସାମ୍ନାରେ ଥିବା ରୁମକୁ ବୁକ୍ କରାଯାଇଛି। କିଛି ସମୟ ପରେ ସ୍ୱେତା ନାମକ ଅନ୍ୟ ଜଣେ ଅଭିଯୁକ୍ତ ତାଙ୍କୁ ମାଲିକଙ୍କ ସହ ରାତ୍ରୀ ଭୋଜନ ଲାଗି ନିମନ୍ତ୍ରଣ କରିଥିଲେ। ଯେତେବେଳେ ସେ ରଘୁନାଥ ସାହୁଙ୍କର ରୁମକୁ ରାତ୍ରୀଭୋଜନ ପାଇଁ ଗଲେ, ସେଠାରେ ରଘୁନାଥ ସାହୁ ଏବଂ ତାଙ୍କ ସହଯୋଗୀମାନଙ୍କ ସହିତ ସେହି ରୁମ୍ ରେ ଥିଲେ। ସେମାନେ ହେଲେ, ଶ୍ୱେତା, ଆନନ୍ଦ, ରୋହିତ, ମୁନା ଏବଂ ଅନ୍ୟ ଜଣେ ବ୍ୟକ୍ତି ମଦ୍ୟପାନ ସହିତ ସିଗାରେଟ୍ ପିଉଥିବା ଦେଖିଥିଲେ। ସେ ବିବ୍ରତ ହୋଇ ନିଜ ରୁମରୁ ଚାଲି ଆସିବା ଲାଗି ପ୍ରୟାସ କରିବା ବେଳେ, ଅଭିଯୁକ୍ତ ସ୍ୱେତା ତାଙ୍କୁ ଅଟକାଇଥିଲେ ଏବଂ ରଘୁନାଥ ସାହୁଙ୍କ ସହିତ ରାତ୍ରୀଯାପନ କରିବା ଲାଗି ଚାପ ପକାଇଥିଲେ। ଏହା ନକଲେ ସେ ତାଙ୍କୁ ହତ୍ୟା କରିବେ ବୋଲି ଧମକ ଦେଇଥିଲେ। ସେଠାରେ ଉପସ୍ଥିତ ଥିବା ରଘୁନାଥ ସାହୁ ତାଙ୍କ ସହିତ ଜୋରଜବରଦସ୍ତ ଅସଦାଚରଣ କରିଥିଲେ। ସେ ରୁମରୁ ବାହାରକୁ ଧୌଡ଼ି ପଳାଇବା ଲାଗି ଯେତେବେଳେ ଚେଷ୍ଟା କଲେ, ସ୍ୱେତା, ଆନନ୍ଦ, ରୋହିତ, ମୁନା ଏବଂ ଅନ୍ୟ ଜଣେ ତାଙ୍କ ରାସ୍ତା ଅବରୋଧ କଲେ ଏବଂ ତାଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ତାଙ୍କ ବେକକୁ ଚାପି ଧରିଥିଲେ।

# ଖୋର୍ଦ୍ଧା ଆଇଟିବିପି କ୍ୟାମ୍ପସ ପରିସରରେ ଖୋଲିଲା କେନ୍ଦ୍ରୀୟ ବିଦ୍ୟାଳୟ

## କେନ୍ଦ୍ରୀୟ ବିଦ୍ୟାଳୟ ଦକ୍ଷ ଓ ଭବିଷ୍ୟତଗାମୀ ଛାତ୍ରଛାତ୍ରୀ ତିଆରି କରିବ : ଧର୍ମେନ୍ଦ୍ର ପ୍ରଧାନ

## ୩୦ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହେବ





ଖୋର୍ଦ୍ଧା,୧୪।୭(ନି.ପ୍ର.): କେନ୍ଦ୍ରୀୟ ବିଦ୍ୟାଳୟ ଗୁଡ଼ିକ କେବଳ ଛାତ୍ରଛାତ୍ରୀଙ୍କ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ଭବିଷ୍ୟତର ସର୍ବୋତ୍ତମ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ ବୋଲି ସୋମବାର ଖୋର୍ଦ୍ଧା ସ୍ଥିତ ଆଇଟିବିପି କ୍ୟାମ୍ପସ ପରିସରରେ ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟର କ୍ୟାମ୍ପସ ସ୍ଥାପନ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ଯେ ଆଇଟିବିପି କ୍ୟାମ୍ପସ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ସ୍ୱପ୍ନ ପୂରଣ ହୋଇଛି । ୩୦ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହେବ । ସ୍ୱଳ୍ପ ଦିନ ମଧ୍ୟରେ ଏହି ଅସ୍ଥାୟୀ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ ହେବ । ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବ । ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଆଇଟିବିପି କଲୋନୀରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସହ ପାଖାପାଖି ଅଞ୍ଚଳର ଗରିବ ପିଲାମାନେ ମଧ୍ୟ ଉପକୃତ ହେବେ। ଖୋର୍ଦ୍ଧା ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପହାର । ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବ । ଓଡ଼ିଶାରେ ଅନୁମୋଦିତ ନୂଆ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇଲେ ରାଜ୍ୟରେ ମୋଟ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହୋଇଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପୂର୍ବରୁ ଦେଶକୁ ଦୀର୍ଘ ସମୟ ପରାଧୀନ କରି ରଖିବା ପାଇଁ ବ୍ରିଟିଶ ତଥା ଟି.ବି.ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ୍ଚ କରିବାର ଏକ ପ୍ରକ୍ରିୟା ଥିଲା । ତେବେ ଏହି ଶିକ୍ଷା ନୀତିର ବିକଳ୍ପରେ ଦୀର୍ଘ ୩୪ ବର୍ଷ ପରେ ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହୋଇଛି । ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ ଭାରତର ସ୍ୱାଧୀନ ମାନସିକତାକୁ ବିକାଶ କରିବା । ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ର ପତି ଆନୁଗତ୍ୟକୁ ଜାଗ୍ରତ କରାଇବା । ଅପରପକ୍ଷରେ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପିଲାମାନେ ପାଠପଢ଼ାର ପ୍ରାରମ୍ଭିକ ସମୟରେ ନିଜ ମାତୃଭାଷାରେ ପାଠ ପଢ଼ିଲେ ସେମାନଙ୍କର ମୌଳିକ ଚିନ୍ତନର ପରିପ୍ରକାଶ ହୋଇଥାଏ । ମାତୃଭାଷାରେ ପାଠ ପଢ଼ିଲେ ହିଁ ଡ. ଏପିଜେ ଅବଦୁଲ କଲାମଙ୍କ ଭଳି ବ୍ୟକ୍ତିମାନେ ତିଆରି ହେବେ । ପିଲାମାନଙ୍କୁ ସାହସୀ, ଆତ୍ମବିଶ୍ୱାସୀ ଏବଂ ଆତ୍ମନିର୍ଭର କରିବା ପାଇଁ ହେଲେ ମାତୃଭାଷାରେ ଶିକ୍ଷା ଦେବା ପାଇଁ ପଡ଼ିବ । ଆମ ସାମ୍ନାରେ ଦୁଇଟି ବଡ଼ ଲକ୍ଷ୍ୟ ରହିଛି । ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ପଡ଼ିବ । ଏଥିପାଇଁ ଆମକୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ଦେବ । ଡିଗ୍ରୀ ଅପେକ୍ଷା ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦେବାକୁ ହେବ । ଦକ୍ଷତା ବୃଦ୍ଧିର ଅର୍ଥ ବ୍ୟବସାୟ କରିବା ନୁହେଁ ବରଂ ଡ୍ରୋନ୍ ବନାଇବା ସହ ଶିକ୍ଷାରେ ଏଆଇ ଭଳି ଅଗ୍ରଣୀ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରାଥମିକତା ଦେବାକୁ ପଡ଼ିବ । ଓଡ଼ିଆ ଯୁବକ ଚାକିରି ଖୋଜିବ ନାହିଁ, ଚାକିରିଦାତା ପାଇଁ ଲକ୍ଷ୍ୟ ରଖିବାକୁ ପଡ଼ିବ । ତେବେ ଯାଇଁ ଆମର ଏହି ଲକ୍ଷ୍ୟ ହାସଲ ହୋଇପାରିବ । ଆଜି ସେ ଦିଗରେ ଆମେ ଗୋଟିଏ ପାଦ ଆଗକୁ ବଢ଼ିଲେ ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଆସିଛି । ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟ ସହ ଖୋର୍ଦ୍ଧାର ଅନନ୍ୟ ସମ୍ପର୍କ ରହିଛି । ଖୋର୍ଦ୍ଧାର ବୀରତ୍ୱକୁ ଶବ୍ଦରେ ନୁହେଁ ଅଭିବ୍ୟକ୍ତି ମାଧ୍ୟମରେ ଅନୁଭବ କରାଯାଇପାରେ । ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଠାରୁ ଆରମ୍ଭ କରି ପ୍ରାଣନାଥ ପଟ୍ଟନାୟକଙ୍କ ଭଳି ବ୍ୟକ୍ତିମାନେ ଖୋର୍ଦ୍ଧାର ଟେକ ରଖିଛନ୍ତି । ଏହି ଜିଲ୍ଲା ଶିକ୍ଷା, ସାହିତ୍ୟ, ରାଜନୀତି, ପ୍ରଶାସନ ଏବଂ ସାମାଜିକ କ୍ଷେତ୍ରରେ ଅନେକ ଦକ୍ଷ ବ୍ୟକ୍ତିମାନଙ୍କୁ ତିଆରି କରିଛି, ଯେଉଁମାନେ ରାଜ୍ୟ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି ।

ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଆଇଟିବିପି ଖୋର୍ଦ୍ଧା ପରିସରରେ ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ପ୍ରମୁଖ ଉପସ୍ଥିତ ଥିଲେ ।

# ରାଜ୍ୟସ୍ତରୀୟ ୱାକୋ କିକ ବକ୍ସିଂରେ ଜଗତସିଂହପୁରକୁ ୨୦ ସ୍ୱର୍ଣ୍ଣ ସହ ୫୦ ପଦକ

ପାରାଦୀପ,୧୪।୭(ନି.ପ୍ର.): ଓଡିଶା ସରକାର ଙ୍କ କ୍ରୀଡା ଯୁବ ସେବା ବିଭାଗ ଏବଂ ୱାକୋ ଓଡିଶା ତରଫ ରୁ ଆୟୋଜିତ ରାଜ୍ୟ ସ୍ତରୀୟ କିକ ବକ୍ସିଂ ପ୍ରତିଯୋଗିତା ରେ ଜଗତସିଂହପୁର ଜିଲ୍ଲା ସଭାପତି ଅମର ଜ୍ୟୋତି ରାଉତ ଙ୍କ ନେତୃତ୍ୱ ରେ ୩୭ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରି ବିଭିନ୍ନ ବିଭାଗରୁ ୫କ୍ଷ ପଦକ ଅର୍ଜନ କରିଛନ୍ତି । ସେଥିରୁ ୨କ୍ଷ ଟି ସ୍ୱର୍ଣ ପଦକ ଏବଂ ୧୬ ଟି ରୌପ୍ୟ ପଦକ ରହିଛି ।ପ୍ରତିଯୋଗୀ ମାନଙ୍କ ସଫଳତା ପାଇଁ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର



ରାଉତ, ଆଇନଜୀବୀ ସଞ୍ଜୟ ବେହେରା ପ୍ରମୁଖ ଶୁଭେଚ୍ଛା ଜଣେଇଛନ୍ତି କ୍ଷ ସୂଚନା ଥାଉକି ଜିଲ୍ଲାର ଏହି ଟିମ ରେଫେରୀ କାହ୍ନୁ ମଲିକ ଏବଂ ମ୍ୟାନେଜେର ମୋନାଲିସା ସ୍ୱାଇଁ ଙ୍କ ନେତୃତ୍ୱରେ ଏହି କ୍ରୀଡ଼ାବିତ ମାନେ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେବର୍ଷା ପ୍ରିୟଦର୍ଶିନୀ ରାଉତ ୨ ଟି ସ୍ୱର୍ଣ୍ଣ, ଲବିତ୍ରା ଦାସ ୨ ସ୍ୱର୍ଣ୍ଣ, ଆୟୁଷ ସାହୁ ୨ ସ୍ୱର୍ଣ୍ଣ , ମାନସ ଦୋରା ୧ ସ୍ୱର୍ଣ୍ଣ, ଶୁଭଶ୍ରୀ ପ୍ରଧାନ ୧ ସ୍ୱର୍ଣ୍ଣ, ଅର୍ଚ୍ଚିତା ସେଠି ୧ ସ୍ୱର୍ଣ୍ଣ, ୧ ରୌପ୍ୟ , ଇଶନ ମହାନ୍ତି ୧ ସ୍ୱର୍ଣ୍ଣ, ୧ ରୌପ୍ୟ, ସୌମ୍ୟା ରାଉତ ୧ ସ୍ୱର୍ଣ୍ଣ, ଆକାଂକ୍ଷା ସାହୁ ୧ ସ୍ୱର୍ଣ୍ଣ, ହାର୍ଦ୍ଦିକ ମହାନ୍ତି ୧ ସ୍ୱର୍ଣ୍ଣ, ଅମିତ ୧ ସ୍ୱର୍ଣ୍ଣ, ସୁମେଶ ଦୋରା ୧ ସ୍ୱର୍ଣ୍ଣ, ଶୁଭଙ୍କର ୧ ସ୍ୱର୍ଣ୍ଣ,ଅରିଆ ଅମୃତା ୨ ରୌପ୍ୟ, ସୋମାଲିନ ୨ ରୌପ୍ୟ,ସୋନାକ୍ଷୀ ୧ ରୌପ୍ୟ, ପ୍ରଭାତ ୧ ରୌପ୍ୟ, ବ୍ରୋଞ୍ଜ, ଶୁଭମ ୧ ରୌପ୍ୟ, ସାଇ ସ୍ୱରୂପ ୧ ରୌପ୍ୟ, ବ୍ରୋଞ୍ଜ, ସୋହନଦୀପ ୧ ରୌପ୍ୟ, କହ୍ନେଇ ବେହେରା ୧ ରୌପ୍ୟ, ସୁବାଶିଷ ୧ ରୌପ୍ୟ, ମନସ୍ୱିନି ରାଉତ ୧ ରୌପ୍ୟ, ଜଗଦୀଶ ୧ ରୌପ୍ୟ, ସିଦ୍ଧାର୍ଥ ୨ ବ୍ରୋଞ୍ଜ, ତାରିଣୀ ୨ ବ୍ରୋଞ୍ଜ, ଅସୀମି ଆଦ୍ୟାଶା, ବିସ୍ମୟ ପରିଡା, ଅର୍ପିତରାଜ, ପ୍ରିୟାଂଶୁ, ସୌମ୍ୟ ରଞ୍ଜନ, ସୋହାଗ, ପ୍ରଜ୍ଞା ମଲିକ, ସନ୍ତୋଷ ପଟନାୟକ, ଶଶିକାନ୍ତ ସୁତାର ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ପାଇ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି ।

# ଜିଲ୍ଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ : ଜିଲ୍ଲା କାର୍ଯ୍ୟାଳୟ ଠାରେ ଅନୁଗୋଳ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୯ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୫ଟି ବ୍ୟକ୍ତିଗତ ଓ ୪ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି କରାଯାଇଥିଲା। ୪ଜଣଙ୍କୁ




ରେଡକ୍ରସ ପାଣ୍ଠିରୁ ୩୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ। ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।

# ଅବହେଳିତ ଟ୍ୟାଙ୍କର ଡ୍ରାଇଭରଙ୍କ ହକ ପାଇଁ ସ୍ୱର ଉତ୍ତୋଳନ କଲା ପୂର୍ବ ଉପକୂଳ ଶ୍ରମିକ ସଙ୍ଘ




ପାରାଦୀପ - ପାରାଦୀପ ସ୍ଥିତ ତୈଳ ଟର୍ମିନାଲ ରେ ଥିବା ବିପିସିଏଲ, ଏଚ୍‌ପିସିଏଲ ଓ ଆଇଓସିଏଲ ଡିପୁ ରେ ତେଲ ଟାଙ୍କିଗାଡି ଚଳାଉ ଥିବା ସମସ୍ତ ଚାଳକ ଏକାଠି ହୋଇ ଲଢୁଆ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କ ନେତୃତ୍ୱାଧୀନ ପୂର୍ବ ଉପକୂଳ ଶ୍ରମିକ ସଂଘ ଦ୍ୱାରା ଆୟୋଜିତ ହୋଇଥିବା ସାଧାରଣ ସଭାରେ ନିଜର ହକ ପାଇଁ ପ୍ରତିବାଦ କରିଥିଲେ ।ସୋମବାର ଦିନ ଟର୍ମିନାଲ ରେ ଥିବା ଆଇଓସିଏଲ ଡିପୁ ସମ୍ମୁଖରେ ଆୟୋଜିତ ସଭାରେ ପୂର୍ବ ଉପକୂଳ ଶ୍ରମିକ ସଂଘ ର ନେତୃ ମଣ୍ଡଳୀ କହିଥିଲେ ଯେ ତୈଳ କମ୍ପାନୀ ରେ ଟ୍ୟାଙ୍କର ଚଳାଉଥିବା ସମସ୍ତ ଡ୍ରାଇଭର କେନ୍ଦ୍ର ସରକାର ଙ୍କ ନିୟମ ଅନୁଯାୟୀ ପିଏଫ ଓ ଇଏସଆଇ ରେ ଅନ୍ତର୍ଭୁକ୍ତ ହବା କଥା ଏବଂ କ୍ୟାଣ୍ଟିନ ସୁବିଧା ଓ ବିଶ୍ରାମ ଗୃହ ସୁବିଧା ପାଇବା କଥା ।। କିନ୍ତୁ ଡ୍ରାଇଭର ମାନେ ସେମାନଙ୍କର ପାଇବାକୁ ଥିବା ହକ ପାଇଁ କେବେବି ସ୍ୱର ଉତ୍ତୋଳନ କରିନଥିଲେ। କିନ୍ତୁ ସମସ୍ତ ଡ୍ରାଇଭର ଆମ ସଂଘ ରେ ଯୋଗ ଦେବା ପରେ ସଭାପତି ପ୍ରକାଶ ତ୍ରିପାଠୀ ସେମାନଙ୍କ ସମସ୍ୟା କୁ ସମାଧାନ କରିବାକୁ ଚିନ୍ତା କରିଥିଲେ ଏବଂ ଏକତା ବଜାଇ ରଖିବାକୁ କହିଥିଲେ ।ଯାହା ପାଇଁକି ଆଜି ଏ ସାଧାରଣ ସଭାର ଆୟୋଜନ କରାଯାଇଅଛି । ପାରାଦୀପ ପୋର୍ଟ ଅଥରିଟି ତୈଳ କମ୍ପାନୀ ମାନଙ୍କୁ ଜମି ଦେଇଛନ୍ତି ଡିପୁ ଆଗରେ ଗାଡି ପାର୍କିଙ୍ଗ କରିବା ପାଇଁ । କିନ୍ତୁ ତୈଳ କମ୍ପାନୀ ମାନେ ନେଇଥିବା ଜାଗାକୁ ପାର୍କିଂ ପାଇଁ ସ୍ଥାୟୀ ବ୍ୟବସ୍ଥା କରୁନଥିବାରୁ ଗାଡି ଚାଳକ ମାନେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡି ଠିଆ କରାଉଛନ୍ତି । ଯେଉଁଥି ପାଇଁ ପାରାଦୀପ ର ଏଇଭଳି ଗୁରୁତ୍ୱପୂର୍ଣ୍ଣ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି । ସେଥିପାଇଁ ତୈଳ କମ୍ପାନୀମାନଙ୍କୁ ଏସବୁ ମୌଳିକ ସମସ୍ୟାକୁ ଖୁବ ଶିଘ୍ର ସମାଧାନ କରିବାକୁ ନେତୃମଣ୍ଡଳୀ ମାନେ ଜୋରଦାର ଦାବୀ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସଭାପତି ପ୍ରକାଶ ତ୍ରିପାଠୀ କହିଥିଲେ । ଉକ୍ତ ସଭାରେ ସଂଘର ସହ ସମ୍ପାଦକ ଦିଲ୍ଲୀପ ବଳିୟାର ସିଂ ସଭା ପରିଚାଳନା କରିଥିବା ବେଳେ ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ପ୍ରଧାନ, ଉପଦେଷ୍ଟା ସର୍ବ ?ଶ୍ୱର ବଳିୟାରସିଂ ଉପସଭାପତି ରତ୍ନାକର ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲା ବେଳେ ସନ୍ତୋଷ ନାୟକ, ବାଦଲ ମହାନ୍ତି, କୈଳାସ ନାୟକ ଓ ପ୍ରସନ୍ନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ ସଭାରେ ସହ ସହ ସଂଖ୍ୟାରେ ଡ୍ରାଇଭର ମାନେ ଉତ୍ସାହର ଯୋଗ ଦେଇଥିଲେ ।

# ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଜିଲ୍ଲା ଦୌରାଜଜ

ଯାଜପୁର,୧୪।୭(ନି.ପ୍ର.): ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି ଜିଲ୍ଲା ଓ ଦୌରା ଦୌରାଜଜ । ୨୦୨୧ମସିହା ଯାଜପୁର ଥାନା ରାହାସୋଇ ପଂଚାୟତ ବୃନ୍ଦାବନପୁର ଗ୍ରାମରେ ପୂର୍ବ ଶତ୍ରୁତାରୁ କେନ୍ଦ୍ରକରି ପ୍ରକାଶ ଦାସଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବ ପ୍ରସାଦ ମଲିକଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଲେ ଜିଲ୍ଲା ଜଜ । ସୂଚନା ଥାଉକି ପ୍ରକାଶ ଗାଁ ଦାଣ୍ଡରେ



ସବୁଦିନ ପରି ଦାନ୍ତ ଘଷୁଥିବା ସମୟରେ ଦେବ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ପ୍ରକାଶଙ୍କୁ ହାଣିଥିଲା । ପ୍ରକାଶଙ୍କ ତଣ୍ଟି ଅଧା କଟିଯିବାରୁ ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରାଯାଇଥିଲା। ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ପୋଲିସ ଦେବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ୨୨ଜଣ ସାକ୍ଷଙ୍କ ବୟାନ ଆଧାର କରି ଓ ୧୮ ଟି ଦସ୍ତାବିଜ କୁ ବିଚାର କୁ ନେଇ ଅଭିଯୁକ୍ତ ଦେବ କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି ଜିଲ୍ଲା ଓ ଦୌରା ଜଜ ଅମୃତ ରଞ୍ଜନ ନନ୍ଦ । ଆଜୀବନ କାରାଦଣ୍ଡାଦେଶ ସହ ୧୦ହଜାର ଟଙ୍କା ଜୋରିମାନା ଅନାଦାୟ ୬ମାସ ଅଧିକ ଜେଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାଟିକୁ ସରକାରୀ ଓକିଲ ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।

# ପରିବା ମାର୍କେଟରେ ଅଗ୍ନିକାଣ୍ଡ : ୫ ଦୋକାନ

ପାରାଦୀପ,୧୪।୭(ନି.ପ୍ର.): ପାରାଦୀପ ବଡପଡିଆରେ ଥିବା ଅସ୍ଥାୟୀ ପରିବା ମାର୍କେଟ୍‌ରେ ଅଗ୍ନିକାଣ୍ଡ ଘଟି ୫ଟି ଦୋକାନ ଜଳି ପୋଡି ପାଉଁଶ ହୋଇଯାଇଛି। ରବିବାର ବିଳମ୍ବିତ ରାତି ସାଢେ ୩ଟାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଖବର ପାଇ ପାରାଦୀପ ବନ୍ଦର ଓ କୁଜଙ୍ଗ ଅଗ୍ନିଶମ ବିଭାଗ ର ଗାଡି ଓ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଥିବା ବେଳେ ଏହି ଅଗ୍ନିକାଣ୍ଡ ଯୋଗୁଁ ୫ ଲକ୍ଷ ଟଙ୍କାର ସମ୍ପତ୍ତି ଜଳିଯାଇଥିବା କୁହାଯାଉଛି । ରବିବାର ବିଳମ୍ବିତ ରାତିରେ କୌଣସି କାରଣରୁ ପଲିଥିନ ପାଲରେ ନିଆଁ ଲାଗି ୫ଟି ଦୋକାନ ଜଳି ଯାଇଛି। ଦୋକାନୀ ବାବୁନି ସାହୁ, ଚାବୁନି ସାହୁ, ଜୟଦେବ ମହାପାତ୍ର,ମଣ୍ଟୁ ନାୟକ,ସୁରେନ୍ଦ୍ର ସାହୁଙ୍କ ଦୋକାନ ପୋଡି ଯାଇଥିବା ଜଣାପଡିଛି। ଦୋକାନରେ ଥିବା ପନିପରିବା, କ୍ୟାସ ବାକ୍ସ, ଇଲେକଟ୍ରୋନିକ୍ସ କମ୍ପ୍ୟୁଟର କଣ୍ଟା,ପରିବା,ଫ୍ୟାନ ଆଦି ପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅସ୍ଥାୟୀ ପରିବା ଦୋକାନ ପିଣ୍ଡିରେ କୌଣସି ବିଦ୍ୟୁତ ସଂଯୋଗ ନଥିବା ବେଳେ କେଉଁ କାରଣରୁ ନିଆଁ ଲାଗଛି ତାହା ସ୍ପଷ୍ଟ ହୋଇ ପାରିନାହିଁ। ମଶା ଧୂପରୁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ସକାଳେ ପାରାଦୀପ ବନ୍ଦର ବଣିକ ସଂଘ ସଭାପତି କ୍ଷୀରୋଦ ଚନ୍ଦ୍ର ସ୍ୱାଇଁ ପହଞ୍ଚି ସ୍ଥିତି ସମୀକ୍ଷା କରି ଏହି ମାର୍କେଟ ରେ ସ୍ଥାୟୀ ପିଣ୍ଡି ନିର୍ମାଣ ପାଇଁ ବନ୍ଦର ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେହିପରି ବଣିକ ସଂଘର ଉପଦେଷ୍ଟା ତଥା ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ସମୀକ୍ଷା କରିଥିଲେ।

# ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ

ଡେଲାଙ୍ଗ,୧୪।୭; ଡେଲାଙ୍ଗ ବ୍ଲକ ଧାନକେରା ପଂଚାୟତ ଅର୍ନ୍ତଗତ ଶରଧାପୁର ସେବା ସମବାୟ ସମିତିରେ ପଞ୍ଜିକୃତ ଚାଷୀ ମାନଙ୍କ ଠାରୁ ମଣ୍ଡିରେ ଧାନ ନନେବାରୁ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏନେଇ ସୋମବାର ଦିନ ୧୧ଟା ଠାରୁ ୩୦ଜଣ ରୁ ଅଧିକ ଚାଷୀ ଶରଧାପୁର ସେବା ସମବାୟ ସମିତି ସମ୍ମୁଖରେ ଧାରଣା ଦେଇ ବସିଛନ୍ତି। ମଣ୍ଡିରେ ଧାନ ନଦେଲା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି ଚାଷୀମାନେ କହିଛନ୍ତି। ସୁଚନା ଥାଉକି ଚଳିତ ବର୍ଷ ରବିଋତୁ ପାଇଁ ଏହି ସେବା ସମବାୟ ସମିତି ଅଧିନରେ ୩୫୦ଜଣ ଚାଷୀ ଧାନ ଦେବା ପାଇଁ ପଞ୍ଜିକୃତ କରିଥିଲେ। ୨୦୭ଜଣ ଚାଷୀଙ୍କ ଠାରୁ ମଣ୍ଡିରେ ଧାନ କିଣା ଯାଇଥିବା ବେଳେ ୧୪୩ଜଣ ଚାଷୀ ଧାନଦେବାରୁ ବଚିଂତ ରହିଥିବା ବିଶେଷ ସୁତ୍ରରୁ ଜଣାପଡିଛି। ବିଭାଗ ପକ୍ଷରୁ ମିଳିଥିବା ସୁଚନା ମୁତାବକ ୧୧ହଜାର କୁଇଟାଂଲ ୪ଶହ ୮୭ କେଜି ଧାନ କିଣିବାକୁ ଟାରେଗେଟ ଆସିଥିବା ବେଳେ ଚଳିତ ବର୍ଷ ୨୦୭ ଜଣ ଚାଷୀଙ୍କ ଠାରୁ ୧୦ହଜାର କୁଇଟାଂଲ ୭ଶହ ୫୦ କେଜି ଧାନ ମଣ୍ଡିରେ କିଣାଯାଇଛି । ଏହି ସେବା ସମବାୟ ସମିତିରୁ ୩ଟି ରାଇସିଲ ଧାନ ନେଇଥିଲା। ଚଳିତ ବର୍ଷ ରବି ଋତୁ ପାଇଁ ଜୁନ ୩୦ ତାରିଖ ଧାନ କିଣିବାର ଶେଷ ଦିନ ରହିଥିଲା। ସେଥିପାଇଁ କେତେକ ଚାଷୀ ମଣ୍ଡିରେ ଧାନ ଦେବାରୁ ବାଦ ପଡିଥିଲେ । ଅନ୍ୟପଟେ ଅନ୍ଦୋଳନରତ ଚାଷୀ ସେବା ସମବାୟ ସମିତିର ସମ୍ପାଦକଙ୍କ ନାମରେ ସଙ୍ଗିନ ଅଭିଯୋଗ କରିଛନ୍ତି। ସମ୍ପାଦକଙ୍କ ମନମୁଖୀ କାର୍ଯ୍ୟ ଏବଂ ହାତ ଗୁଞ୍ଜା ପାଇଁ ଏହି ଚାଷୀମାନେ ମଣ୍ଡିରେ ଧାନ ଦେଇ ପାରିନଥିବା ଅଭିଯୋଗ କରିଛନ୍ତି। ସମ୍ପାଦକ ମଣ୍ଡିରେ ବ୍ୟବସାୟ ଉଦ୍ଦେଶ୍ୟ ରଖି ଧାନ କିଣିଛନ୍ତି। ଧାର୍ଯ୍ୟ ସିରିଏଲ ତାରିଖକୁ ବାଦ ଦେଇ ପରବର୍ତୀ ଚାଷୀଙ୍କ ଠାରୁ ଧାନ କିଣିଥିଲେ। ୩୦ ତାରିଖ ଶେଷ ଦିନରେ ଶରଧାପୁର ସେବା ସମବାୟ ସମିତିରେ ମଣ୍ଡିରେ ଧାନ କିଣା ନଯାଇ ମଧ୍ୟ ବହୁ ଚାଷୀଙ୍କ ଅଖି ସ୍ନାନ କରିଥିଲେ।

# ଖୁବଶୀଘ୍ର ସରୁଛି ବନ୍ତିଲୋ ସ୍ୱାସ୍ଥ୍ୟକେନ୍ଦ୍ର କାମ

ଅସ୍ତରଙ୍ଗ,୧୪।୭(ନି.ପ୍ର.): ସ୍ୱାସ୍ଥ୍ୟ ସେବାକୁ ନେଇ ଭିନ୍ନ ଭିନ୍ନ ସମୟରେ ଅନେକ ପ୍ରକାର ସମସ୍ୟା ସାମ୍ନା କୁ ଆସିଥାଏ, ଏହାକୁ ଦୃଷ୍ଟିରେ ରଖି ଗତ ସରକାର ସମୟରେ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀନରେ ସ୍ଥାନୀୟ ଲୋକ ମାନଙ୍କୁ ସୁବିଧା ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ନିମନ୍ତେ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରତିଷ୍ଠା କରାଯାଇଛି। ଅସ୍ତରଙ୍ଗ ବ୍ଲକ ବନ୍ତିଲୋ ରେ ଦୀର୍ଘ ସମୟ ପୂର୍ବରୁ ଗୋଟେ ସ୍ୱାସ୍ଥ୍ୟକେନ୍ଦ୍ର ର ଆବଶ୍ୟକତା ରହିଥିଲା, କାରଣ ଏହି ଅଞ୍ଚଳ ରୁ ଅସ୍ତରଙ୍ଗ ମୁଖ୍ୟ ଚିକିତ୍ସାକେନ୍ଦ୍ର ୧୦ କିଲୋମିଟର ରୁ ଅଧିକ, ଏହି ଅଞ୍ଚଳବାସୀ କିଛି ଗୁରୁତ୍ୱର ହେଲେ ରାତିରେ ଅସ୍ତରଙ୍ଗ ଆସିବା ପାଇଁ ବହୁ କଷ୍ଟସାଧ ହୁଏ, ତେଣୁକରି ଅନେକ ଥର ଏହି ବାବଦରେ ଖବର ପ୍ରସାରଣ ହୋଇଆସୁଥିଲା, ଆଜି ସେହି ସମସ୍ୟା ଉପରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଦାନ ରେ ୨୦୨୩ ମସିହା ନଭେମ୍ବର ୩୦ ତାରିଖରେ ବନ୍ତିଲୋ ରେ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା, ସମୁଦାୟ ୮୯ ଲକ୍ଷ ଟଙ୍କାର ବେୟବରାଦ ରେ ୪ହଜାର ସ୍କ୍ୱାୟାର ଫୁଟର କାର୍ଯ୍ୟ, ଯେଉଁଥିରେ ରହିଛି ଭିନ୍ନ ଭିନ୍ନ ବହିବିଭାଗ ଡାକ୍ତରଙ୍କ ପରାମର୍ଶ କେନ୍ଦ୍ର, ଅସ୍ତ୍ରୋପଚାର କକ୍ଷ, ରୋଗୀ ଙ୍କ ଅପେକ୍ଷା ସ୍ଥଳୀ, ନିରାମୟ କେନ୍ଦ୍ର, ରକ୍ତପରୀକ୍ଷା କେନ୍ଦ୍ର କୁ ନେଇ ୧୧ ଗୋଟି ଗୃହ, ଶୁଭ ଦିଆଯିବା ର ମାତ୍ର ୧ ବର୍ଷ ଭିତରେ ହସ୍ପିଟାଲ କାର୍ଯ୍ୟ ପୂର୍ଣ୍ଣାଙ୍ଗ ରୂପ ନେଇସାରିଛି। ଉପଯୁକ୍ତ କାମ ପ୍ଲାଷ୍ଟର କଲର ୱାରିଙ୍ଗ ପାଣି ଲାଇନି ରେ ଉନ୍ନତ ମାନ ର କାର୍ଯ୍ୟ ଚାଲିଛି ବୋଲି ବନ୍ତିଲୋ ଗ୍ରାମବାସି ମାନେ ପ୍ରକାଶ କରିଛନ୍ତି ହର ଷ୍ଟୟକ୍ଟ କାମ ତଦାରଖ କରି ସମୟ ପୂର୍ବକ ସମସ୍ତ କାମ ସରି ଯାଇଛି ବୋଲି କହିଛନ୍ତି ନିଯୋଜିତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧୀନରେ ହେଉଥିବା କାର୍ଯ୍ୟ ପୂର୍ଣ୍ଣାଙ୍ଗ ରୂପରେଖ ନେଇ ଲୋକ ମାନଙ୍କୁ ଉପହାର ଦିଆଯିବ ବୋଲି ଅଞ୍ଚଳ ବାସି ମାନଙ୍କ ଭିତରେ ଏକ ପ୍ରକାର ଖୁସି ର ପରିବେଶ ସୃଷ୍ଟି ହୋଇଛି।



(ପ୍ରଥମ ପୃଷ୍ଠାରୁ)

## ରାହୁଲ...

କରୁଥିଲା, ପ୍ରଦର୍ଶନକାରୀମାନେ ରଶି କର୍ଡନ୍ ଭିତରକୁ ପ୍ରବେଶ କରି ମେସିନ୍ ବନ୍ଦ କରିବାକୁ ଚାହୁଁଥିଲେ; ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରିଥିଲା। ତେଣୁ, ଏପରି ପରିସ୍ଥିତି ସୃଷ୍ଟି ହେଲା ଯେ ଉଭୟ ପାର୍ଶ୍ୱରୁ ଠେଲାପେଲି ଏବଂ ଟାଣିବା ଆରମ୍ଭ ହେଲା। ପ୍ରତିବାଦକାରୀମାନଙ୍କୁ ଭୟଭୀତ କରିବା ପାଇଁ ସେମାନଙ୍କର ପ୍ରୟାସରେ, ପୋଲିସ ଲୁହ ବୋମା ସେଲ୍ ଏବଂ ରବର ଗୁଳି ବ୍ୟବହାର କଲା। ଯେତେବେଳେ 'ଶାନ୍ତିପୂର୍ଣ୍ଣ' ଉପାୟ ଭିଡ଼କୁ ଘଉଡ଼ାଇ ଦେବାରେ ବିଫଳ ହେଲା, ପୋଲିସ ଜୀବନ୍ତ ଗୁଳି ବ୍ୟବହାର କଲା। ଏସବୁ ଶୀଘ୍ର କରାଯାଇଥିଲା। ଆଦିବାସୀମାନେ, ଯେଉଁମାନେ କିଛି ଧନୁ ଏବଂ ତୀର ଧରି ସଜ୍ଜିତ ଥିଲେ, ଆତ୍ମରକ୍ଷା ପାଇଁ ପ୍ରତିରୋଧ କରିଥିଲେ। କିନ୍ତୁ ସେମାନଙ୍କର ପ୍ରତିରୋଧକୁ ଏକ ନିଷ୍ଠୁର କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡିଲା। ମହିଳା ଏବଂ ଶିଶୁ ସମେତ ବାର ଜଣ ଆଦିବାସୀ ଗ୍ରାମବାସୀଙ୍କୁ ପୋଲିସ ଗୁଳିରେ ହତ୍ୟା କରାଯାଇଥିଲା। ମୃତକଙ୍କ ମଧ୍ୟରେ ଜଣେ ୧୩ ବର୍ଷୀୟ ବାଳକ ଏବଂ ତିନି ଜଣ ମହିଳା ଥିଲେ। ଏହି ଗଣହତ୍ୟା ସମଗ୍ର ଅଞ୍ଚଳରେ ବ୍ୟାପକ ପ୍ରତିବାଦ ଏବଂ ଏକତା ସୃଷ୍ଟି କରିଥିଲା। ପୋଲିସ ଗୁଳିରେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଥିବା ଆଦିବାସୀ ଗ୍ରାମବାସୀମାନଙ୍କ ସହିତ ଏକତାରେ ଇସ୍ପାତ ଶ୍ରମିକମାନେ ଯୋଗ ଦେଇଥିଲେ, ଯେଉଁମାନେ କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଅବସ୍ଥିତ ଜିନ୍ଦଲ ଏବଂ ମେସ୍କ ଇସ୍ପାତ କାରଖାନାରେ କାମ କରୁଥିଲେ। କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅବମାନନା ଏବଂ ନିଷ୍ପେଷିତ ଗ୍ରାମବାସୀଙ୍କ ସମର୍ଥନରେ, ଜିନ୍ଦଲ ଏବଂ ମେସ୍କ କାରଖାନାର ଇସ୍ପାତ ଶ୍ରମିକମାନେ ଧର୍ମଘଟ କରିଥିଲେ। କଳିଙ୍ଗ ନଗର ଗଣହତ୍ୟାର ଦେଶବ୍ୟାପୀ ଉତ୍ତ ?ଜନାର ପ୍ରତିକ୍ରିୟାରେ, ରାଜ୍ୟ ସରକାର ପ୍ରଥମେ ପୋଲିସ ଗୁଳି ଏବଂ ପରବର୍ତ୍ତୀ ମୃତ୍ୟୁର ତଦନ୍ତ ପାଇଁ ଜଷ୍ଟିସ୍ ଏ.ଏସ୍. ନାଇଡୁ କମିଶନ ଗଠନ କରିଥିଲେ।

# ଜିଲ୍ଲାସ୍ତରୀୟ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

ଅନୁଗୋଳ,୧୪।୭(ନି.ପ୍ର.): ଆଜି ଜିଲ୍ଲାପାଳ ଅବଦାଲ ମୁହମ୍ମଦ ଅଖତରଙ୍କ ଅଧ୍ୟକ୍ଷତାରେ କଣିହାଁ ବ୍ଲକ୍ କାର୍ଯ୍ୟାଳୟ ଠାରେ ଜିଲ୍ଲା ସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୨୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥ ?ମଧ୍ୟରୁ ୨୦ଟି ବ୍ୟକ୍ତିଗତ ଓ ୬ଟି ଗ୍ରାମ୍ୟଭିତ୍ତିକ ଅଭିଯୋଗର ଶୁଣାଣି ହୋଇଥିବାବେଳେ ୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା । ୨ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୭ହଜାର ୫୦୦ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ତାଳଚେର ଉପଜିଲ୍ଲାପାଳ ସମୀର କୁମାର ଜେନା, ଡେପୁଟୀ କଲେକ୍ଟର ଶୁଭଦର୍ଶନ ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଗୌରୀ ଶଙ୍କର ବଳ, କଣିହାଁ ତହସିଲଦାର ଚିନ୍ମୟ ଦାସ, କଣିହାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମୁରା, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ନିରଞ୍ଜନ ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲିପ କୁମାର ମିଶ୍ର, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ନିରୁପମା ପାଣି, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଉମା ଶଙ୍କର ମିଶ୍ର, ଜିଲ୍ଲା ମୁଖ୍ୟପ୍ରାଣୀ ଚିକିତ୍ସା ଅଧିକାରୀ ଡ.ନିରୋଦ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣମହାପାତ୍ରଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ । ଏହି ଶିବିରକୁ ଆସିଥିବା ଲୋକମାନେ ଗ୍ରାମ୍ୟ ସମସ୍ୟା, ସ୍ୱାସ୍ଥ୍ୟ, ଗ୍ରାମୀଣ ଆବାସ, ଜମିଜମା ସମ୍ବନ୍ଧୀୟ,ବ୍ୟକ୍ତିଗତ ସମସ୍ୟା ସମେତ ବିଭିନ୍ନ ଅଭିଯୋଗ ଦାଖଲ କରିଥିଲେ ।



Printed and Published by Sitesh Kumar Rout _ owned by Manthan Printers Pri\ate Limited and Printed at WEB LINE, Plot No. D-2/19, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at A-17/8, Surya Nagar, Unit-7, Bhubaneswar-3, Dist- Khurda (Odisha), Tele-Fax: Ph. No: (0674) 2397438, 8895060520, 8178826522 (ବାର୍ତ୍ତା ସମ୍ପାଦକ), Email : odishamanthan@gmail.com
● Editor : Sarat Raut
ସଂପାଦକ: ଶରତ ରାଉତ